

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୨୭ ସେପ୍ଟେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 27 SEPTEMBER 2021
Vol.No. 32 ■ No. 248 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଯୋଗୀ ଆଦିତ୍ୟନାଥଙ୍କ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ

## ଜିତିନଙ୍କ ସମେତ ୭ ମନ୍ତ୍ରୀ ନେଲେ ଶପଥ



ଲକ୍ଷ୍ନୌ,୨୬/୦୯: ଆସନ୍ତାବର୍ଷ ଅର୍ଥାତ୍ ୨୦୨୨ରେ ହେବାକୁଥିବା ବିଧାନସଭା ନିର୍ବାଚନର କିଛି ମାସ ପୂର୍ବରୁ ଉତ୍ତର ପ୍ରଦେଶରେ ଯୋଗୀ ମନ୍ତ୍ରିମଣ୍ଡଳର ସମ୍ପ୍ରସାରଣ କରାଯାଇଛି। ଉତ୍ତର ପ୍ରଦେଶରେ ଆଜି ୭ ନୂଆ ମୁହଁ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ନିକଟରେ କଂଗ୍ରେସରୁ ବିଜେପିରେ ସାମିଲ୍ ହୋଇଥିବା ଜିତିନ୍ ପ୍ରସାଦ, ବିଜେପି ନେତା ପଲଟୁ ରାମ, ଛତ୍ରପାଲ୍ ସିଂହ ଗଙ୍ଗୱାର, ସଂଗୀତା ବଲୱନ୍ତ ବିନ୍ଦ, ଧର୍ମବୀର ପ୍ରଜାପତି, ସଞ୍ଜୀବ କୁମାର ଗୌର ଓ ଦିନେଶ ଖଟିକ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ରାଜ୍ୟପାଳ ଆନନ୍ଦୀବେନ୍ ପଟେଲ ରାଜଭବନର ଗାନ୍ଧି ସଭାଗୃହରେ ଆୟୋଜିତ ସମାରୋହରେ ୭ଜଣ ମନ୍ତ୍ରୀଙ୍କୁ ଶପଥ ପାଠ କରାଇଛନ୍ତି। ଜିତିନ ପ୍ରସାଦ କ୍ୟାବିନେଟ ମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଥିବାବେଳେ ଅନ୍ୟମାନେ ରାଜ୍ୟ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ପୂର୍ବରୁ କେନ୍ଦ୍ର ମାନବ ସମ୍ବଳ ରାଷ୍ଟ୍ର ମନ୍ତ୍ରୀ ଥିବା ଜିତିନ ପ୍ରସାଦ କଂଗ୍ରେସ ଛାଡି ଭାରତୀୟ ଜନତା ପାର୍ଟି (ବିଜେପି)ରେ ଯୋଗ ଦେଇଥିଲେ। ରାଜ୍ୟ କ୍ୟାବିନେଟ ସମ୍ପ୍ରସାରଣରେ ତାଙ୍କୁ ମନ୍ତ୍ରୀ ପଦ ମିଳିବା ଏକପ୍ରକାର ନିଶ୍ଚିତ ଥିଲା। ରାଷ୍ଟ୍ର ମନ୍ତ୍ରୀ ହୋଇଥିବା ଛତ୍ରପାଲ୍ ସିଂହ ଗଙ୍ଗୱାର ବରେଲୀର ବାହେରୀ ଆସନରୁ ବିଧାୟକ ଅଛନ୍ତି। ଅନ୍ୟପଟେ ପଲଟୁ ରାମ ବଳରାମପୁର ଆସନରୁ, ସଂଗୀତା ବଲୱନ୍ତ ଗାଜିପୁର, ସଞ୍ଜୀବ କୁମାର ସୋନଭଦ୍ର ଜିଲ୍ଲାର ଓବ୍ରା ଏବଂ ଦିନେଶ ଖଟିକ ମୀରଟର ହସ୍ତିନାପୁର ଆସନରୁ ବିଧାୟକ ଅଛନ୍ତି। ସେହିପରି ଆଗ୍ରାର ଧର୍ମବୀର ସିଂହ ପ୍ରଜାପତି ବିଧାନ ପରିଷଦ ସଦସ୍ୟ ଅଛନ୍ତି। ସଂଯୋଗ ବଶତଃ ମୋଦି ସରକାରରେ ଜଣେ ବ୍ରାହ୍ମଣ ଓ ୬ ଜଣ ଦଳିତଙ୍କୁ ମନ୍ତ୍ରୀ କରାଯାଇଥିଲା। ଏବେ ଯୋଗୀ ସରକାରରେ ମଧ୍ୟ ଜଣେ ବ୍ରାହ୍ମଣ ଓ ୬ ଜଣ ଦଳିତଙ୍କୁ ଶପଥ ଦିଆଯାଇଛି। ଜିତିନ୍ ପ୍ରସାଦ ବ୍ରାହ୍ମଣ ସମ୍ପ୍ରଦାୟରୁ ଆସିଛନ୍ତି। ରାଜ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଏଭଳି ସମୟରେ କରାଯାଇଛି, ଯେତେବେଳେ ରାଜ୍ୟର ବିଧାନସଭା ନିର୍ବାଚନକୁ ଆଉ ପାଖାପାଖି ପାଞ୍ଚ ମାସ ସମୟ ରହିଛି। ଏହି ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପୂର୍ବରୁ ପ୍ରଦେଶ ସରକାରରେ ମୁଖ୍ୟମନ୍ତ୍ରୀ ସମେତ ୨୩ କ୍ୟାବିନେଟ୍ ମନ୍ତ୍ରୀ, ସ୍ୱାଧୀନ ଦାୟିତ୍ୱରେ ଥିବା ୯ ରାଷ୍ଟ୍ର ମନ୍ତ୍ରୀ ଓ ୨୧ ରାଷ୍ଟ୍ର ମନ୍ତ୍ରୀ ଥିଲେ। ରାଜ୍ୟ ବିଧାନସଭାରେ ସଦସ୍ୟ ସଂଖ୍ୟା ୪୦୩ ଅଛି। ଆଉ ନିୟମାନୁସାରେ ସେଥିମଧ୍ୟରୁ ୬୦ ଜଣଙ୍କୁ ମନ୍ତ୍ରୀ କରାଯାଇପାରିବ, କିନ୍ତୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପୂର୍ବରୁ କେବଳ ୫୩ ମନ୍ତ୍ରୀ ଥିଲେ ଏବଂ ୭ ପଦବୀ ଖାଲି ଥିଲା, ଯାହା ଆଜି ପୂରଣ ହୋଇଛି। ୟୁପିର ତିନି ଜଣ ମନ୍ତ୍ରୀଙ୍କର କରୋନାଜନିତ ମୃତ୍ୟୁ ହୋଇଥିଲା।

# ସନ୍ଥଗୁଡ଼ାରେ ଲ୍ୟାଣ୍ଡଫଲ୍ କଲା ଗୁଲାବ



ଭୁବନେଶ୍ୱର,୨୬/୦୯(ନି.ପ୍ର): ଆନ୍ଧ୍ର ଶ୍ରୀକାକୁଲମର ସନ୍ଥଗୁଡ଼ାରେ ଲ୍ୟାଣ୍ଡଫଲ୍ କରିଛି ଗୁଲାବ । ଶ୍ରୀକାକୁଲମରେ ବର୍ତ୍ତମାନ ୭୦ କିମି ବେଗରେ ପବନ ବହୁଛି । ଓଡ଼ିଶାରେ ବର୍ତ୍ତମାନ ସୁଦ୍ଧା ବିଶେଷ ପ୍ରଭାବ ପଡ଼ିନି । କୌଣସି କ୍ଷୟକ୍ଷତି ହୋଇନି । ଗଞ୍ଜାମ, ଗଜପତି, ରାୟଗଡ଼ାରେ ପବନ ବିଶେଷ ନାହିଁ । ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା କାଁ ଭାଁ ହେଉଛି । ଶ୍ରୀକାକୁଲମରୁ କୋରାପୁଟ ଜିଲ୍ଲାକୁ ପଶିବ ବାତ୍ୟା ଗୁଲାବ । ପ୍ରଭାବରେ ରାତିରେ ଗଜପତି, ରାୟଗଡ଼ା, କୋରାପୁଟରେ ବର୍ଷା ବଢ଼ିବ । ଗଜପତି, ରାୟଗଡ଼ା, କୋରାପୁଟରେ ଅତିପ୍ରବଳ ବର୍ଷା ମଧ୍ୟ ହୋଇପାରେ । ତେବେ ଓଡ଼ିଶାରେ ପବନର ବେଗ କମିବ ବୋଲି ଅନୁମାନ କରାଯାଉଛି । ଅତି ବେଶିରେ ୫୦/୬୦ କିମି ବେଗରେ ବହିବ । ବର୍ତ୍ତମାନ ସୁଦ୍ଧା ୩୯ ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି । ଗଞ୍ଜାମରେ ସର୍ବାଧିକ ୧୦ ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିବା ସୂଚନା ରହିଛି । ଆଇଏମ୍‌ଡିର ପୂର୍ବ ଆକଳନ ଅନୁଯାୟୀ, ପବନର ବେଗ ସର୍ବାଧିକ ୭୫ରୁ ୮୫ କିଲୋମିଟର ପର୍ଯ୍ୟନ୍ତ ରହିବ । ଏହାର ପ୍ରଭାବ ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଅନୁଭୂତ ହେବ । ଅନ୍ୟପକ୍ଷରେ ବାତ୍ୟା ଗୁଲାବ ଯୋଗୁଁ ପ୍ରବଳ ବର୍ଷା ସମ୍ଭାବନା ଥିବା ୭ଟି ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି । ସେସବୁ ଜିଲ୍ଲାଗୁଡ଼ିକ ହେଲା ଗଞ୍ଜାମ, ଗଜପତି, କନ୍ଧମାଳ, ରାୟଗଡ଼ା, କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ସେହିପରି ପୁରୀ, ଖୋର୍ଦ୍ଧା, ନୟାଗଡ଼ ଓ କଳାହାଣ୍ଡି ଜିଲ୍ଲାକୁ ଅରେଞ୍ଜ୍ ୱାର୍ଣ୍ଣିଂ ଜାରି କରାଯାଇଛି ଏହାବାଦ୍ ୧୦ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି ।

# ଚନ୍ନିଙ୍କ ନୂଆ ଟିମ୍, ଶପଥ ନେଲେ ୧୫ ମନ୍ତ୍ରୀ



ଚଣ୍ଡିଗଡ,୨୬/୦୯: ପଞ୍ଜାବର ନୂଆ ମୁଖ୍ୟମନ୍ତ୍ରୀ ଚରଣଜିତ୍ ସିଂହ ଚନ୍ନିଙ୍କର ନୂଆ କ୍ୟାବିନେଟର ଶପଥ ଗ୍ରହଣ ସମାରୋହ ରାଜଭବନରେ ସମ୍ପନ୍ନ ହୋଇଛି। ପଞ୍ଜାବର ଚନ୍ନି ସରକାରରେ ୧୫ ଜଣ ମନ୍ତ୍ରୀ ପଦର ଶପଥ ନେଇଛନ୍ତି। ହେଲେ କାହାକୁ କେଉଁ ପଦ ମିଳିବ, ତା'ର ସୂଚନା ମିଳିନାହିଁ। ପାର୍ଟିରେ ରାଣା ଗୁରଜିତ୍ ସିଂହଙ୍କୁ ବିରୋଧ ସତ୍ତ୍ୱେ ଚରଣଜିତ୍ ଚନ୍ନି ତାଙ୍କୁ ମନ୍ତ୍ରୀ କରିଛନ୍ତି। ପଞ୍ଜାବ ରାଜ୍ୟପାଳ ବନୱାରୀଲାଲ ପୁରୋହିତ୍ ଚଣ୍ଡିଗଡ଼ ରାଜଭବନରେ କଂଗ୍ରେସ ବିଧାୟକ ବ୍ରହ୍ମା ମହିନ୍ଦ୍ରା, ଭରତ ଭୂଷଣ, ମନପ୍ରୀତ ବାଦଲ, ତୃପ୍ତ ରାଜିନ୍ଦର ସିଂହ ବାଜୱା, ପର୍ଗତ ସିଂହ, ସୁଖବିନ୍ଦର ସକାରିଆ, ବିଜେନ୍ଦ୍ର ସିଂହ ସିଙ୍ଗଲା, ରାଜକୁମାର ଭେର୍କା, ରାଣା ଗୁରଜିତ୍ ସିଂହ, ସଂଗତ ସିଂହ ଗିଲଜିଆନ୍, ରଣଦୀପ ସିଂହ ନାଭା, ଅରୁଣା ଚୌଧୁରୀ, ରାଜିଆ ସୁଲତାନା, ଗୁରକିରତ୍ କୋଟଲୀ, ଅମରିନ୍ଦର ସିଂହ ରାଜା ୱାରିଙ୍ଗଙ୍କୁ ଶପଥ ପାଠ କରାଇଛନ୍ତି। କ୍ୟାବିନେଟ୍ ମନ୍ତ୍ରୀ ଭାବେ ଶପଥ ନେଇଥିବା ମନପ୍ରୀତ ସିଂହ ବାଦଲ, ବ୍ରହ୍ମା ମହିନ୍ଦ୍ରା, ଅରୁଣା ଚୌଧୁରୀ, ତୃପ୍ତ ରାଜିନ୍ଦର ସିଂହ ବାଜୱା, ସୁଖବିନ୍ଦର ସିଂହ ସକାରିୟା, ରାଜିଆ ସୁଲତାନା, ବିଜେନ୍ଦ୍ର ସିଂହ ସିଙ୍ଗଲା, ଭରତ ଭୂଷଣ ଆଶୁ ପୂର୍ବ କ୍ୟାପଟେନ୍ ସରକାରରେ ମଧ୍ୟ କ୍ୟାବିନେଟ୍ ମନ୍ତ୍ରୀ ଥିଲେ। ଏହାବ୍ୟତୀତ ୭ ନୂଆ ମୁହଁଙ୍କୁ ଏଥର କ୍ୟାବିନେଟରେ ସ୍ଥାନ ମିଳିଛି। ସେମାନେ ହେଲେ ରାଣା ଗୁରଜିତ୍ ସିଂହ, ରଣଦୀପ ସିଂହ ନାଭା, ରାଜ କୁମାର ଭେର୍କା, ସଂଗତ ସିଂହ ଗିଲଜିଆନ୍, ପରଗତ ସିଂହ, ଅମରିନ୍ଦର ସିଂହ ରାଜା ୱାରିଙ୍ଗ ଓ ଗୁରକିରତ ସିଂହ କୋଟଲୀ।

## ସମୁଦ୍ରରେ ଭାସିଗଲେ ଦୁଇ ପର୍ଯ୍ୟଟକ

ଜଳେଶ୍ୱର,୨୬/୦୯ (ନି.ପ୍ର): ସମୁଦ୍ରରେ ଗାଧୋଇବା ବେଳେ ଭାସିଗଲେ ଦୁଇ ଜଣ ପର୍ଯ୍ୟଟକ। ଆଜି ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍‌ରେ ଥିବା ସୁବର୍ଣ୍ଣପୁର ଦୀପ ତାଳସାରୀ ମୁହାଣରେ ଘଟିଛି ଏହି ଅଘଟଣ। ଭାସି ଯାଇଥିବା ପର୍ଯ୍ୟଟକ ଦ୍ୱୟ ପଶ୍ଚିମବଙ୍ଗର। ସେମାନେ ଆଉ ତିନି ଜଣ ସାଙ୍ଗ ସହିତ ଆଜି ମଧ୍ୟାହ୍ନରେ ସମୁଦ୍ରରେ ଗାଧୋଇବାକୁ ଯାଇଥିଲା। ଗାଧୋଉ ଥିବା ବେଳେ ସେମାନେ ଦୁଇ ଜଣ ଗଭୀର ପାଣିରେ ଭାସି ଯାଇଥିଲେ। ଖବର ପାଇ ମେରାଇନ ଥାନା ପୁଲିସ୍ ଓ ଅଗ୍ନିଶମ ବିଭାଗ କର୍ମଚାରୀ ସେଠାରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ମାତ୍ର ଖବର ଲେଖାଯିବା ସୁଦ୍ଧା କାହାକୁ ଉଦ୍ଧାର କରାଯାଇ ନଥିବା ଜଣାପଡ଼ିଛି।

## ବାତ୍ୟା ପାଇଁ ରାଜ୍ୟରେ ପ୍ରବଳ ବର୍ଷା ଆଶଙ୍କା

ଭୁବନେଶ୍ୱର,୨୬/୦୯ (ନି.ପ୍ର): ରବିବାର ସନ୍ଧ୍ୟାରେ ଦକ୍ଷିଣ ଓଡ଼ିଶା ଓ ଉତ୍ତର ଆନ୍ଧ୍ର ପ୍ରଦେଶ ଉପକୂଳ ଦେଇ ଅତିକ୍ରମ କରିବାକୁ ଥିବା ସାମୁଦ୍ରିକ ବାତ୍ୟା 'ଗୁଲାବ୍' ପ୍ରଭାବରେ ସମଗ୍ର ରାଜ୍ୟର ଅଧିକାଂଶ ଅଂଚଳରେ ଘଡ଼ଘଡ଼ି ସହ ବର୍ଷା ଲାଗି ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ପାଣିପାଗ ବିଭାଗ ପକ୍ଷରୁ ଜାରୀ ବୁଲେଟିନ୍‌ରେ କୁହାଯାଇଛି ଯେ ରାଜ୍ୟର ଗଞ୍ଜାମ, ଗଜପତି, କନ୍ଧମାଳ, ରାୟଗଡ଼ା, ନବରଙ୍ଗପୁର, କୋରାପୁଟ ଏବଂ ମାଲକାନଗିରି ଜିଲ୍ଲାରେ ଅଳ୍ପ କେତେ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି । ଉପରୋକ୍ତ ସମସ୍ତ ଜିଲ୍ଲାଗୁଡ଼ିକରେ 'ରେଡ୍ ୱାର୍ଣ୍ଣିଙ୍ଗ୍' ଜାରି କରାଯାଇଛି । ଅପର ପକ୍ଷରେ ପୁରୀ, ଖୋର୍ଦ୍ଧା, ନୟାଗଡ଼ ଏବଂ କଳାହାଣ୍ଡି ଜିଲ୍ଲାର ଗୋଟିଏ କିଂବା ଦୁଇଟି ସ୍ଥାନରେ ▶▶ପୃଷ୍ଠା ୭

# ବିଶ୍ୱ ନଦୀ ଦିବସରେ 'ମନ୍‌କୀ ବାତ୍': ପରିଚ୍ଛନ୍ନତା ଉପରେ ଗୁରୁତ୍ୱ



ନୂଆଦିଲ୍ଲୀ,୨୬/୦୯: ନଦୀ ସଂରକ୍ଷଣ କରିବା ଲାଗି ପ୍ରତିବଦ୍ଧ ବ୍ୟକ୍ତିମାନଙ୍କୁ ଆଜି 'ମନ୍‌କୀ ବାତ୍' କାର୍ଯ୍ୟକ୍ରମର ୮୧ତମ ଅଧ୍ୟାୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭୂୟସୀ ପ୍ରଶଂସା କରିଛନ୍ତି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସେ କହିଲେ, ଭାରତୀୟ ପରମ୍ପରା ଏବଂ ଐତିହ୍ୟ ବିଜଡ଼ିତ ହୋଇଥିବାରୁ ସେପ୍ଟେମ୍ବର ୨୬ ହେଉଛି ତାତ୍ପର୍ଯ୍ୟପୂର୍ଣ୍ଣ ଦିବସ। ଆଜି ବିଶ୍ୱ ନଦୀ ଦିବସ ହୋଇଥିବାରୁ ଅନ୍ୟାନ୍ୟ ଦିନ ଠାରୁ ଆଜି ଦିନର ମହତ୍ତ୍ୱ ରହିଛି। ଆଜି ହେଉଛି, ଆମକୁ ନିଃସ୍ୱାର୍ଥ ଜଳ ଯୋଗାଉଥିବା ନଦନଦୀମାନଙ୍କୁ ସ୍ମରଣ କରିବାର ଦିବସ। ତେଣୁ, ଦେଶର ସବୁ ପ୍ରାନ୍ତରେ ଥିବା ଜନତାଙ୍କୁ ମୋର ଅନୁରୋଧ ସେମାନେ ଅନ୍ତତଃ ବର୍ଷକୁ ଥରେ 'ନଦୀ ଉତ୍ସବ' ପାଳନ କରନ୍ତୁ। ଜନତାଙ୍କ ଯୋଗଦାନଦ୍ୱାରା ଏବେ 'ନମାମି ଗଙ୍ଗେ ମିସନ୍' ସୁରୁଖୁରୁରେ ଚାଲିଛି। ମୁଁ ପାଇଥିବା ଏକ ସ୍ୱତନ୍ତ୍ର ଇ-ନିଲାମ ଉପହାର ଏବେ କାର୍ଯ୍ୟକାରୀ ହେଉଛି। ସେଥିରୁ ପ୍ରାପ୍ତ ଲାଭ 'ନମାମି ଗଙ୍ଗେ ଅଭିଯାନ'ରେ ▶▶ପୃଷ୍ଠା ୭

## ପଞ୍ଚଭୂତରେ ଲୀନ ହେଲେ ସୀତାରାମ

କରଞ୍ଜିଆ,୨୬/୦୯ (ନି.ପ୍ର): ପଞ୍ଚଭୂତରେ ଲୀନ ହେଲେ ଓଡ୍ରାଫ୍‌ର ଯବାନ ସୀତାରାମ ମୁର୍ମୁ। ତାଙ୍କ ଗାଁ ମୁକ୍ତାଝରିରେ ଆଜି ରାଷ୍ଟ୍ରୀୟ ମର୍ଯ୍ୟାଦା ସହିତ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଶୁକ୍ରବାର ଦିନ କଟକ ମୁଣ୍ଡଳି ବ୍ରିଜ୍ ନିକଟରେ ବୋଟ୍ ବୁଡ଼ି ଘଟଣାରେ ନିଖୋଜ ଥିବା ସୀତାରାମଙ୍କ ମୃତଦେହକୁ ଗତକାଲି ଉଦ୍ଧାର କରାଯାଇଥିବା ବେଳେ ଆଜି ସକାଳେ ତାଙ୍କ ଗାଁ ମୟୂରଭଞ୍ଜର ମୁକ୍ତାଝରିକୁ ଅଣାଯାଇଥିଲା। ତେବେ ପ୍ରଶାସନ ତାଙ୍କୁ ଅପମାନିତ କରିଥିବା ▶▶ପୃଷ୍ଠା ୭

# ଖୁସି ଖବର ଆଣିଲା ସେରୋ ସର୍ଭେ ରିପୋର୍ଟ



ଭୁବନେଶ୍ୱର,୨୬/୦୯ (ନି.ପ୍ର): ରାଜ୍ୟର ୧୨ ଜିଲ୍ଲାର ସେରୋ ସର୍ଭେ ଫଳାଫଳ ପ୍ରକାଶ ପାଇଛି। ରାଜ୍ୟରେ ୭୩% ସାଧାରଣ ଲୋକଙ୍କ ଠାରେ ଆଣ୍ଟିବଡି ସୃଷ୍ଟି ହୋଇଛି। ୯୩% ସ୍ୱାସ୍ଥ୍ୟକର୍ମୀଙ୍କଠାରେ ଆଣ୍ଟିବଡି ସୃଷ୍ଟି ହୋଇଛି। ୭୦ ପ୍ରତିଶତ ଶିଶୁଙ୍କଠାରେ ଆଣ୍ଟିବଡି ସୃଷ୍ଟି ହୋଇଛି। ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ୮୧% ଲୋକଙ୍କ ଠାରେ ଆଣ୍ଟିବଡି ସୃଷ୍ଟି ହୋଇଛି। ଆଣ୍ଟିବଡି ମିଳିଥିବା ୬୬% ବ୍ୟକ୍ତି ପ୍ରଥମ ଡୋଜ ନେଇ ସାରିଥିଲେ। ଏନେଇ ସୂଚନା ଦେଇଛନ୍ତି ଆର୍‌ଏମ୍‌ଆର୍‌ସି ନିର୍ଦ୍ଦେଶିକା ସଂଘମିତ୍ରା ପତି। ରାଜ୍ୟରେ ଏବେ କରୋନା ତଳମୁହାଁ ହୋଇଛି। ଗତ ୨୪ ଘଣ୍ଟାରେ ୫୮୫ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ୫ ଜଣ ପ୍ରାଣ ହରାଇଛନ୍ତି। ଚିହ୍ନଟଙ୍କ ଭିତରୁ ୩୪୨ ଜଣ କ୍ୱାରେଣ୍ଟାଇନ୍‌ରେ ଥିବା ବେଳେ ଲୋକାଲ କେସ୍ ଅଛନ୍ତି ୨୪୩ ଜଣ। ସବୁଦିନ ପରି ଖୋର୍ଦ୍ଧାରୁ ସର୍ବାଧିକ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଜିଲ୍ଲାରୁ ୨୦୬ ଜଣ ଚିହ୍ନଟ ହୋଇଛନ୍ତି। ନୂଆ ଆକ୍ରାନ୍ତ ସହ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୨୪ ହଜାର ୩୨୦କୁ ବୃଦ୍ଧି ପାଇଛି। ୫୮୫ ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ଅନୁଗୋଳରୁ ୧୩ଜଣ, ବାଲେଶ୍ୱରରୁ ୩୮ଜଣ, ବରଗଡ଼ରୁ ୨ଜଣ, ଭଦ୍ରକରୁ ୭ଜଣ, ବଲାଙ୍ଗୀରରୁ ୬ଜଣ, କଟକରୁ ୬୭ଜଣ, ▶▶ପୃଷ୍ଠା ୭

# ମୁଖ୍ୟମନ୍ତ୍ରୀଙ୍କ ବାତ୍ୟା ସମୀକ୍ଷା

## ଜୀବନ ରକ୍ଷା ଉପରେ ମୁଖ୍ୟମନ୍ତ୍ରୀଙ୍କ ସର୍ବାଧିକ ଗୁରୁତ୍ୱ



ଭୁବନେଶ୍ୱର,୨୬/୦୯ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ଭିଡିଓ କନ୍‌ଫରେନ୍‌ସିଂ ଯୋଗେ ଦିଲ୍ଲୀରୁ ବାତ୍ୟା ଗୁଲାବ ର ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ପ୍ରସ୍ତୁତି ସଂପର୍କରେ ସମୀକ୍ଷା କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜୀବନ ରକ୍ଷା ଉପରେ ସର୍ବାଧିକ ଗୁରୁତ୍ୱ ଆରୋପ କରିଥିଲେ ଏବଂ ଏହା ସୁନିଶ୍ଚିତ କରିବା ପାଇଁ ଆବଶ୍ୟକାତା ଠାରୁ ଅଧିକ ଆଗକୁ ଯାଇ କାମ କରିବା ପାଇଁ ପରାମର୍ଶ ଦେଇଥିଲେ । ଆଜି ଅପରାହ୍ନ ସୁଦ୍ଧା ଗୁଲ୍ଆବ ପ୍ରଭାବିତ ଜିଲ୍ଲା ମାନଙ୍କର ତଳିଆ ତଥା ବନ୍ୟାପ୍ରବଣ ସ୍ଥାନ ମାନଙ୍କରୁ ଏବଂ କଚ୍ଚା ଘର ମାନଙ୍କରୁ ଲୋକମାନଙ୍କୁ ସ୍ଥାନାନ୍ତର କରିଯିବ ସହିତ ଭୂସ୍ଖଳନ ସଂଭାବନା ଥିବା ଅଂଚଳ ମାନଙ୍କରେ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କାର୍ଯ୍ୟ ଯୁଦ୍ଧକାଳୀନ ଭିତିରେ କରିବା ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ବାତ୍ୟା ୟାସ୍ ପରବର୍ତୀ ସମୟରେ ଯେପରି ପ୍ରଭାବିତ ଅଂଚଳ ମାନଙ୍କରେ ▶▶ପୃଷ୍ଠା ୭

# କୋର୍ଟ ଭିତରେ ଗୁଳିମାଡ଼ ମାମଲା : ୨ ଗିରଫ

ନୂଆଦିଲ୍ଲୀ,୨୬/୦୯: ଦିଲ୍ଲୀ ରୋହିଣୀ କୋର୍ଟ ଭିତରେ ଗୁଳିକାଣ୍ଡ ମାମଲାରେ ଆକ୍ସନ ମୋଡରେ ଦିଲ୍ଲୀ ପୁଲିସ। ସୁଟ୍‌ଆଉଟ୍ ମାମଲାରେ ଦିଲ୍ଲୀ ପୁଲିସର ସ୍ପେଶାଲ ସେଲ୍ ୨ ଜଣ ଗ୍ୟାଙ୍ଗଷ୍ଟରଙ୍କୁ ଗିରଫ କରିଛି। ଗିରଫ ଦୁଇ ଜଣ ହେଲେ ଉମଙ୍ଗ ଏବଂ ବିନୟ। ପୁଲିସ ପଚରାଉଚରାରୁ ଜଣାପଡିଛି ଯେ, ଏହି ସୁଟ୍‌ଆଉଟ୍ ପାଇଁ ଉମଙ୍ଗଙ୍କୁ ଟିଲୁ ଓରଫ ତାଜପୁରିଆ ଫୋନରେ ନିର୍ଦ୍ଦେଶ ଦେଇଥିଲା। ଏହା ପରେ ଏହି ସୁଟ୍‌ଆଉଟ୍‌ରେ ନିହତ ହୋଇଥିବା ଦୁଇ ଅଭିଯୁକ୍ତଙ୍କ ସହ ଉମଙ୍ଗ ଗୁଳି ବିନିମୟ ପୂର୍ବରୁ ରୋହିଣୀ କୋର୍ଟରେ ହାଜର ହୋଇଥିଲା। ଏହାବ୍ୟତୀତ ବିନୟକୁ ମଧ୍ୟ ଏହି ମମଲା ଉମଙ୍ଗ ହିଁ ସାମିଲ କରିଥିଲା। ସୁଟ୍‌ଆଉଟ୍ ପୂର୍ବରୁ ଦୁଇ ଆକ୍ରମଣକାରୀଙ୍କୁ ଉମଙ୍ଗ ଏବଂ ବିନୟ ହିଁ କାର୍‌ରେ ରୋହିଣୀ କୋର୍ଟ ନେଇ ଯାଇଥିଲେ। ଏଠାରେ ଉମଙ୍ଗ ଏବଂ ବିନିୟ ମଧ୍ୟ ଓକିଲ ଡ୍ରେସ୍‌କୋଡ ପିନ୍ଧିଥିଲେ। ତେବେ ସୁଟ୍‌ଆଉଟ୍‌ରେ ଆକ୍ରମଣକାରୀ ଜଗ୍ଗା ଏବଂ ରାହୁଲ ନିହତ ହେବା ଖବର ମିଳିବା ପରେ ଦୁହେଁ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏବେ ସିସିଟିଭି ଫୁଟେଜ ଆଧାରରେ ପୁଲିସ ଏ ଦୁଇ ଗ୍ୟାଙ୍ଗଷ୍ଟରଙ୍କୁ ଗିରଫ କରିଛି। ୨୪ ତାରିଖ ଦିନ ସାକଳେ ଉମଙ୍ଗ ଦୁଇଜଣ ସୁଟର୍‌ଙ୍କ ସହ ରୋହିଣୀ ସେକ୍ଟର-୯ ସ୍ଥିତ ଏକ ମଲ୍‌କୁ ଯାଇଥିଲା। ଏହାପରେ ତିନି ଜଣ ଓକିଲ ଡ୍ରେସ୍ ପିନ୍ଧି ରୋହିଣୀ କୋର୍ଟରେ ପହଞ୍ଚିଥିଲେ। ଯୋଜନା ଥିଲା ଯେ, ଉମଙ୍ଗ ବ୍ୟାକ୍‌ଅପ୍ ପ୍ଲାନ୍ ପାଇଁ ବାହାରେ କାର୍ ଧରି ଉପସ୍ଥିତ ରହିବ। ଦୁଇ ଜଣ ସୁଟ୍‌ର କୋର୍ଟ ଭିତରକୁ ଯାଇ ଜିତେନ୍ଦ୍ରକୁ ଗିଲୁ କରି କାର୍‌ରେ ବସି ଫେରାର ହୋଇଯିବେ। କିନ୍ତୁ ଏହି ଯୋଜନ ପଣ୍ଡ ହୋଇଯାଇଥିଲା। ସୁଟ୍‌ଆଉଟ୍ ପରେ ପୁଲିସ ଗୁଳିରେ ଦୁଇ ଜଣ ସୁଟର୍ ନିହତ ହୋଇଯାଇଥିଲେ ଏବଂ ଉମଙ୍ଗ କର୍ ଧରି ସେଠାରୁ ଫେରାର ହୋଇଯାଇଥିଲା ବୋଲି ପୁଲିସ କହିଛି। ପୁଲିସ ସୂଚନା ମୁତାବକ, ଉମଙ୍ଗ ଏବଂ ବିନୟ ଉଭୟ ହେଦରପୁର ବାସିନ୍ଦା। ଉମଙ୍ଗ ନିକଟରୁ ଏକ ଦେଶୀ ବନ୍ଧୁକ ଜବତ ହୋଇଛି। ଉମଙ୍ଗ ହେଉଛି ଟିଲୁର ସାଥୀ।

# ବାତ୍ୟା ପାଇଁ ଆଜି ୧୧ଟି ଜିଲ୍ଲାରେ ବିଶ୍ୱବିଦ୍ୟାଳୟ-ମହାବିଦ୍ୟାଳୟ ବନ୍ଦ

ଭୁବନେଶ୍ୱର,୨୬/୦୯(ନି.ପ୍ର): ସାମୁଦ୍ରିକ ଝଡ଼ 'ଗୁଲାବ୍'କୁ ସ୍ଥିତିରେ ରଖି ସେପ୍ଟେମ୍ବର ୨୭ ତାରିଖ (ସୋମବାର) ରାଜ୍ୟର ୧୧ଟି ଜିଲ୍ଲାରେ ଥିବା ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକ ବନ୍ଦ ରହିବ। ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଆସନ୍ତାକାଲି ଯେଉଁ ଜିଲ୍ଲା ଗୁଡ଼ିକରେ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକ ବନ୍ଦ ରହିବ ସେଗୁଡ଼ିକ ହେଲା ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଂଜାମ, ଗଜପତି, କନ୍ଧମାଳ, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଂଗପୁର ଓ କଳାହାଣ୍ଡି। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଜାରି ତାଜା ରିପୋର୍ଟ ଅନୁସାରେ 'ଗୁଲାବ୍' ଗୋପାଳପୁରଠାରୁ ୧୦୦ କିଲୋମିଟର ଦୂରରେ ରହିଛି। ପୂର୍ବରୁ ଘଣ୍ଟାପ୍ରତି ୨୪ କିଲୋମିଟର ବେଗରେ ଗତି କରୁଛି। ପ୍ରଶାସିନିକ ଅଧିକାରୀମାନେ ବାତ୍ୟା ଆଶ୍ରୟସ୍ଥଳୀ ବୁଲି ଦେଖୁଛନ୍ତି। କନିଷ୍ଠ ତହସିଲଦାର ତାପସ ରାଉତ, ସ୍ଥାନୀୟ ଲୋକଙ୍କୁ ବେଳାଭୂମି ନଯିବା ପାଇଁ ପରାମର୍ଶ ଦେଇଛନ୍ତି। ଅନ୍ୟପଟରେ ପ୍ରଶାସନ ବେଳାଭୂମିକୁ ୨୬ ଓ ୨୭ ତାରିଖ ସାଧାରଣ ଲୋକଙ୍କ ପାଇଁ ବାରଣ କରିଛି। ସେହିପରି ସମୁଦ୍ରରେ ଉଚ୍ଚ ଜୁଆର ସୃଷ୍ଟି ହେଉଥିବାରୁ ମତ୍ସଜୀବୀମାନଙ୍କୁ ମଧ୍ୟ ବାରଣ କରାଯାଇଛି।

# ଯୁଗ୍ମପ୍ରଭା ମେମୋରିଆଲ୍ ରୋଟାରୀ କ୍ଲବ୍ ଅଫ୍ କଟକ ଡାୟାଲିସିସ୍ ସେଂଟରର ଶୁଭାରମ୍ଭ

କଟକ,୨୬/୯ (ନି.ପ୍ର): ରୋଟାରୀ ଗୋଟିଏ ବେସରକାରୀ ସେବାମୂଳକ ସଂସ୍ଥା। ୧୯୦୫ ମସିହା ଫେବୃୟାରୀ ୨୩ ତାରିଖରେ ଆମେରିକାର ପାଲ୍ ପି ହାରିସ୍ଙ୍କ ଦ୍ୱାରା ଆରମ୍ଭ ହୋଇ ସାରା ବିଶ୍ୱରେ ବସ୍ତାର ଲାଭ କରିଛି।

ରୋଟାରୀ କ୍ଲବ୍ ଅଫ୍ କଟକ ୧୯୪୫ ମସିହା ସେପ୍ଟେମ୍ବର ୫ ତାରିଖରେ ଜନ୍ମ ନେଇ ସେହି ବର୍ଷ ଡିସେମ୍ବର ୪ ତାରିଖରେ ରୋଟାରୀ ଇଂଟରନ୍ୟାସନାଲ୍ଙ୍କର ସ୍ୱୀକୃତି ଲାଭ କଲା। କ୍ଲବ୍‌ର ପ୍ରଥମ ୨୧ ଜଣ ସଭ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଥିଲେ। ସେମାନେ ହେଲେ ପ୍ରୋଭିନ୍ସିଆଲ୍ ଆଡ଼ମିନିଷ୍ଟ୍ରେଟର ବି.କେ. ଗୋୟଲ, କ୍ରିମିନାଲ୍ ଲ ପ୍ରାକ୍ଟିସନର୍ ଲିଙ୍ଗରାଜ ପାଣିଗ୍ରାହୀ, ଜଷ୍ଟିସ୍ ହରିହର ମହାପାତ୍ର, ରାୟ ବାହାଦୂର ସାମୁଏଲ୍ ଦାସ, ଡକ୍ଟର ପ୍ରାଣକୃଷ୍ଣ ପରିଜା, ଡାକ୍ତର ଜର୍ଜ ପଟ୍ଟନାୟକ, ହରେକୃଷ୍ଣ ମହତାବ, କୋଭରଜି କେ ରାଠୋର, ନିତ୍ୟାନନ୍ଦ କାନୁନ୍‌ଗୋ, ପଣ୍ଡିତ ଗୋଦାବରୀଶ ମିଶ୍ର ଇତ୍ୟାଦି। ଅନେକ ମୂଲ୍ୟବାନ ଓ ସମସାମୟିକ ସମସ୍ୟା, ଯଥା- ହୀରାକୁଦ ବନ୍ଧ ଓ ବିଦ୍ୟାଧର ପୁର ଧାନ ଗବେଷଣା କେନ୍ଦ୍ରର ଉନ୍ନତି ବିଷୟରେ କ୍ଲବ୍ ସଭାରେ ଆଲୋଚନା କରାଯାଇଥିଲା।

ରୋଟାରୀ କ୍ଲବ୍ ଅଫ୍ କଟକ ପ୍ରତିଷ୍ଠା ହେବାଠାରୁ ନିଃସ୍ୱାର୍ଥ ସେବା ମୂଳକ କାର୍ଯ୍ୟ କରି ଆସୁଛି। ସମାଜର ଗରିବ ଓ ଅବହେଳିତ ଲୋକମାନଙ୍କ ସେବା କରିବା ଏହାର ପରମବ୍ରତ। ଏହି କ୍ଲବ୍ ଅଧିନରେ ୪ଟି ସ୍ଥାୟୀ ପ୍ରକଳ୍ପ, ଯଥା- ସିଡିଏ ଠାରେ ଅବସ୍ଥିତ ଜେ.ପି.ଏମ୍. ରୋଟାରୀ କ୍ଲବ୍ ଅଫ୍ କଟକ ଚକ୍ଷୁ ଚିକିତ୍ସାଳୟ ଓ ଗବେଷଣା ପ୍ରତିଷ୍ଠା ପ୍ରତିଷ୍ଠାନ, ନରାଜ ଠାରେ ପ୍ରତିଷ୍ଠିତ ସମ୍ପତ୍ ରାୟ ରୋଟାରୀ କ୍ଲବ୍ ଅଫ୍ କଟକ ସିନିୟର ସିଟିଜେନ୍ ହୋମ୍, ପଟାପୋଲ ଠାରେ ପ୍ରତିଷ୍ଠିତ ଐକ୍ୟତା ଗଜାନନ୍ଦ ଅଗ୍ରୱାଲ ମେମୋରିଆଲ୍ ରୋଟାରୀ କ୍ଲବ୍ ଅଫ୍ କଟକ ଚାରିଟେବୁଲ ଜେରିଆଟିକ୍ କ୍ଲିନିକ୍ ଓ ମଧୁସୂଦନ ନଗରସ୍ଥ ରୋଟାରୀ ପ୍ଲେ ସ୍କୁଲ। ଏହିସବୁ ପ୍ରକଳ୍ପ ଦ୍ୱାରା ଚକ୍ଷୁ ଚିକିତ୍ସା ଓ ଅସ୍ତ୍ରୋପଚାର, ଅବହେଳିତ ବରିଷ୍ଠ ନାଗରିକ ମାନଙ୍କର ରକ୍ଷଣାବେକ୍ଷଣ, ଗରିବ ରୋଗୀମାନଙ୍କର ମାଗଣା ଚିକିତ୍ସା ଏବଂ ଛୋଟ ଛୋଟ ପିଲାମାନଙ୍କୁ ଶିକ୍ଷାଦାନ କରାଯାଉଛି। ଏତଦ୍‌ବ୍ୟତୀତ, ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ଶିବିର, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସାହାଯ୍ୟ, ଶିକ୍ଷା ଇତ୍ୟାଦି କ୍ଷେତ୍ରରେ ବହୁମୁଖୀ କାର୍ଯ୍ୟକରି ସାମାଜିକ ଅବସ୍ଥାକୁ ସୁଧାରିବା ଏହି କ୍ଲବ୍‌ର ଉଦ୍ଦେଶ୍ୟ। କୋଭିଡ- ୧୯ ମହାମାରିରେ ଲୋକମାନଙ୍କର ସେବା ଓ ଯତ୍ନ ନେବାରେ କ୍ଲବ୍‌ର ଭୂମିକା ଅତୁଳନୀୟ। ଏଥିପାଇଁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କର ବିପର୍ଯ୍ୟୟ ପରିଚାଳନା ପାଣ୍ଠିକୁ ଅନୁଦାନ କରାଯାଇଥିଲା। ଏହି କ୍ଲବ୍ ଅଧିନରେ ଗୋଟିଏ ସ୍ଥାୟୀ ଡାୟାଲିସିସ୍ ସେଂଟର ସ୍ଥାପନ କରିବାର କଳ୍ପନା ରୋଟାରିଆନ୍‌ମାନେ କରିଥିଲେ। ତାକୁ ସ୍ୱୀକାର କରିବାପାଇଁ କ୍ଲବ୍‌ର ପୂର୍ବତନ ସଭାପତି ରୋଟାରିଆନ୍ ବିନ୍ଦୁ କୁମାର ଦାସ ଏବଂ ଅନ୍ୟ ରୋଟାରୀଆନ୍‌ମାନେ ଆଗେଇ ଆସିଥିଲେ। ରୋଟାରୀ ପ୍ରାନ୍ତପାଳ ସୌମ୍ୟରଞ୍ଜନ ମିଶ୍ର ରୋଟାରୀ ଇଂଟରନ୍ୟାସନାଲ୍‌ରୁ ଆଂଶିକ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ରୋଟାରୀ ସଭ୍ୟମାନେ ମଧ ସହାୟତାର ହାତ ବଢ଼େଇଥିଲେ। କ୍ଲବ୍‌ର ବରିଷ୍ଠ ସଭ୍ୟ ଓ ପ୍ରାକ୍ତନ ଆଡ଼ଭୋକେଟ୍ ଜେନେରାଲ୍ ରୋଟାରିଆନ୍ ବିଜୟ କୃଷ୍ଣ ମହାନ୍ତି, ତାଙ୍କ ସ୍ତ୍ରୀ ଯୁଗ୍ମପ୍ରଭାଙ୍କ ତିରୋଧାନ ପରେ ଆର୍ଥିକ ସହାୟତା ପ୍ରଦାନ କରି ଯୁଗ୍ମପ୍ରଭା ମେମୋରିଆଲ୍ ରୋଟାରୀ କ୍ଲବ୍ ଅଫ୍ କଟକ ସ୍ଥାପନ କରିବା ପାଇଁ ହାତ ବଢ଼େଇଛନ୍ତି। କୋଭିଡ୍-୧୯ ମହାମାରୀ କଟକଣା ଥିବା ସତ୍ତ୍ୱେ ପୂର୍ବତନ ସଭାପତି ରୋଟାରିଆନ୍ ବିନ୍ଦୁ କୁମାର ଦାସଙ୍କ ନିସ୍ୱାର୍ଥପର ସେବା ଏହି କେନ୍ଦ୍ରକୁ ଆଗେଇ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏହି ସେଂଟର ଅଳ୍ପଦିନ ଭିତରେ ଜେ.ପି.ଏମ୍. ରୋଟାରୀ ଚକ୍ଷୁ ଚିକିତ୍ସାଳୟ ପରିସର ମଧ୍ୟରେ କାର୍ଯ୍ୟକରିବାକୁ ଯାଉଛି।

ଉକ୍ତ ସାମ୍ବାଦିକ ସମ୍ମିଳନୀରେ ପ୍ରାକ୍ତନ ସଭାପତି ଦେବାଶିଷ ପଣ୍ଡା, ଧିରେନ୍ଦ୍ର କୁମାର ବିଶ୍ୱାଳ, ସୁବାଷିନୀ ଲେଙ୍କା, ଏସ୍. ସୁଧାକର ରାଓ, ସୁଶାନ୍ତ ମହାନ୍ତି, ମନୋଜ ମିଶ୍ର, ସମୀର ମିଶ୍ର, ଡା. ସଚିଦାନନ୍ଦ ଶତପଥୀ, ଶୂନ୍ୟେଶ୍ୱର ସ୍ୱାଇଁ, ଅକ୍ଷୟ କୁମାର ନାୟକ ପ୍ରଭୃତି ଯୋଗଦେଇଥିଲେ। ସର୍ବଶେଷରେ କୌଶିକା ନନ୍ଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଯାଦବ ସମାଜର ନବ ନିର୍ବାଚିତ ସଭାପତିଙ୍କୁ ସମ୍ବର୍ଦ୍ଧନା ସଭା

ନୂଆପଡ଼ା,୨୬/୯ (ନି.ପ୍ର): ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ଯାଦବ ସମାଜ ପକ୍ଷରୁ ରାଣୀମୁଣ୍ଡା ଆଂଚଳିକ ସ୍ତରୀୟ ନୂଆଖାଇ ଭେଟଘାଟ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନବ ନିର୍ବାଚିତ ସିନାପାଲି ବ୍ଲକ ସଭାପତି ଲିଙ୍ଗରାଜ ଘିଭେଲାଙ୍କୁ ଉପଢୌକନ ଓ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଉତ୍କଳ ଯାଦବ ମହାସଚିବ ଲମ୍ବୋଦର ନିଆଲ ଯୋଗଦାନ କରିଥିବା ବେଳେ ମୁଖ୍ୟବକ୍ତା ଯନ୍ତରାମ ଜାଲ ଓ ସମ୍ମାନିତ ଅତିଥି ଭାବରେ ବରିଷ୍ଠ ଶିକ୍ଷାବିତ ସତ୍ୟବ୍ରତ ଗହୀର, ବୋଡେନ ସଭାପତି ରାଜକିଶୋର ହେର୍ନା, କୀର୍ତ୍ତନ ପୋଡ଼,ସନ୍ତୋଷ ନିଆଲ,ଦିଗପାଲ ନାଗ, ତ୍ରିନାଥ ପୁଞ୍ଜି,ହେମନ୍ତ କଟା,ତୁଳସୀ ବାଗ,ସେଫାଳି ସଲମା, ଟଂକଧର ବନ୍ଦୀଛୋର,ଠାକୁର ନାଗ, ବିରବଲ ହଂସ,ବେଦବ୍ୟାସ ନାଗ,ପର୍ଶୁରାମ ନିଆଲ,ଜଗଦୀଶ ନାଗ, ଗୋକୁଳ ଭୋଇ,ପୁସ୍ତମ୍ଭ ନାଗ, ଅଜୟ ନିଆଲ ପ୍ରମୁଖ ମଂଚାସିନ ଥିଲେ। ଏହି କାର୍ଯ୍ୟକ୍ରମ ରେ ବିଭିନ୍ନ ଅଂଚଳରୁ ଆସିଥିବା ଯାଦବ ସମାଜ କର୍ମକର୍ତ୍ତା ମାନେ ପ୍ରଥମେ ଶ୍ରୀକୃଷ୍ଣଙ୍କ ଫୋଟୋ ଚିତ୍ରରେ ପୂଜା ଅର୍ଚ୍ଚନା କରି ପରମ୍ପରା ଅନୁଯାୟୀ ନବାନ୍ନ ଭକ୍ଷଣ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ପରେ ନବ ନିର୍ବାଚିତ ବ୍ଲକ ସଭାପତି ତଥା ଅନ୍ୟାନ୍ୟ ନିର୍ବାଚିତ ପଦାଧିକାରୀ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏପରିକି ନବନିର୍ବାଚିତ ସିନାପାଲି ବ୍ଲକ ସଭାପତି ଙ୍କୁ ବିପୁଳ ଭାବରେ ସମ୍ବର୍ଦ୍ଧନା ଦେବା ସହ ଯାଦବ ସମାଜର ଯୁବ କର୍ମକର୍ତ୍ତା ମାନେ ବହୁ ମାତ୍ରାରେ ପ୍ରଶଂସା କରିଥିଲେ। ସୂଚନାଯୋଗ୍ୟ ଯେ ଶ୍ରୀ ଘିଭେଲା ଜଣେ ସୁସଂଗଠନିକ ତଥା ଅଂଚଳର ଜଣେ ଯୁବସମାଜର ନେତୃତ୍ୱବାନ ବ୍ୟକ୍ତିତ୍ୱ। ପୁଣି ଜଣେ ସମାଜସେବୀ ଓ ବିଭିନ୍ନ ସମୟରେ ସମାଜର ବିଭିନ୍ନ ପଦପଦବୀରେ ରହି ନିଜର ସକ୍ରିୟ କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରିଆସିଛନ୍ତି। ବର୍ତ୍ତମାନ ସିନାପାଲି ବ୍ଲକ ଯାଦବ ସମାଜର ସଭାପତି ଦାୟିତ୍ୱ ନିର୍ବାହ କରୁଥିବା ବେଳେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି। ଉକ୍ତ କାର୍ଯ୍ୟକ୍ରମ କୁ ତୁଳସୀ ପ୍ରସାଦ ବାଗ ପରିଚାଳନା କରିଥିବା ବେଳେ ଦୈତାରି ହଂସ ଧନ୍ୟବାଦ ଅର୍ପଣ କରିଥିଲେ।ମଦନ ସିଂ ବଛା,ତାରକାନ୍ତ ଭୋଇ,ପ୍ରଜାପତି ବାଗ,ହରିଶ୍ଚନ୍ଦ୍ର ଭୋଇ,ପ୍ରେମ ବାଗ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମ କୁ ସଫଳ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ।

# ଉତ୍ତମମାନର ଫଟୋ ଉତ୍ତୋଳନ ଲାଗି କର୍ମଶାଳା

ଜଳେଶ୍ୱର,୨୬/୯ (ନି.ପ୍ର): ଦିନକୁ ଦିନ ପ୍ରଯୁକ୍ତି ବିଦ୍ୟାର ପ୍ରସାର ଘଟୁଥିବାରୁ ସାମ୍ପ୍ରତିକ ପରିସ୍ଥିତିରେ ଫଟୋ ଉତ୍ତୋଳନ ଲାଗି ଅଧିକ ଜ୍ଞାନର ଆବଶ୍ୟକତା ରହିଛି । ଏଥିଲାଗି ବାଲେଶ୍ୱର ଜିଲାର ଜଳେଶ୍ୱର ଭଂଜ ଭବନ ପରିସରରେ ଦିବସ ବ୍ୟାପି ଏକ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି । ବିଭିନ୍ନ କମ୍ପାନୀର ବହୁ ପ୍ରକାର କ୍ୟାମେରା ଏବେ ଉ ପଲବ୍ଧ ହେଉଥିବାରୁ ତାର ବ୍ୟବହାର ଓ ଜ୍ଞାନ କୌଶଳ ଆହରଣ ଲାଗି ଦକ୍ଷତା ସମ୍ପନ୍ନ ବ୍ୟକ୍ତି ମାନଙ୍କ ଦ୍ୱାରା ଏହି କର୍ମଶାଳା ଆୟୋଜିତ ହୋଇଥିଲା । ଜଳେଶ୍ୱର ଫଟୋ ସଂଘର ସଭାପତି ସମର କୁମାର କରଣଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଉପସଭାପତି ଆଶିଷ କୁମାର ଦିବେଦି, ସଂପାଦକ ଦିପେନ୍ଦୁ କର, ଦିଲ୍ଲିପ ଜେନା, ସର୍ବେଶ୍ୱର ଅଣ୍ଡିଆ, ନିଲେଶ ଚୌହାନ, ସାଗର କାମିଲା ପ୍ରମୁଖ ଯୋଗଦେଇ ଏହାର ଆବଶ୍ୟକତା ଓ ସଂଘର ଭବିଶ୍ୟତ କକାର୍ଯ୍ୟକ୍ରମ ସଂପର୍କରେ ବକ୍ତବ୍ୟ ରଖିଥିଲେ । ସୁଶାନ୍ତ କୁମାର ମଂଚ ଆହ୍ୱାନ ଓ ଅତିଥିପରିଚୟ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଦିବଂଗତ ସାମ୍ବାଦିକ ଅରିନ୍ଦମଙ୍କ ଉଦ୍ଦେଶ୍ୟରେ ୧ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ନିକନ କମ୍ପାନୀର ଦକ୍ଷତା ବିଶେଷଜ୍ଞ ସୌମ୍ୟଜିତ୍ ମିତ୍ର, ଦେବେଶ କୁମାର ମାଝି, ଦେବାଂଶୁ ପଟ୍ଟନାୟକ, ଓଡିଆ ପ୍ରଶିକ୍ଷକ ସନ୍ତୋଷ କୁମାର ବେଜ, ଦୀପକ ଜେନା, ସୁସ୍ମିତା ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ଓ ପ୍ରଶିକ୍ଷଣ କରାଇଥିଲେ ।

## କନ୍ଧମାଳ ଛାତ୍ର ବିଜେଡିର ବ୍ଲକ ସ୍ତରୀୟ ସାଙ୍ଗଠନିକ କାର୍ଯ୍ୟକ୍ରମ

କନ୍ଧମାଳ,୨୬/୯ (ନି.ପ୍ର): କନ୍ଧମାଳ ଜିଲ୍ଲା ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଜି.ଉଦୟଗିରି ଠାରେ ୮ ଟି ପଂଚାୟତ ବିଜୁ ଛାତ୍ର ଜନତା ଦଳର କର୍ମକର୍ତା ମାନଙ୍କୁ ନେଇ ବ୍ଲକ ସ୍ତରୀୟ ସାଙ୍ଗଠନିକ ବୈଠକ ହୋଇଥିଲା ଓ ମାସ୍କ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକ ରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ମନ୍ତ୍ରୀ ପ୍ରତାପ ଜେନାଙ୍କ ପ୍ରତିନିଧି ତଥା କନ୍ଧମାଳ ବିଜେଡି ସହ ପର୍ଯ୍ୟବେକ୍ଷକ କିଶୋର ମେହେର ଯୋଗ ଦେଇ ଆଗକୁ ପଂଚାୟତ ନିର୍ବାଚନ ପାଇଁ ତୃଣମୂଳ ସ୍ତରରେ କିପରି ସଂଗଠନ ସୁଦୃଢ ହେବ ଏନେଇ ଛାତ୍ର ଜନତା ଦଳର ସମସ୍ତ କର୍ମକର୍ତାଙ୍କ ସହିତ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଛାତ୍ର ଜନତା ଦଳ ସଭାପତି ସୁନୀଲ ସେଠି ଉଦୟଗିରି ବ୍ଲକ ବିଜୁ ଛାତ୍ର ସଭାପତି ଛୋଟନ ନାୟକ,ଜିଲ୍ଲା ସୋସିଆଲ୍ ମିଡ଼ିଆ ସଂଯୋଜକ ରାଜ ବାଳା ସିଂ,ରାଜ୍ୟ ଯୁବ ବିଜେଡି ଯୁଗ୍ମ ସମ୍ପାଦକ ଚିନ୍ମୟ ସାହୁ ,ଜିଲ୍ଲା ଛାତ୍ରନେତା ପ୍ରବୀଣ ବେହେରା,ବିଷ୍ଣୁ ବେହରା, ଜଗନ୍ନାଥ କହଁର,ଶଶୀ ଏବଂ ଅନିରୁଦ୍ଧ ସମେତ ବ୍ଲକର ସମସ୍ତ କର୍ମକର୍ତା ଉପସ୍ଥିତ ଥିଲେ।

# ସାମ୍ବାଦିକ ଅରିନ୍ଦମଙ୍କ ଉଦ୍ଦେଶ୍ୟରେ ଫୁଲବାଣୀ ପ୍ରେସ୍ କ୍ଲବର ଶ୍ରଦ୍ଧାଞ୍ଜଳି ସଭା

କନ୍ଧମାଳ,୨୬/୯ (ନି.ପ୍ର): ଖବର ସଂଗ୍ରହ ବେଳେ ବରିଷ୍ଠ ସାମ୍ବାଦିକ ଅରିନ୍ଦମ ଦାସଙ୍କ ଅକାଳ ବିୟୋଗରେ ତାଙ୍କ ଆତ୍ମାର ସଦଗତି କାମନା କରି ଫୁଲବାଣୀ ପ୍ରେସ୍ କ୍ଲବ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଫୁଲବାଣୀ ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରେସ୍ କ୍ଲବର ସଭାପତି ସୁନୀଲ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ତାଙ୍କ ଅମର ଆତ୍ମାର ସଦଗତି କାମନା କରି ପ୍ରଥମେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯିବା ସହିତ ଏହି ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସାଧିନ ଥିବା କ୍ୟାମେରାମେନ ପ୍ରଭାତ ସିହ୍ନାଙ୍କ ଅଶୁ ଆରୋଗ୍ୟ କାମନା କରାଯାଇଥିଲା । ଅରିନ୍ଦମ ଜଣେ କର୍ତବ୍ୟନିଷ୍ଠ, ନିର୍ଭିକ ଏବଂ ଜଣେ ଦାୟୀତ୍ୱବାନ ସାମ୍ବାଦିକ ଭାବରେ ସୁପରିଚିତ ଥିଲେ । ସେ ସବୁବେଳେ ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ବେଳର ଖବରକୁ ଗ୍ରାଉଣ୍ଡ ଜିରୋରୁ ପ୍ରସାରିତ କରି ଲୋକଙ୍କ ଦ୍ୱାରା ଆଦୃତ ହୋଇଥିଲେ । ତାଙ୍କର ଏହି ଅକାଳ ମୃତ୍ୟୁରେ ସାମ୍ବାଦିକ ଜଗତରେ ଏକ ବଡ କ୍ଷତି ହୋଇଥିବା ନେଇ ସଭାପତି ତାଙ୍କ ସ୍ମୃତିଚାରଣ ଅବସରରେ କହିଥିଲେ । ସେହିପରି କାର୍ଯ୍ୟକାରୀ ସଭାପତି ଅଶୋକ ପରିଡା, ସମ୍ପାଦକ ପ୍ରଶାନ୍ତ କୁମାର ବେହେରା, ଉପସଭାପତି ସୁନୀଲ ବିଶ୍ୱାଳ, ସତ୍ୟନାରାୟଣ ବେହେରା, ବରିଷ୍ଠ ସାମ୍ବାଦିକ ଫିଲିମୋହନ ନାୟକ, ସନ୍ତୋଷ ଡିଗାଲ, ତ୍ରିନାଥ ସାହୁ, ଅଶୋକ ମହାନ୍ତି, ଶିବାନନ୍ଦ ପଟ୍ଟନାୟକ, ସୂର୍ଯ୍ୟନାରାୟଣ ବେହେରା, ଖିରୋଦ ସାହାଣୀ, ଆଦିତ୍ୟପ୍ରସାଦ ତ୍ରିପାଠୀ, ସଦାଶିବ ପାତ୍ର ପ୍ରମୁଖ ତାଙ୍କର ସ୍ମୃତିଚାରଣ କରିଥିଲେ । ଶେଷରେ ସହସମ୍ପାଦକ ରମେଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ତାଲାବନ୍ଦ ପରେ ଦୁଇ ଉଦ୍ୟୋଗୀଙ୍କୁ ମିଳିଲା ରାହା

ଜଳେଶ୍ୱର ,୨୬/୯ (ନି.ପ୍ର): ଦୀର୍ଘ ୧୮ ମାସ ଧରି ତାଲାବନ୍ଦ ଯୋଗୁଁ ଜଳେଶ୍ୱର ବଜାରର ବହୁ ଦୋକାନ ବଜାର ଓ ଉଦ୍ୟଗ ବନ୍ଦ ହୋଇ ଯାଇଥିଲା । ବ୍ୟବସାୟ ହରାଇ ବହୁ ବ୍ୟକ୍ତି ଜଳେଶ୍ୱରରୁ ଚାଲିଯାଇଥିବା ବେଳେ ଅନ୍ୟ କେତେକେ ନୂତନ ପ୍ରୟାସ ନେଇ ଆରମ୍ଭ କରିଛନ୍ତି କେତେକ ଉଦ୍ୟଗ । ଏହି ମର୍ମରେ ଓମ୍ ପ୍ରକାଶ ଓ କଷନ୍‌ଲାଲ ୨ଜଣ ମିଶି ଷ୍ଟେସନବଜାର ନିକଟ କାଳୀମନ୍ଦିର ନିକଟରେ ଖୋଲିଛନ୍ତି ନୂଆ ପସରା । ରାଜମନ୍ଦିର ନାମରେ ଏହି ପ୍ରତିଷ୍ଠାନକୁ ବଣିକ ସଂଘର ସଭାପତି ସୁଧିର କୁମାର ମହାନ୍ତି ଉଦ୍‌ଘାଟନ କରିଥିଲେ । ଜଳେଶ୍ୱର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, କ୍ରେତା ଏଥିରେ ଯୋଗ ଦେଇଥିଲେ । ଏହି ଉଦ୍ୟଗଟି ଜଳେଶ୍ୱରରେ ସଫଳତ ଲାଭ କରିବ ବୋଲି ଓମ୍‌ପ୍ରକାଶ ଓ କିଷନ ଲାଲ ବ୍ୟକ୍ତ କରିଛନ୍ତି ।

# କମ୍ପାନୀର ପାଇଖାନା ପାଣିରେ ପ୍ରଦୂଷିତ ହେଉଛି ଜଳପା ନାଳ ସମେତ ବୈତରଣୀ ଜଳ: କେହି ଶୁଣୁ ନାହାଁନ୍ତି ଦୁଃଖ

କେନ୍ଦୁଝର,୨୬/୯ (ନି.ପ୍ର): ରାଜ୍ୟର ପ୍ରତ୍ୟେକଙ୍କୁ ଶୁଦ୍ଧ ପାନୀୟଜଳ ଯୋଗାଇ ଦେବାପାଇଁ ସରକାରଙ୍କର ବଡ ବଡ ଯୋଜନା ସଙ୍ଗକୁ ଆମ ଜିଲ୍ଲାବାସୀଙ୍କ ପାଇଁ ରହିଛି ଡି.ଏମ୍ ଏଫ.ରେ ଯଥେଷ୍ଟ ଅର୍ଥ । ତଥାପି ଜିଲ୍ଲାର ଅଧିକାଂଶ ଅଂଚଳବାସୀ ଆଜି ବି ଶୁଦ୍ଧ ପାନୀୟ ଜଳ ଟୋପାଏ ପାଇଁ ତହଳବିକଳ ହେବା ଯେତିକି ଦୁର୍ଭାଗ୍ୟପୂର୍ଣ୍ଣ ନୁହେଁ ଅଧିକନ୍ତୁ ସରକାରଙ୍କ ଆନ୍ତରିକତା ସଙ୍ଗକୁ ପ୍ରଶାସନିକ ଦକ୍ଷତା ଉପରେ ଅଙ୍ଗୁଳି ଉଠିବା ତତୋଧିକ ସ୍ୱଭାବିକ । ଅନୁରୁପ ଘଟଣା ଦେଖିବାକୁ ମିଳିଛି ଜିଲାର ଝୁମ୍ପୁରା ବ୍ଲକ ଅନ୍ତର୍ଗତ ମଲଦା, ବସନ୍ତପୁର, ନୟାଗଡ, କୁଟୁଗାଁ ଗ୍ରାମପଂଚାୟତ ଗୁଡିକରେ । ଏହି ଅଂଚଳବାସୀ କେବଳ ପାନୀୟ ଜଳ ଟୋପାଏ ପାଇଁ ନୁହେଁ ବଂର ସ୍ନାନ, ଶୌଚ ଆଦି ଅନ୍ୟାନ ଆନୁଷଙ୍ଗିକ କାର୍ଯ୍ୟ ସମ୍ପାଦନ ପାଇଁ ନାହିଁ ନଥିବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ସବୁ ଅଂଚଳରେ ଜିଲା ଖଣିଜ ପାଣ୍ଠିର ଅର୍ଥରେ କାର୍ଯ୍ୟକାରୀ ହେଉଥିବା ସରକାରଙ୍କର ବସୁଧା ଯୋଜନା ଏକ ପ୍ରକାର ପ୍ରହସନ ପାଲଟିଅଛି । ଯେଉଁଥିପାଇଁ ଜଙ୍ଗଲାଚଂଳରେ ବିକ୍ଷିପ୍ତ ଭାବେ ରହୁଥିବା ଶହ ଶହ ଆଦିବାସୀ ପରିବାର ଏବେ ବି ଜଙ୍ଗଲାଚଂଳର ଖାଲୁଆସ୍ଥାନ ନାଳର ଚୂଆପାଣି ଉପରେ ନିର୍ଭରଶୀଳ। ଗ୍ରାମାଚଂଳ ବାସିନ୍ଦା ଜଳକଷ୍ଟ ଭୋଗୁଥିବା ବେଳେ, ଏବେ ଦାଉସାଧୁଛି ଆର୍ସେଲରର ଦବୁନାସ୍ଥିତ ବେନିଫିକେଶନ କାରଖାନାର ବର୍ଜ୍ୟବସ୍ତୁ ଓ ପାଇଖାନା ପାଣି। କମ୍ପାନୀ ନିକଟରେ ପ୍ଲାଣ୍ଟ ଭିତରେ ଥିବା ବହୁ ସଂଖ୍ୟକ ପାଇଖାନାର ପାଣି ଓ ବର୍ଜ୍ୟବସ୍ତୁର ପାଣି ଜଳପା ନାଳରେ ମିଶୁଥିବା ବେଳେ ସେଠାରୁ ପ୍ରାୟ ୩ କି.ମି ଦୂରରେ ପ୍ରବାହିତ ହୋଇ ବୈତରଣୀ ନଦୀରେ ମଧ୍ୟ ମିଶିଛି। ଏହି ଜଳପା ନାଳ ଓ ବୈତରଣୀ ନଦୀ ଉପରେ ସ୍ନାନ, ଶୌଚ, ଜଳସେଚନ ଓ ଅନ୍ୟାନ ପ୍ରାୟତଃ ସମସ୍ତ ଆନୁଷଙ୍ଗିକ କାର୍ଯ୍ୟ ପାଇଁ ନୟାଗଡ, କୁଟୁଗାଁ, ମଲଦା ଆଦି ଗ୍ରାମ ପଂଚାୟତର ବହୁ ସଂଖ୍ୟାରେ ଅଧିବାସୀ ସମ୍ପୂର୍ଣ୍ଣ ନିର୍ଭରଶୀଳ ଅଟନ୍ତି । ଏବଂ ବହୁ ସଂଖ୍ୟାରେ ଆଦିବାସୀ ପରିବାର ଜଳପା ନାଳ କୂଳ ଓ ବୈତରଣୀ ନଦୀ କୂଳରେ ବହୁ ସଂଖ୍ୟାରେ ଚୂଆ ଖୋଳି ପାନୀୟ ଜଳ ସଂଗ୍ରହ କରିଥାନ୍ତି। ଏବେ ଆର୍ସଲର କାରଖାନାର ପାଇଖାନାର ଦୂଷିତ ପାଣିକୁ ପାନୀୟ ଜଳ ଭାବେ ବ୍ୟବହାର କରିବା ପାଇଁ ଏହି ଆଦିବାସୀ ପରିବାର ଗୁଡିକ ବାଧ୍ୟ ହେଉଛନ୍ତି। ସ୍ନାନାଦି କାର୍ଯ୍ୟ ସହିତ ଜଳପା ନାଳର ମିଶ୍ରିତ ପାଇଖାନା ପାଣି ନୟାଗଡ ଖମାରକୁ ଚାଷାଦି କାର୍ଯ୍ୟରେ ଲଗାଯିବା ବ୍ୟତିତ ଅନ୍ୟ ଉପାୟ ନଥିବା କହିଛନ୍ତି ଗ୍ରାମଲୋକେ । ଜଳପା ନାଳ ପାଇଖାନା ପାଣିରେ ଦୂଷିତ ହେବା ନେଇ ନୟାଗଡ, କୁଟୁଗାଁ ଓ ମଲଦା ପଂଚାୟତବାସୀ ପୂର୍ବରୁ ଅନେକ ଥର କାରଖାନା କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ପ୍ରଶାସନ ନିକଟରେ ବାରମ୍ବାର ଗୁହାରି କରି ଆସୁଥିଲେ ବି କେହି ଶୁଣୁ ନଥିବା କହିଛନ୍ତି । ଫଳରେ ପଂଚାୟତ ଗୁଡିକରେ ଏହି ପ୍ରଦୁଷିତ ପାଣି ଯୋଗୁଁ ପେଟରୋଗ, ଝାଡାରୋଗ ସହିତ ଶିଶୁମାନେ ଅପପୁଷ୍ଟିର ଶିକାର ହେଉଥିବା ଦେଖାଯାଉଛି। ଏପରିକି ସ୍ୱାସ୍ଥ ବିଭାଗର ତଥ୍ୟନୁଶାରେ ଉକ୍ତ ଅଂଚଳଟି ମଧ୍ୟ ମ୍ୟାଲେରିଆ ପ୍ରବଣ ଅଂଚଳ ଭାବେ ଜଣାଶୁଣା ଅଟେ। କାରଖାନାର ଏତାଦୃଶ୍ୟ ବେଆଇନ ମନମୁଖୀ କାର୍ଯ୍ୟକଳାପ ସଂପର୍କରେ ଅଭିଯୋଗ କାରଣରୁ ପଂଚାୟତବାସୀଙ୍କୁ ପୋଲିସ ମାଧ୍ୟମରେ ଧମକ ଦିଆଯାଉଥିବା ସହ କେତେକଙ୍କ ନାମରେ ମିଛକେଶ୍ ବାମେବାରୀ ଥାନାରେ ରୁଜୁ କରାଯାଇଥିବା ଜଣାପଡିଛି। ପ୍ରଦୂଷିତ ଜଳପା ନାଳ ଓ ବୈତରଣୀ ନଦୀ ନେଇ ଜଳ ସମ୍ପଦ ବିଭାଗର ଅଧିକାରୀଙ୍କ ସହିତ ଯୋଗାଯୋଗ ହୋଇପାରିନଥିବା ବେଳେ କାରଖାନା କର୍ତୃପକ୍ଷ ଜେକେ ଶର୍ମା କହିଛନ୍ତି ଯେ ପାଇଖାନା ପାଣି ଜଳପା ନାଳକୁ ଛଡାଯାଉନାହିଁ। ବର୍ଷା ସମୟରେ ହୁଏତ ପାଇଖାନା ପାଣି ନାଳ ଭିତରକୁ ଯାଉଥାଇ ପାରେ, ତଥାପି ମୁଁ ଦେଖିବି।

# ଭାରତ ବନ୍ଦକୁ ସଫଳ କରିବାକୁ ସିପିଏମ ଓ ସିଟୁର ନିବେଦନ

କୋରେଇ,୨୬/୯ (ନି.ପ୍ର): ଆସନ୍ତା ସେପ୍ଟେମ୍ବର ୨୭ ତାରିଖ ଭାରତ ବନ୍ଦକୁଟ ସଫଳ କରିବାକୁ ଭୁବନେଶ୍ୱରପୁର ସାମ୍ୟଭବନ ପରିସରରେ ସିପିଆଇ(ଏମ) ଓ ସିଆଇଟିୟୁ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ମୋଦି ସରକାରଙ୍କ କୃଷକ ଓ ଶ୍ରମିକ କର୍ପୋରେଟର ଦାସ କରାଇବା, କୃଷି ସର୍ବନାଶକାରୀ ୩ଟି କୃଷି ଆଇନ ୨୦୨୦ ଓ ଶ୍ରମ ଆଇନ ସଂଶୋଧନ କରି ୪ଟି କୋର୍ଡରେ ପରିଣତ କରିବା ଉଦ୍ୟମ ସହ ୨୧ ଦଫା ଦାବି ନେଇ ଡାକରା ଦିଆଯାଇଥିବା ଭାରତ ବନ୍ଦକୁ ସଫଳ କରିବାକୁ ଜନସାଧାରଣଙ୍କୁ ଆହ୍ୱାନ ଦିଆଯାଇଥିଲା । ମାଧବ କୁଣ୍ଡୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସିଆଇଟିୟୁ ପକ୍ଷରୁ ସୁରେଶ ଚନ୍ଦ୍ର ସାହୁ ବହୁ ସଂଖ୍ୟାରେ ଆନ୍ଦୋଳନରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ । ସିପିଏମ ପକ୍ଷରୁ ଗଣେଷ ସାହୁ, ସୁରେଶ ସାହୁ, ନଟବର ବିହାରୀ, ପ୍ରମୋଦ ସାହୁ, ବହ୍ମାନନ୍ଦ ବାରିକ, ଅଭୟ ଓଝା, ତୁଷାରକାନ୍ତି ଦାସ, ଶିବ ପ୍ରସାଦ କୁଣ୍ଡୁ, କିର୍ତନ ସାହୁ ପ୍ରମୁଖ ପାଣିକୋଇଲିରେ ବନ୍ଦ ପାଳନ ପାଇଁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି ।

# କନ୍ଧମାଳରୁ ୧୧ ହଜାର କିଲୋ ପ୍ଲାଷ୍ଟିକ ସଂଗ୍ରହ କରିବ ଏନୱାଇକେ ଫୁଲବାଣୀ

କନ୍ଧମାଳ,୨୬/୯ (ନି.ପ୍ର): କନ୍ଧମାଳ ଜିଲ୍ଲାର ୧ ଅକ୍ଟୋବର ୨୦୨୧ ରିଖଠାରୁ ୩୧ ଅକ୍ଟୋବର ୨୦୨୧ ରିଖ ପର୍ଯ୍ୟନ୍ତ ଆମ ଦେଶ ଭାରତରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ସୂଚନା ମିଳିଛି। ଏହି କାର୍ଯ୍ୟକ୍ରମ ନେହେରୁ ଯୁବ କେନ୍ଦ୍ର ଫୁଲବାଣୀର ଜିଲ୍ଲା ଯୁବ ଅଧିକାରୀ ନଭନିତ୍ କୁମାରଙ୍କ ନେତୃତ୍ୱରେ କନ୍ଧମାଳ ଜିଲ୍ଲାରେ ୧୧ ହଜାର କିଲୋଗ୍ରାମ ପ୍ଲାଷ୍ଟିକ ସଂଗ୍ରହ କରାଯିବାର ଲକ୍ଷ୍ୟ ରଖାଯାଇଅଛି। ସେଥିପାଇଁ ଆମ ଦେଶର କ୍ରୀଡ଼ା ମନ୍ତ୍ରୀ ଅନୁରାଗ ସିଂହ ଠାକୁରଙ୍କ ଅଧକ୍ଷତାରେ ୨୨ ସେପ୍ଟେମ୍ବର ୨୦୨୧ ରିଖ ଦିନ ଏକ ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ନେହେରୁ ଯୁବ କେନ୍ଦ୍ର ସଙ୍ଗଠନର ଅଧିକାରୀ, ଭାରତର ପ୍ରତ୍ୟେକ ଜିଲ୍ଲାର ଜିଲ୍ଲାପାଳ, ଜିଲ୍ଲା ପରିଷଦର ସଭାପତି, ଯୁବ କ୍ରୀଡ଼ା ବିଭାଗର ଅଧିକାରୀ ଏବଂ ଅନ୍ୟାନ୍ୟ ଉଚ୍ଚପଦସ୍ଥ ଅଧିକାରୀ ବୈଠକରେ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମଟି ଆମ ଦେଶ ଭାରତକୁ ୭୫ ବର୍ଷ ସ୍ୱାଧୀନତା ଲାଭ କରିବା ଉଦ୍ଦେଶ୍ୟରେ ଅନୁଷ୍ଠିତ ହୋଇଅଛି। ଏହି କାର୍ଯ୍ୟକ୍ରମରେ ୭୫ଲକ୍ଷ କିଲୋଗ୍ରାମ ପ୍ଲାଷ୍ଟିକ ଜିନିଷ ସଂଗ୍ରହ କରି ଭାରତ ବର୍ଷକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ଯୋଜନା ରହିଛି। ସେଥିପାଇଁ ଦେଶର ୭୪୪ ଜିଲ୍ଲା ଏବଂ ୨.୫୦ ଲକ୍ଷ ଗ୍ରାମ ସାମିଲ ହେବେ। ଦେଶର ପ୍ରତ୍ୟେକ ଜିଲ୍ଲାରୁ ୧୧ହଜାର କିଲୋଗ୍ରାମ ପ୍ଲାଷ୍ଟିକ ଜିନିଷ ସଂଗ୍ରହ କରାଯିବ ଏବଂ ପ୍ରତି ଗ୍ରାମରୁ ୩୦ କିଲୋଗ୍ରାମ ପ୍ଲାଷ୍ଟିକ ଜିନିଷ ସଂଗ୍ରହ ହେବ। ଏହି କାର୍ଯ୍ୟକ୍ରମ ପାଇଁ ଜିଲ୍ଲାସ୍ତରରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏକ କମିଟି ଗଠନ କରିବା ପାଇଁ ଇଂସନ୍ତୋଷ କୁମାର କରଙ୍କୁ ଜିଲ୍ଲାପାଳ ନୋଡାଲ ଅଫିସର ଚୟନ କରିଥିଲେ । ଏହି କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ ୧ତାରିଖରେ ଜିଲ୍ଲାରେ ଅନୁଷ୍ଠିତ ହୋଇ ୩୧ଅକ୍ଟୋବର ପର୍ଯ୍ୟନ୍ତ ନେହେରୁ ଯୁବ କେନ୍ଦ୍ର ଫୁଲବାଣୀ ତରଫରୁ କନ୍ଧମାଳ ଜିଲ୍ଲାର ପ୍ରତ୍ୟେକ ବ୍ଲକର ପ୍ରତିଟି ଗ୍ରାମରେ ଏହି କାର୍ଯ୍ୟକ୍ରମ ଚାଲିବ ବୋଲି ସୂଚନା ଦେଇଛନ୍ତି ଜିଲ୍ଲା ଯୁବ ଅଧିକାରୀ ନଭନୀତ କୁମାର।

# ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘ, କେନ୍ଦୁଝର ଶାଖାର ନୂତନ କର୍ମକର୍ତ୍ତା ଚୟନ

କେନ୍ଦୁଝର,୨୬/୯ (ନି.ପ୍ର): ଅନୁସୂଚିତ ଜାତି ଓ ଜନଜାତି ବିଭାଗ, କେନ୍ଦୁଝରର ଶିକ୍ଷକ/ଶିକ୍ଷୟତ୍ରୀମାନଙ୍କ ଉପସ୍ଥିତିରେ ନରଣପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ କବିତା ରାଣୀ ଦାସଙ୍କ ଅଧକ୍ଷତାରେ ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘ , କେନ୍ଦୁଝର ଶାଖାର ଏକ ବୈଠକ ରାଙ୍କୀ ଆଶ୍ରମ ବିଦ୍ୟାଳୟଠାରେ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଂଘ ସାଂଗଠନିକ ସମ୍ପାଦକ ରଞ୍ଜନ କୁମାର ବେହେରା, ଶିକ୍ଷକ ନେତା ଦୈତାରୀ ଦିଗାଲ ଏବଂ କେନ୍ଦୁଝରର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଜିତ କୁମାର ସାହୁଙ୍କ ମାର୍ଗଦର୍ଶନରେ ଜିଲ୍ଲା ସଂଘର କର୍ମକର୍ତାଙ୍କୁ ମନୋନୟନ କରାଯାଇଥିଲା । ଭଗାମୁଣ୍ଡା ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ସରୋଜ କୁମାର ନନ୍ଦ ସଂଘର ପୂର୍ବ ବିବରଣୀ ଏବଂ ଆଭିମୁଖ୍ୟ ପାଠ କରିଥିଲେ । ଶୁଆକାଟୀ ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିକାଶ ଚନ୍ଦ୍ର ଶତପଥି ପୂର୍ବ ସଂଘ ଭଙ୍ଗା ଯାଇ ଆଶ୍ରମ ଓ ଉଚ୍ଚ ବିଦ୍ୟାଳୟର ଦୁଇ ସଂଘ ମିଳିତ ହୋଇ ଗୋଟିଏ ସଂଘ ଭାବରେ କାର୍ଯ୍ୟକାରୀ ହେବ ବୋଲି ଘୋଷଣା କରିଥିଲେ । କାଦକଳା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୋମନାଥ ଆଇଚ ସଭା ପରିଚାଳନା କରିଥିଲେ। ବୈଠକ କେନ୍ଦ୍ରରେ କୋଭିଡ୍ ନିୟମ ପାଳନ ପୂର୍ବକ ଶିକ୍ଷକ ଶିକ୍ଷୟତ୍ରୀଙ୍କ ପାଇଁ ଆନୁସଙ୍ଗିକ ବ୍ୟବସ୍ଥାରେ ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ସାହୁ ସହଯୋଗ କରିଥିଲେ। ଶିକ୍ଷକ/ଶିକ୍ଷୟତ୍ରୀଙ୍କ ପ୍ରସ୍ତାବ ଓ ସମର୍ଥନ କ୍ରମେ ତୀର୍ଥାନନ୍ଦ ସେଠୀ ସଭାପତି ଭାବେ ସରୋଜ କୁମାର ନନ୍ଦ ସାଧାରଣ ସମ୍ପାଦକ ଭାବେ, କୃଷ୍ଣାଞ୍ଜନ ଆଚାର୍ଯ୍ୟ ଓ କିରାଣୀ ମହାନ୍ତ ଯୁଗ୍ମ ସମ୍ପାଦକ ଭାବେ, ସୋମନାଥ ଆଇଚ ଏବଂ ମଣ୍ଡଳ କୁମାର ପଣ୍ଡା ସାଂଗଠନିକ ସମ୍ପାଦକ ଭାବେ, ଅମୁଲ କୁମାର ମହାନ୍ତି ଓ ଯତୀନ କୁମାର ବାରିକ କୋଷାଧକ୍ଷ ଭାବେ ମନୋନୀତ ହୋଇଥିଲେ। ନବନିର୍ବାଚିତ ପ୍ରତିନିଧିମାନେ ଶପଥ ପାଠ ପରେ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କ ବିଭିନ୍ନ ଦାବି ପୂରଣ ସହ ସେମାନଙ୍କ ବିଭିନ୍ନ ସମସ୍ୟା ସମାଧାନରେ ବ୍ରତୀ ହେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ପରିଶେଷରେ ପ୍ରଧାନଶିକ୍ଷକ ସଚ୍ଚିଦାନନ୍ଦ ଦାଶ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## କଂଟେନରକୁ ଧକ୍କା ଦେଲା ବସ: ଚାଳକ ଆହତ

କୋରେଇ,୨୬/୯ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଶର୍ମା ପେଟ୍ରୋଲ ପମ୍ପ ଡାଇଭରସନରେ ଆଜି ଅପରାହ୍ନରେ ଏକ କଂଟେନର ସହ ବସ ଧକ୍କା ହେବା ଫଳରେ ବସ ଚାଳକ ଆହତ ହୋଇଥିବା ଜଣାପଡିଛି । ଘଟଣାସ୍ଥଳେ ପାଣିକୋଇଲି ପିସିଆର ପହଂଚି ତଦନ୍ତ ଜାରି ରଖିଛି । ପ୍ରକାଶଯେ ବାଲେଶ୍ୱରରୁ ଭୁବନେଶ୍ୱର ଅଭିମୁଖେ ରାଉତ (ଆନି) ନାମକ ଏକ ଯାତ୍ରୀବାହୀ ଘରୋଇ ବସ (ଓଡି୦୪ଏଲ୧୯୯୧) ଯାଉଥିବା ବେଳେ ଶର୍ମା ଡାଇଭରସନରେ ଏକ କଂଟେନର ହଠାତ ଆରପଟକୁ ଯିବା ସମୟରେ କଂଟେନର ସହ ବସର ଧକ୍କା ହୋଇଥିଲା । ବସ ଆଗ ମାଡହେବା ସହ ଚାଳକ ଆହତ ହୋଇଥିବା ବେଳେ କଂଟେନରଟି ଘଟଣାସ୍ଥଳୁ ଫେରାର ହୋଇଯାଇଥିଲା । ପୁଲିସ ଘଟଣାସ୍ଥଳେ ପହଂଚି ତଦନ୍ତ ଆରମ୍ଭ କରିଛି ।

# ସାମ୍ବାଦିକ ଅରିନ୍ଦମ ଦାସଙ୍କ ଓ ସହୀଦ ସୀତାରାମ ମୁର୍ମୁଙ୍କ ବିୟୋଗରେ କୋରେଇ ପ୍ରେସ କ୍ଲବ ଓ ଆମେବିପଦରେ ସାଥି ପକ୍ଷରୁ ସମୂହ ଦୀପଦାନ ଓ ଶ୍ରଦ୍ଧାଂଜଳୀ

କୋରେଇ,୨୬/୯ (ନି.ପ୍ର): କଟକର ମୁଣ୍ଡଳି ଆନିକଟ ଠାରେ ଫସିଥିବା ହାତୀକୁ ଉଦ୍ଧାର ପାଇଁ ଓଡରାଷ୍ଟ ଟିମ ସହିତ ଖବର ସଂଗ୍ରହ ପାଇଁ ଯାଇଥିବା ବିରିଷ୍ଠ ଯୁବ ସମ୍ବାଦିକ ଅରିନ୍ଦମ ଦାସ ଓ ସହୀଦ ଓଡ୍ରାଷ୍ଟ କର୍ମଚାରୀ ସୀତାରାମ ମୁର୍ମୁଙ୍କ ଅକାଳ ବିୟୋଗ କୋରାଇ ପ୍ରେସ କ୍ଲବ ଓ ଆମେ ବିଦରେ ସାଥି ପକ୍ଷରୁ ଏନେଇ ଗଭୀର ଶୋକ ବ୍ୟକ୍ତ କରାଯିବା ସହ ନିରବ ପ୍ରାର୍ଥନା କରାଯାଇ ଶ୍ରଦ୍ଧାଂଜଳୀ ଜ୍ଞାପନ କରାଯିବା ସହ ଅମର ଆତ୍ମାର ସଦଗତି ନିମନ୍ତେ ପାଣିକୋଇଲି ମା ତାରିଣୀ ମନ୍ଦିରରେ ସମୂହ ଦୀପ ଦାନ କରାଯାଇଛି। ସଙ୍ଗଠନ ପକ୍ଷରୁ କୋରାଇ ପ୍ରେସ କ୍ଲବ ସଭାପତି ସୁବାସ ଧଳଙ୍କ ଅଧ୍ୟକ୍ଷତା କ୍ରମେ ଅନୁଷ୍ଠିତ ଶ୍ରଦ୍ଧାଂଜଳି କାର୍ଯ୍ୟକ୍ରମରେ ତାରିଣୀ ପଟ୍ଟନାୟକ, ସୂର୍ଯ୍ୟମଣି ପଣ୍ଡା, ଅଶୋକ ଦାସ, ରୁଦ୍ରନାରାୟଣ ପାଢୀ, ଅଶୋକ ବେହେରା, ରବିନ୍ଦ୍ର ବେହେରା, ସୁଧାଶଙ୍କର ବିଶ୍ୱାଳ, ତପନ ମହାନ୍ତି, ଶୁସାନ୍ତ ସେନାପତି, ସୁଭାଶିଷ ମହାପାତ୍ର, ବାଦଲ ନାୟକ, ସନ୍ତୋଷ ମହାନ୍ତି, ଅଜୟ ପୃଷ୍ଟି, କପିଳେନ୍ଦ୍ର ରଣା, ରବିନ ଘଡାଇ ପ୍ରମୁଖଙ୍କ ସମତେ ସମସ୍ତ ସଭ୍ୟ ଗଭୀର ଶୋକ ବ୍ୟକ୍ତ ସହ ଅମର ଆତ୍ମାର ସଦଗତି କାମନା କରିଛନ୍ତି । ଏଥି ସହିତ ଅରିନ୍ଦମ ପରିବାର ଉପଯୁକ୍ତ ଥଇଥାନ ପାଇଁ ମଧ୍ୟ ସଙ୍ଘ ଦାବି କରିଛି ।

## ଚିନାବାଦାମ

**ଚିନାବାଦାମ ମଣିଷ ପାଇଁ ଈଶ୍ୱରଙ୍କ ବରଦାନ ସ୍ୱରୂପ । ଏଥିରେ ପ୍ରୋଟିନ ସହିତ ବିଭିନ୍ନ ପ୍ରକାର ଭିଟାମିନ ଓ ଖଣିଜ ପ୍ରଚୁର ମାତ୍ରାରେ ରହିଥାଏ । ଏହା ଶରୀରର ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ସହ ବିଭିନ୍ନ ପ୍ରକାର ବିଷାକ୍ତ ପ୍ରତିକ୍ରିୟାରୁ ଦେହକୁ ରକ୍ଷା କରିଥାଏ । ଏଥିରେ ଲୌହ , କ୍ୟାଲିସିୟମ, ଜିଙ୍କ, ମ୍ୟାଗ୍ନେସିୟମ, ପୋଟାସିୟମ , ସେଲେନିୟମ, ମାଙ୍ଗାନିଜ ଓ କପର ପ୍ରଭୃତି ଭରପୂର ପରିମାଣରେ ରହିଥାଏ ।**



ଚିନାବାଦାମରେ ଥିବା 'ନିଆସିନ' ଆଲାଜାଇମର ପରି ରୋଗର ଏକ ଉତ୍ତମ ପ୍ରତିରୋଧକ । ଏହା ମସ୍ତିଷ୍କରେ ରକ୍ତ ପ୍ରବାହ ବୃଦ୍ଧି କରି ଆଲାଜାଇମର ଆଶଙ୍କାକୁ ଦୂରକରେ ।

ଏଥିରେ ଥିବା ଭିଟାମିନ ଇ ତ୍ୱଚାକୁ ସ୍ନିଗ୍ଧ ଓ କୋମଳ କରିବା ସହ ଚମକ ବୃଦ୍ଧି କରେ । ତା ସହିତ ବୟସର ପ୍ରଭାବକୁ ମଧ୍ୟ ହ୍ରାସ କରେ ।

ଚିନାବାଦାମରେ ଭିଟାମିନ ଏତ ମଧ୍ୟ ରହିଛି । ଏଥିରେ ଥିବା 'ବାୟୋଟିନ' ବଳ ଓ ନଖ ପାଇଁ ଅତ୍ୟନ୍ତ ଉପଯୋଗୀ ।

ଶିଶୁ ଓ କିଶୋର/ କିଶୋରୀଙ୍କ ପାଇଁ ଚିନାବାଦାମ ଏକ ଉତ୍ତମ ଖାଦ୍ୟ । ଏହା ସେମାନଙ୍କ ଶରୀରିକ ଓ ମାନସିକ ବିକାଶକୁ ତ୍ୱରାନ୍ୱିତ କରେ ।

ଚିନାବାଦାମ ନିୟମିତ ଖାଇଲେ ମଧୁମେହ ଆଶଙ୍କା ଶତ ପ୍ରତିଶତ ଦୂର ହୁଏ ।

ରକ୍ତରେ ଶର୍କରା ସ୍ତରକୁ ନିୟନ୍ତ୍ରଣ କରେ ।

ଶରୀରରେ ଥିବା କ୍ୟାଲସିୟମର ଅବଶୋଷଣ ପ୍ରକ୍ରିୟାରେ ସାହାଯ୍ୟ କରିବା ସହ ପାକଶକ୍ତିକୁ ଦୃଢ଼ କରେ ।

ଏଥିରେ ଥିବା 'ଟ୍ରିପଟୋଫୋନ' ନାମକ ଆମିନୋଏସିଡ ମାନସିକ ସ୍ଥିରତା ପ୍ରଦାନ କରିବା ସହ ଚାପ ଦୂର କରେ ।

ଖରାପ କୋଲେଷ୍ଟାରଲ ନାଶ କରିବା ସହ ଭଲ କୋଲେଷ୍ଟରଲ ବୃଦ୍ଧି କରି ହୃଦରୋଗ ଆଶଙ୍କା ଦୂର କରେ ।

ପେଟ କ୍ୟାନସର, ବ୍ରେଷ୍ଟ କ୍ୟାନସର ଓ ଫଙ୍ଗାଲ ଇନଫେକ୍ସନର ଉତ୍ତମ ପ୍ରତିରୋଧକ ।

## ବ୍ରଣରୁ ରକ୍ଷା ପାଇବାରୀ ଘରୋଇ ଉପାୟ

**ଯୁବତୀମାନଙ୍କର ଏକ ପ୍ରମୁଖ ସମସ୍ୟା ହେଲା ତ୍ୱଚାରେ ବ୍ରଣ ହେବା । ବ୍ରଣ ତ୍ୱଚାର ସୌନ୍ଦର୍ଯ୍ୟକୁ ଖରାପ କରିବା ସହ ଏହାର ଦାଗ ମଧ୍ୟ ସହଜରେ ଯାଇନଥାଏ । ଏଣୁ ଏହାର ସୁନ୍ଦର ତଥା ସରଳ ଘରୋଇ ଉପଚାର ହେଲା ଶୁଦ୍ଧ ହଳଦୀକୁ ନିଜ ସୌନ୍ଦର୍ଯ୍ୟ ଚର୍ଚ୍ଚାରେ ସାମିଲ କରାନ୍ତୁ ।**



- ୧ ଚାମଚ ଶୁଦ୍ଧ ମହୁ ଓ ଅଧ ଚାମଚ ହଳଦୀକୁ ମିଶାଇ ବ୍ରଣ ଉପରେ ଲଗାନ୍ତୁ । ୧୦-୧୨ ମିନିଟ୍ ପରେ ଥଣ୍ଡା ପାଣିର ଛିଟା ମରିବେ । ନିୟମିତ ଏପରି କଲେ ବ୍ରଣ ଦୂର ହେବା ସହ ଦାଗ ମଧ୍ୟ ଦୂର ହୋଇଥାଏ ।
- ୧ଚାମଚ ଦହିରେ ଅଧ ଚାମଚ ହଳଦୀ ମିଶାଇ ସେହି ପ୍ୟାକକୁ ବ୍ରଣରେ ଲଗାଇବା ସହ ପୂରା ମୁହଁରେ ମଧ୍ୟ ଲଗା ଇପାରିବେ । ପ୍ୟାକ୍ ଶୁଖିବା ପରେ ଭଲ ଭାବେ ମୁହଁ ଧୋଇନିଅନ୍ତୁ । ସପ୍ତାହକୁ ୩-୪ଥର ଏପରି କରିବା ଉଚିତ ।
- ନିମ୍ବ ପତ୍ର ଗୁଣ୍ଡ ୨ଚାମଚରେ ୧ଚାମଚଜ ହଳଦୀ ଓ ଦହି ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ । ଏହି ପ୍ୟାକ୍ ତ୍ୱଚା ପାଇଁ ଆଣ୍ଟିସେପଟିକ୍ ଭଳି କାମ କରିଥାଏ । ବ୍ରଣ ଓ ଦାଗରୁ ରକ୍ଷା ପାଇବା ନିମନ୍ତେ ନିୟମିତ ଏହି ପ୍ୟାକ୍ ଲଗାଇବା ଭଲ ।




- ୧ବଡ଼ ଚାମଚ ଲେମ୍ବୁ ରସରେ ଅଧ ଚାମଚ ହଳଦୀ ଗୁଣ୍ଡ ମିଶାଇ ତାହାକୁ ବ୍ରଣରେ ଲଗାଇପାରିବେ । ୧୦-୧୨ ମିନିଟ୍ ପରେ ତ୍ୱଚାକୁ ଥଣ୍ଡା ପାଣିରେ ଧୋଇ ନିଅନ୍ତୁ ।
- ବେସନ, ହଳଦୀ ତଥା ଦହି ପ୍ୟାକ୍ ମଧ୍ୟ ବ୍ରଣକୁ ଦୂରେଇ ବାରେ ସାହାଯ୍ୟ କରେ । ଅନ୍ୟ ଏକ ଘରୋଇ ପ୍ୟାକ୍ ହେଲା ଚନ୍ଦନଗୁଣ୍ଡ ପାଉଡର ଓ ଚିମୁଟାଏ ହଳଦୀରେ କଞ୍ଚା କ୍ଷୀର ମିଶାଇ ତ୍ୱଚାରେ ଲଗାଇପାରିବେ ।
- କଞ୍ଚା କ୍ଷୀର ଓ ଚିମୁଟାଏ ହଳଦୀର ପ୍ୟାକ୍ ମଧ୍ୟ ବ୍ରଣ ଦାଗ ଦୂର କରିବାରେ ସହାୟକ ହୋଇଥାଏ
- ଦୈନିକ ସ୍ନାନ ପୂର୍ବରୁ ଘିକୁଆରୀ ରସରେ ଚିମୁଟାଏ ହଳଦୀ ମିଶାଇ ପବ୍ୟାକ୍ ଭଳି ତ୍ୱଚାରେ ଲଗାନ୍ତୁ । ମାସେ ଏହି ପ୍ୟାକ୍ ଲଗାଇଲେ ତ୍ୱଚାରୁ ବ୍ରଣ ଓ ଦାଗ ଦୂର ହୋଇଥାଏ ।

## କିପରି ହୁଏ ଘୂର୍ଣ୍ଣିବାତ୍ୟା



ଏହା ଏକ ବିରାଟ ଆକାରର ବାୟୁପିଣ୍ଡ, ଯାହା ଶକ୍ତିଶାଳୀ କେନ୍ଦ୍ରୀୟ ବାୟୁମଣ୍ଡଳୀୟ ନିମ୍ନଚାପ ଚତୁର୍ଦ୍ଦିଗରେ ଘୂରିବୁଲେ । ଘୂର୍ଣ୍ଣିବାତ୍ୟାରେ ଏକ ନିମ୍ନଚାପ ବିଶିଷ୍ଟ କ୍ଷେତ୍ର ଚାରିପାଖରେ ଅନ୍ତଃଗାମୀ କୁଣ୍ଡଳାକାର ପବନ ଘୂରିବୁଲେ । ସବୁଠାରୁ ବଡ଼

ନିମ୍ନଚାପ ସିଷ୍ଟମକୁ ପାଲୋର ଭର୍ଟେକ୍ସ ଓ ସବୁଠାରୁ ବଡ଼ ସିନୋପ୍ଟିକ୍ ସ୍କେଲ୍‌କୁ ଏକ୍ସଟ୍ରାଟ୍ରପିକାଲ୍ ଘୂର୍ଣ୍ଣିବାତ୍ୟା କୁଆଯାଏ । ମଙ୍ଗଳ, ବୃହସ୍ପତି ଓ ନେପ୍‌ଚୁନ ଭଳି ଗ୍ରହମାନଙ୍କରେ ମଧ୍ୟ ଘୂର୍ଣ୍ଣିବାତ୍ୟା ସାଇକ୍ଲୋଜେନେସିସ୍ କୁହାଯାଏ । ବିଭିନ୍ନ ଜୋନ୍ ସଙ୍କୁଚିତ ହୋଇ ଏକ ସମ୍ମୁଖଭାଗ ପ୍ରସ୍ତୁତି ଓ ଉତ୍କଟ ହେବାର ପ୍ରଣାଳୀକୁ ସାଇକ୍ଲୋଜେନେସିସ୍ କୁହାଯାଏ । ବିଭିନ୍ନ ଜୋନ୍ ସଙ୍କୁଚିତ ହୋଇ ଏକ ସମ୍ମୁଖଭାଗ ପ୍ରସ୍ତୁତ ହୁଏ । ଏହାପରେ ଏକ୍ସଟ୍ରାଟ୍ରପିକାଲ ସାଇକ୍ଲୋନ୍‌ର ଥଣ୍ଡା ପବନ ଉଷ୍ମମ ବାତ୍ୟା ଜୀବନଚକ୍ର ବନ୍ଦ ହୋଇ ଘନତ୍ୱ ବୃଦ୍ଧି ପାଏ । ଏକ ଘୂର୍ଣ୍ଣିବାତ୍ୟାର ଜୀବନର ଜୀବନଚକ୍ର ସାଧାରଣତଃ ୨ରୁ ୬ ଦିନ ହୋଇଥାଏ ।

ପାଗର ସମ୍ମୁଖଭାଗ ଦୁଇ ଭିନ୍ନ ଭିନ୍ନ ଉତ୍ତାପ, ଆର୍ଦ୍ରତା ଓ ଘନତ୍ୱ ବିଶିଷ୍ଟ ବାୟୁପିଣ୍ଡ ମଧ୍ୟରେ ଏକ ସୀମା ନିର୍ଦ୍ଧାରଣ କରିଥାଏ । ସମ୍ମୁଖଭାଗ ଥଣ୍ଡାଥାଏ ଓ ତା'ପର ଭାଗରେ ଘଡ଼ଘଡ଼ି ବିଜୁଳି ସହିତ ସାଂଘାତିକ ପାଣିପାଗ ଅଣଓସାରିଆ ମଣ୍ଡଳୀ ଥାଏ । କିନ୍ତୁ ବେଳେ ବେଳେ ଶୁଷ୍କଧାଡ଼ି ଦେଖାଯାଏ । ଏହିଭଳି ସମ୍ମୁଖ ଭାଗ ସାଧାରଣତଃ କେନ୍ଦ୍ରର ପଶ୍ଚିମ ପାର୍ଶ୍ୱରେ ଥାଏ । ଯାହା ପୂର୍ବରୁ ଗତି କରୁଥାଏ । ପୂର୍ବଭାଗରେ ଏଥି ପୂର୍ବରୁ ଅବକ୍ଷେପଣ ଓ କୁହୁଡ଼ି ଦେଖାଯାଇପାରେ । ଉଷ୍ମମ ସମ୍ମୁଖ ଭାଗ ଘୂର୍ଣ୍ଣିବାତ୍ୟାର ଆଗେ ଆଗେ ଚଳନ ହୁଏ ।

ଗ୍ରୀଷ୍ମମଣ୍ଡଳୀୟ ସାଇକ୍ଲୋଜେନେସିସ୍‌ରେ ଟ୍ରିପିକାଲ୍ ଘୂର୍ଣ୍ଣିବାତ୍ୟାର ବର୍ଣ୍ଣନା ଦେଖିବାକୁ ମିଳେ । ଘଡ଼ଘଡ଼ି ପ୍ରକ୍ରିୟାରୁ ଜାତ ଲେଟେଣ୍ଟ ଚାପ ଯୋଗୁଁ ଗ୍ରୀଷ୍ମମଣ୍ଡଳୀୟ ଘୂର୍ଣ୍ଣିବାତ୍ୟା ସୃଷ୍ଟିହୁଏ । ଯାହାର କେନ୍ଦ୍ରସ୍ଥଳ ଉଷ୍ମମ ଥାଏ । ଟ୍ରପିକାଲ୍, ଏକ୍ସଟ୍ରାଟ୍ରିପିକାଲ୍ ଓ ସବଟ୍ରିପିକାଲ ମଧ୍ୟରେ ଘୂର୍ଣ୍ଣିବାତ୍ୟାର ପ୍ରକାର ବଦଳିପାରେ । ମେସୋସାଇକ୍ଲୋନ୍‌ରେ ଉଷ୍ମମ କେନ୍ଦ୍ର ଥାଏ । ଯାହା ଟର୍ନାଡ଼ୋରେ ପରିବର୍ତ୍ତିତ ହୋଇଥାଏ । ମେସୋସାଇକ୍ଲୋନରୁ ୱାଟର୍‌ସ୍ପାଉଟ ଜାତ ହୋଇପାରେ । କିନ୍ତୁ ଅଧିକାଂଶ ସମୟରେ ନିମ୍ନ ଭର୍ଟିକାଲ ଉଇଣ୍ଡ୍ ସିଅର ଯୋଗୁଁ ଏହାହୁଏ । ଆଟ୍‌ଲାଣ୍ଟିକ୍ ଓ ଉତ୍ତରପୂର୍ବ ପ୍ରଶାନ୍ତ ମହାସାଗରୀୟ ଇଲାକାରେ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଟାଇଫୁନ୍ କୁହାଯାଏ । ଏହି ବୃଦ୍ଧି ଓ ଅସ୍ଥିରତାର ପ୍ରଭାବ ବ୍ୟାପକ ନୁହେଁ । ଉଦାହରଣସ୍ୱରୂପ ଆକାର, ଘନତ୍ୱ, ଆର୍ଦ୍ରଦା ଚଳନ, ପୃଷ୍ଠଭାଗ ବାଷ୍ପୀକରଣ ଓ ବିଭିନ୍ନ ଉଚ୍ଚତାରେ ସାମ୍ଭାବ୍ୟ ଚାପ ପରିବର୍ତ୍ତନ ଯୋଗୁଁ ଭର୍ଟେକ୍ସରେ ପରିବର୍ତ୍ତନ ହୁଏ ।

## ସ୍ୱାସ୍ଥ୍ୟ ମନ୍ତ୍ର

ଉଚ୍ଚ ରକ୍ତଚାପ ଭୋଗୁଥିବା ଲୋକେ ନିୟମିତ ଔଷଧ ସହ ଫୋଲିକ୍ ଏସିଡ୍ ବଟିକା ଖାଇଲେ, ହୃଦ୍‌ଘାତ ଭୋଗିବାର ଆଶଙ୍କା ଅନ୍ୟମାନଙ୍କ ତୁଳନାରେ ୨୧ ପ୍ରତିଶତ କମ୍ । ରକ୍ତରେ ହୋମୋସିଷ୍ଟିନ୍‌ର ଆଧିକ୍ୟ ଦ୍ୱାରା ଧମନିରେ ରକ୍ତ ପ୍ରବାହ ବାଧାପ୍ରାପ୍ତ ହୁଏ । ଫୋଲିକ୍ ଏସିଡ୍, ରକ୍ତରେ ହୋମୋସିଷ୍ଟିନ୍ ସ୍ତର ନିୟନ୍ତ୍ରଣରେ ରଖେ । ଆମ ଦେଶରେ ଅନେକ ଫୋଲିକ୍ ଏସିଡ୍ ଅଭାବ ଭୋଗୁଛନ୍ତି । ଏ ବାବଦରେ ସମସ୍ତେ ସଚେତନ ହେବା ଉଚିତ ।




ଏହା ପ୍ରାକୃତିକ ଭାବେ ଗାଢ଼ ସବୁଜ ରଙ୍ଗର ମୋଟା ପତ୍ର ଥିବା ପନିପରିବା, ବିନ୍‌ସ, ଡାଲି ଜାତୀୟ ଶସ୍ୟ, ଫଳମୂଳ ଓ ନଟ୍‌ସରୁ, ମିଳେ । 'ଜର୍ନାଲ୍ ଅଫ୍ ଦ ଆମେରିକାନ୍ ମେଡିକାଲ୍ ଆସୋସିଏସନ୍'ରେ ଏହା ଉପରେ ଏକ ଅଧ୍ୟୟନମୂଳକ ରିପୋର୍ଟ ପ୍ରକାଶ ପାଇଛି ।




## ଘର ମୋର ସ୍ୱର୍ଗ

**ସୌନ୍ଦର୍ଯ୍ୟ ପିପାସୁ ମଣିଷଟିଏ କ୍ଳାନ୍ତ ହୋଇ ଘରକୁ ଫେରିଲେ ଶୃଙ୍ଖଳିତ, ରୁଚିସମ୍ପନ୍ନ ପରିବେଶ ଆଶା କରେ । ଘରଟି କେବଳ ଖର୍ଚ୍ଚାନ୍ତ ହୋଇ ବର୍ଣ୍ଣାଢ଼୍ୟ ଢଙ୍ଗରେ ସଜାଇ ହେବନାହିଁ, ଆଗ୍ରହ ଥିଲେ ଖୁବ୍ କମ୍ ଖର୍ଚ୍ଚରେ ବି ଘରକୁ ସୁନ୍ଦର ରୂପ ଦେଇପାରିବେ । ଓ ସଂକ୍ରାନ୍ତରେ କେତେକ ଉପାୟ-**



- ଘରକୁ ସର୍ବଦା ପରିଷ୍କାର, ପରିଚ୍ଛନ୍ନ କରି ରଖିବାକୁ ଚେଷ୍ଟା କରନ୍ତୁ ।
- ଘରର ଆଭ୍ୟନ୍ତରୀଣ ପରିବେଶ ବିଶୁଦ୍ଧ କରୁଥିବା ବିଭିନ୍ନ ପ୍ରକାର ଗଛ ରଖିପାରିବେ ।
- ପିସ୍ ଲିଲି, ସ୍ପାଇଡର ପ୍ଲାଣ୍ଟ, ବାଉଁଶଗଛ, ତଥା ସମସ୍ତଙ୍କର ପ୍ରିୟ ମନିପ୍ଲାଣ୍ଟ, ଏରିକା ପାମ୍‌କ ଘରର କୌଣସି କୋଣରେ ସଜାଇ ରଖିହେବ । ଗଛଗୁଡ଼ିକର ସବୁଜିମା ଘରର ସୌନ୍ଦର୍ଯ୍ୟ ଦ୍ୱିଗୁଣିତ କରିଦିଏ ।
- ଘରର ଉତ୍ତର-ପୂର୍ବ ଦିଗରେ ବଜାରରେ ମିଳୁଥିବା କୃତ୍ରିମ ଝରଣା ରଖନ୍ତୁ । ବାସ୍ତୁ ଅନୁସାରେ ଏହା ପ୍ରଗତିର ପରିଚାୟକ ।
- ସବୁଘରେ କିଛି ନା କିଛି କଂସା, ପିତ୍ତଳ ଜିନିଷ ଥାଏ, ଯାହା ବ୍ୟବହାର ନହୋଇ ପଡ଼ି ରହିଥାଏ । ଏବେ ପିତ୍ତଳରେ ସାଜସଜ୍ଜାର ଚାହିଦା ଅଧିକ । ପିତ୍ତଳର ବଡ଼ ଥାଳିଟିଏ ଟି'ପୟ କିମ୍ବା ଡାଇନିଂ ଟେବୁଲ ମଝିରେ ରଖନ୍ତୁ । ସେଥିରେ ଛୋଟ ମନିପ୍ଲାଣ୍ଟଟିଏ ରାଧାକୃଷ୍ଣ କିମ୍ବା ଗଣେଶ, ବୁଦ୍ଧଙ୍କର ମୂର୍ତ୍ତିଟିଏ ଯଦି ଅଛି ରଖିଦିଅନ୍ତୁ । ଏବେ ଦେଖନ୍ତୁ, କେତେ ଶାନ୍ତି ମନଲୋଭା ସେ ଦୃଶ୍ୟ ।
- ଘର ମଝିରେ ବଜାରରୁ ସୁନ୍ଦର ରଙ୍ଗିନ୍ ଗାଲିଚା, ଦରି କିଣି ଆଣି ପକାନ୍ତୁ । ଝୋଟ ତିଆରି ଦରିର ଚାହିଦା ଏବେ ଅଧିକ ।
- ଘରର ରଙ୍ଗକୁ ମେଳ ହେଉଥିବା ଭଳି କୁଶନ୍ କଭର ଲଗାଇ ପାରିବେ । ଖୁବ୍ ସୁନ୍ଦର ଟେବୁଲ ତଥା ସୋଫା ରନର ବି ମିଳୁଛି । ଏହାକୁ ବ୍ୟବହାର କରାଯାଇପାରିବ ।
- ଘରେ ହାଲ୍‌କା ଟେବୁଲ ଲାଇଟ ବା ସିଲିଂ ଲାଇଟ୍ ଲଗାନ୍ତୁ । ନିଜ ପସନ୍ଦର ଭଜନ କିମ୍ବା ପୁରୁଣା ଗୀତ ହାଲ୍‌କା ଶବ୍ଦ ଦେଇ ବଜାନ୍ତୁ । ଦେଖିବେ, 'ଘର ହିଁ ମୋର ସ୍ୱର୍ଗ' ନକହି କେହି ରହିପାରିବେ ନାହିଁ ।

## ଅଳେଇଚ କଞ୍ଚା ଇଲିସି ବେସର



ସାଧାରଣ ଇଲିସି ମାଛ ଖାଇବା ସମସ୍ତଙ୍କୁ ଭଲ ଲାଗେ । ଏହା ଭାରି ଟେଷ୍ଟି ମଧ୍ୟ । ଘରେ ଏହାକୁ କିଏ କିଏ ଭାଜି ଖାଆନ୍ତି ତ ଆଉ କିଏ ତରକାରୀ କରି । କିନ୍ତୁ ଆମେ ଆଜି ଆପଣଙ୍କୁ ଏହି ଇଲିସି ମାଛକୁ ନେଇ ଏକ ନୂଆ ରେସିପି କହିବୁ । ଯାହାର ନାଁ ଅଳେଇଚ କଞ୍ଚା ଇଲିସି ବେସର । ଆସନ୍ତୁ ଜାଣିବା ଏହାକୁ କିଭଳି ପ୍ରସ୍ତୁତ କରିବେ ।

ସାମଗ୍ରୀ: ଇଲିସି ମାଛ-୧ କେଜି, ଅଳେଇଚ-୭ରୁ୮, ତେଜପତ୍ର-୨ଟି, ହଳଦି ଗୁଣ୍ଡ-୧ ଚାମଚ, ତେଲ-୨ରୁ ୪ ଚାମାଚ, ସୋରିଷ ବଟା-ଏକ କପ୍, ଲୁଣ ସ୍ୱାଦ ଅନୁସାରେ ।

କରେଇରେ ତେଲ ଗରମ କରନ୍ତୁ । ସେଥିରେ ତେଜପତ୍ର ଏବଂ ଅଳେଇଚ ପକାନ୍ତୁ । ଏହାପରେ ସେଥିରେ କଞ୍ଚା ଇଲିସି ମାଛକୁ ପକାଇ ଘୋଡାଇ ଦିଅନ୍ତୁ । ଦୁଇ ତିନି ମିନିଟ୍ ପରେ ଘୋଡଣି କାଢ଼ି ମାଛରେ ହଳଦୀ ଗୁଣ୍ଡ, ଲୁଣ ଏବଂ ରସୁଣ,ଶୁଖିଲା ଲଙ୍କା ସହ ମିଶି ପେଷ୍ଟ ହୋଇଥିବା ସୋରିଷ ବଟା ଓ ପାଣି ଦିଅନ୍ତୁ । ୮ରୁ ୧୦ ମିନିଟ୍ ପରେ ସେଥିରେ ଅଳ୍ପ ଚିନି ପକାଇ ଗ୍ୟାସ୍ ବନ୍ଦ କରିଦିଅନ୍ତୁ । ଏହାପରେ ପ୍ରସ୍ତୁତ ହୋଇଯିବ ଅଳେଇଚ କଞ୍ଚା ଇଲିସି ବେସର ।

## କ୍ୟାମେରା ଲାଗିଥିବା ଟୁଥ୍ ବ୍ରଶ

ସମସ୍ତ ଦରକାରୀ ଜିନିଷ ଯେମିତିକି ଫ୍ୟାନ୍, ପାନିଆ, ବ୍ୟାଗ, ହେୟାରବ୍ୟାଣ୍ଡ ଆଦିରେ ଛୋଟ ଭିଡିଓ କ୍ୟାମେରା ଲାଗିବାର ଆମେ ଶୁଣୁଛେ । ମାତ୍ର ଏବେ ସିଏଟଲ୍ କମ୍ପାନୀ ଏପରି ଏକ ଟୁଥ୍‌ବ୍ରଶ୍ ଲଞ୍ଚ କରିଛି, ଯେଉଁଥିରେ ଏକ ଛୋଟ ଭିଡିଓ କ୍ୟାମେରା ରହିଛି । ଏଥିରେ ବ୍ରଶ୍ କଲେ ପାଟି ଭିତରକୁ ଆମେ ସୁବିଧାରେ ଦେଖିପାରିବା । ଲୌସ 'ପ୍ରୋଫିକ୍ସ'ନାମକ ଏହି ଟୁଥ୍‌ବ୍ରଶ୍ ୱିଲ୍‌ମେଟ୍ ଆମେରିକାର ଦନ୍ତ ଚିକିତ୍ସକ କ୍ରେଗ କୋହଲର ପ୍ରସ୍ତୁତ କରିଛନ୍ତି । ଏହି ବ୍ରଶ ଏବେ ବଜାରରେ ଡିସ୍‌କାଉଣ୍ଟରେ ୨୯୯ ଆମେରିକା ଡଲାରରେ ଉପଲବ୍ଧ ହେବ । ଏହି ଟୁଥ୍‌ବ୍ରଶରେ ମଧ୍ୟ ସ୍ମାର୍ଟଫୋନ୍‌କୁ ଭିଡିଓକୁ ପଠାଇବାକୁ ୱାଇଫାଇ ଏବଂ ବ୍ଲୁଟୁଥ୍ ଉପଲବ୍ଧ ଅଛି । ଦନ୍ତ ଚିକିତ୍ସକଙ୍କ କହିବା ଅନୁଯାୟୀ ଏହା ଦ୍ୱା ଆପଣ ଆପଣଙ୍କ ପାଟି ଭିତରର କୋଣ ଅନୁକୋଣ ଦେଖିପାରିବେ ଓ କେଉଁଠି କେତେ ସଫା ହୋଇଛି ମଧ୍ୟ ଜାଣିପାରିବେ ।



## ଗଛର ଗୋଟିଏ ଶାଖାରେ ୮୩୯ଟି ଟମାଟୋ ଫଳାଇ ବିଶ୍ୱ ରେକର୍ଡ

ଟମାଟୋ ଏପରି ଏକ ପରିବା, ଯାହା ପ୍ରତ୍ୟେକ ପନିପରିବା ସହିତ ମିଶ୍ରିତ ହୁଏ । ଚଟନି ହେଉ କିମ୍ବା ସାଲାଡ ସବୁ ଖାଦ୍ୟରେ ଟମାଟୋ ଚାହିଦା ଅଧିକ ରହିଥାଏ । ଲୋକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଚାଷୀମାନେ ମଧ୍ୟ ଏହାକୁ ଚାଷ କରି ଥାଆନ୍ତି । ନିକଟରେ ଟମାଟୋ ଚାଷ କରି ଜଣେ ବ୍ୟକ୍ତି ବିଶ୍ୱ ରେକର୍ଡ କରିଥିବା ଜଣାପଡ଼ିଛି ।ଜଣେ ବ୍ରିଟିଶ ବ୍ୟକ୍ତି ଟମାଟୋ ଗଛର ଗୋଟିଏ ଶାଖାରେ ୮୩୯ଟି ଟମାଟୋ ଫଳାଇ ଥିବା ଜଣାପଡ଼ିଛି । ଏହା ପୂର୍ବରୁ ଡଗଲାସ ଆଉ ଏକ ରେକର୍ଡ କରିଥିଲେ । ଗତବର୍ଷ ସେ ଦୁନିଆର ସବୁଠାରୁ ବଡ଼ ଟମାଟୋ ଫଳାଇ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଦେଇଥିଲେ । ଡଗଲାସ ଏହି ଘଟଣାକୁ ନେଇ କହିଛନ୍ତି ଯେ ସେ ମାର୍ଚ୍ଚ ମାସରେ ଟମାଟୋ ମଞ୍ଜି ବୁଣିଥିଲେ । ଏହି ଟମାଟୋ ଗଛକୁ ସେ ସବୁଜ ଗୃହରେ ଲଗାଇଲେ । ଡଗଲାସଙ୍କ ଅନୁଯାୟୀ, ସେ ଟମାଟୋକୁ ଏପରି ଭାବେ ଫଳାଇବା ପାଇଁ ପ୍ରତି ସପ୍ତାହରେ ତିନିରୁ ଚାରି ଘଣ୍ଟା ପରିଶ୍ରମ କରିବା ସହିତ ଗଛର ଯତ୍ନ ନେଇଥାଆନ୍ତି । ଯାହାର ଫଳାଫଳ ଆଜି ସମଗ୍ର ବିଶ୍ୱ ସାମ୍ନାରେ ଅଛି ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ହକି ଓ ଓଡ଼ିଶା...

ବିଶ୍ୱସ୍ତରରେ କ୍ରୀଡ଼ାକୁ ଅଧିକ ଲୋକପ୍ରିୟ କରାଯିବାରେ ଅଲିମ୍ପିକ୍ସ ଭଳି ଆୟୋଜନ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଆସିଛି । ସଦ୍ୟ ସମାପ୍ତ ଟୋକିଓ ଅଲିମ୍ପିକ୍ସରେ ବିଭିନ୍ନ ଦେଶର ଅଂଶଗ୍ରହଣ ଓ ପ୍ରଦର୍ଶନ ତାହାର ପ୍ରମାଣ । ଦେଶ ବିଦେଶରେ କ୍ରୀଡ଼ା ଆୟୋଜନକୁ ଲୋକପ୍ରିୟ କରାଯିବାରେ ହେଉଥିବା ପ୍ରୟାସ ସୂଚିତ କରୁଛି, କ୍ରୀଡ଼ାର ଭବିଷ୍ୟତ ଉଜ୍ଜ୍ୱଳ । କରୋନା ସଂକ୍ରମଣ କାରଣରୁ ବାରମ୍ବାର ଘୁଞ୍ଚାଯାଇଥିବା ଏବଂ ଏପରିକି ଆୟୋଜକ ଦେଶର କୁଣ୍ଠା ଭିତରେ ସମାହିତ ହୋଇଥିବା ମହାକୁମ୍ଭ ଜରିଆରେ ବିଶ୍ୱ ଏହି ସମ୍ଭାବନାପୂର୍ଣ୍ଣ ସ୍ଥିତିକୁ ଆପଣାଇ ନେଇଛି । ଦୌଡ଼କୁଦ, ଜାଭେଲିନ୍ ଥ୍ରୋ, ତୀରନ୍ଦାଜି ଭଳି ହକିକୁ କିଛି ବର୍ଷ ହେଲା ଯଥାଯୋଗ୍ୟ ମାନ୍ୟତା ମିଳିବାରେ ଯେଉଁ ସମସ୍ୟା ଥିଲା, ତାହା ଟୋକିଓ ଅଲିମ୍ପିକ୍ସରେ ଦୂରୀଭୂତ ହୋଇପାରିଛି ବୋଲି କୁହାଯାଇପାରିବ । କେବଳ ସେତିକି ନୁହେଁ, ଭବିଷ୍ୟତରେ ହକିକୁ ଅଧିକ ମର୍ଯ୍ୟାଦାପୂର୍ଣ୍ଣ କରିବା ସକାଶେ ଚାଲିଥିବା ପ୍ରୟାସ ବିଜୟମଣ୍ଡିତ ହେବ, ସେହି ଆଶା ଉଜ୍ଜୀବିତ ହୋଇଛି । ସମୟ ଥିଲା, ହକି ଥିଲା ବିଶ୍ୱର ଅନ୍ୟତମ ପ୍ରିୟ କ୍ରୀଡ଼ା । ହକିରେ ଅଭୂତପୂର୍ବ ପ୍ରଦର୍ଶନ ପାଇଁ ଧ୍ୟାନ ଚାନ୍ଦଙ୍କୁ କୁହାଯାଉଥିଲା ଯାଦୁକର ବୋଲି । କେବଳ ଦେଶରେ ନୁହେଁ, ବିଦେଶରେ ଧ୍ୟାନ ଚାନ୍ଦ ନିପୁଣ ପ୍ରଦର୍ଶନ କରି ଭାରତ ପାଇଁ ତିନି ତିନି ଥର ସ୍ୱର୍ଣ୍ଣ ପଦକ ଆଣିଥିବା ଧ୍ୟାନ ଚାନ୍ଦଙ୍କ ନାମରେ କରାଯାଇଛି ସର୍ବୋଚ୍ଚ ଖେଳରତ୍ନ ପୁରସ୍କାର । ବାରମ୍ବାର ହକି ପାଇଁ ବିଭିନ୍ନ ସ୍ଥାନରେ ବିଶ୍ୱ କପ୍ ଆୟୋଜନ କରାଯାଇଥିବା ବେଳେ ଶେଷତମ ବିଶ୍ୱ କପ୍ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ହୋଇଥିଲା । ଅନ୍ୟ କୌଣସି ରାଜ୍ୟ ବ୍ୟୟବହୁଳ ବିଶ୍ୱ କପ୍ ଆୟୋଜନ ସକାଶେ ଆଗ୍ରହୀ ହୋଇନଥିବା ପୃଷ୍ଠଭୂମିରେ ଓଡ଼ିଶା ହକି କ୍ରୀଡ଼ାର ଆୟୋଜନ ପାଇଁ ତୁରନ୍ତ ସମ୍ମତି ଜଣାଇଲା । କ୍ରୀଡ଼ାପ୍ରେମୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଶ୍ୱ କପ୍ ହକି ପାଇଁ ରାଜ୍ୟର ଭଣ୍ଡାର ଖୋଲିଦେବା ପାଇଁ ଦକ୍ଷ ପ୍ରଶାସକମାନଙ୍କୁ ନିର୍ଦ୍ଦେଶ ଦେଲେ । ଭୁବନେଶ୍ୱରରେ ବିଶ୍ୱ କପ୍ ହକିର ସଫଳ ଆୟୋଜନ ବିଶ୍ୱ କ୍ରୀଡ଼ା ମୋଦିଙ୍କୁ କିଭଳି ପ୍ରଭାବିତ କଲା, ତାହା ସମସ୍ତେ ଜାଣିଛନ୍ତି ଓ ଦେଖିଛନ୍ତି । ଟୋକିଓ ଅଲିମ୍ପିକ୍ସରେ ଭାରତ ଚାରି ଦଶନ୍ଧି ପରେ ହକିରେ ଚାମ୍ପିଅନ୍ ହେବା ପଛରେ ରହିଛି ବିଶ୍ୱକପ୍ ସଫଳତାର ପ୍ରେରଣା । ଓଡ଼ିଶାର ଯେଉଁ ଦୁଇଜଣ ଖେଳାଳି ଭାରତୀୟ ଟିମ୍‌ରେ ଥିଲେ, ସେମାନଙ୍କୁ ନବୀନ ବାବୁ ଆର୍ଥିକ ପ୍ରୋତ୍ସାହନ ହେବା ସହିତ ବିପର୍ଯ୍ୟୟ ସତ୍ତ୍ୱେ ମହିଳା ଟିମ୍‌କୁ ସମୁଚିତ ସମ୍ମାନ ଦେଇଛନ୍ତି । ପୁରୁଷ ହକିରେ ସାମିଲ ଦୁଇଜଣଙ୍କୁ ଅଢ଼େଇ କୋଟି ଲେଖାଏଁ ପ୍ରଦାନ କରିଛନ୍ତି ରାଜ୍ୟ ସରକାର । ଟୋକିଓରେ ପାରାଲିମ୍ପିକ୍ସରେ ଉନ୍ନତ ମାନର ପ୍ରଦର୍ଶନପୂର୍ବକ ପ୍ରମୋଦ ଭଗତ ସ୍ୱର୍ଣ୍ଣ ହାସଲ କରି ଭାରତମାତାଙ୍କ ମୁଖଶ୍ରୀକୁ ଉଜ୍ଜ୍ୱଳ କରିଥିବାରୁ ଆଠକୋଟି ଟଙ୍କା ପ୍ରୋତ୍ସାହନ ରାଶି ସହ ସରକାରୀ ଚାକିରି ଦେଇଛନ୍ତି । ଆସନ୍ତା ନଭେମ୍ବର ୨୪ରୁ ରାଜ୍ୟରେ ଜୁନିଅର୍ ହକି ବିଶ୍ୱ କପ୍ ଡିସେମ୍ବର ୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାର ଘୋଷଣା କରାଯାଇଛି । ଏଫ୍ଆଇଏଚ୍ ଏଥିପାଇଁ ସୁଯୋଗ ଦେବା ପାଇଁ ନିଷ୍ପତ୍ତି ନେବା ସହ ଏହା ଟ୍ରଫି ଓ ଲୋଗୋ ଉନ୍ମୋଚିତ ହୋଇଛି । ମହାମାରୀ ସ୍ଥିତିରେ ସ୍ୱଳ୍ପ ସମୟ ଭିତରେ ଜୁନିଅର୍ ବିଶ୍ୱ କପ୍ ଆୟୋଜନ କଷ୍ଟକର ଥିଲେ ସୁଦ୍ଧା ବିଶ୍ୱ କପ୍‌ର ଅଭିଜ୍ଞତା ଆଧାରରେ ବିଚାର କଲେ ତାହା ସାଧ୍ୟତୀତ ନୁହେଁ । କଳିଙ୍ଗ ଓ ରାଉରକେଲାରେ ଆସନ୍ତ ୨୦୨୩ରେ ପୁରୁଷ ହକି ବିଶ୍ୱ କପ୍ ଖେଳାଯିବ । ଉଭୟ ପୁରୁଷ ଓ ମହିଳା ହକି ଦଳର ପ୍ରାୟୋଜକ ରହିଛି ଓଡ଼ିଶା । ରାଜ୍ୟ ସରକାର ୨୦୩୩ ପର୍ଯ୍ୟନ୍ତ ପ୍ରାୟୋଜକ ରହିବାକୁ ଘୋଷଣା କରାଯାଇଥିବା କିଛି ସାମାନ୍ୟ କଥା ନୁହେଁ । ପ୍ରତି ଜିଲ୍ଲା ମହକୁମାରେ କ୍ରୀଡ଼ାକୁ ଅଧିକ ଲୋକପ୍ରିୟ କରିବା ଲକ୍ଷ୍ୟରେ ଷ୍ଟାଡିୟମ କରାଯିବ ବୋଲି ସରକାର ଘୋଷଣା କରିଛନ୍ତି । ପ୍ରତିକୂଳ ପରିସ୍ଥିତି ଭିତରେ କ୍ରୀଡ଼ାକୁ ଅଧିକ ଲୋକାଭିମୁଖୀ କରାଯିବାର ପ୍ରୟାସ ପଛରେ ଥିବା ପ୍ରେରଣା ସାଧାରଣ କଥା ହୋଇନପାରେ । ସୁତରାଂ ମୁଖ୍ୟମନ୍ତ୍ରୀ ନିଜ ଅଧୀନରେ ଥିବା ଦକ୍ଷ ପ୍ରଶାସକମାନଙ୍କୁ ନିୟୋଜିତ କରି କିଭଳି ଗୋଟିକ ପରେ ଗୋଟିଏ କ୍ରୀଡ଼ା ଆୟୋଜନ ନିପୁଣତା ତଥା ସଫଳତା ପାଇଁ ଦେଶବାସୀ ଓଡ଼ିଶାକୁ, ଓଡ଼ିଶାର ନେତୃତ୍ୱକୁ ସାଲ୍ୟୁଟ୍ କରୁଛନ୍ତି ।

## ଆନ୍ତର୍ଜାତିକ ସଂପର୍କରେ ଭିନ୍ନ ଏକ ସେତୁ : ପର୍ଯ୍ୟଟନ



**ବିପିନ ବିହାରୀ ମହାନ୍ତି**

ବିଶ୍ୱ ସ୍ତରରେ ପ୍ରତିବର୍ଷ ୨୭ ସେପ୍ଟେମ୍ବରକୁ ଆନ୍ତର୍ଜାତିକ 'ପର୍ଯ୍ୟଟନ ଦିବସ' ରୂପେ ପାଳିତ ହୁଏ । ଏହା ମିଳିତ ଜାତିସଂଘର ଆନୁକୁଲ୍ୟରେ ୧୯୮୦ ମସିହାଠାରୁ ପାଳିତ ହୋଇ ଆସୁଅଛି । ଜଗତୀକରଣ ପ୍ରକ୍ରିୟାରେ ପର୍ଯ୍ୟଟନକୁ ଏକ ମାଇଲ ଖୁଣ୍ଟ ହିସାବରେ ଏବେ ବିଚାର କରାଯାଏ । ଏହା ଆନ୍ତର୍ଜାତିକ ସ୍ତରରେ ବିଭିନ୍ନ ଗୋଷ୍ଠୀ ମଧ୍ୟରେ କିପରି ସାମାଜିକ, ସାଂସ୍କୃତିକ, ରାଜନୈତିକ ଏବଂ ଅର୍ଥନୈତିକ ସୁସଂପର୍କ ସ୍ଥାପନ କରାଇ ଜଗତୀକରଣ ପ୍ରକ୍ରିୟାରେ ସାହାଯ୍ୟ କରିବାରେ ସହାୟକ ହେବ, ସେଥିନେଇ ସଚେତନତା ସୃଷ୍ଟି କରିବା ଏହାର ଲକ୍ଷ୍ୟ । ଜଗତୀକରଣ ପ୍ରକିୟାରେ ଏ ବିଶ୍ୱ ଏକ ପରିବାର । ପରିବାର ପରି ସମସ୍ତ ଲୋକ ସ୍ୱଚ୍ଛନ୍ଦରେ ଭାତୃଭାବ ଓ ବନ୍ଧୁତ୍ୱର ବନ୍ଧନରେ ବାନ୍ଧିହୋଇ ବିଶ୍ୱର ଉନ୍ନତି କଲ୍ଲେଲାଗି ପଡିବା ହିଁ ଏହାର ଉଦ୍ଦେଶ୍ୟ ।

ଦେଶ, ବିଦେଶ ତଥା ବିଭିନ୍ନ ସ୍ଥାନ ଭ୍ରମଣ କରି ପ୍ରତ୍ୟକ୍ଷ ଅନୁଭବ ଓ ଅନୁଭୂତି ଦ୍ୱାରା ସ୍ୱୟଂ ସିଦ୍ଧ ହୋଇ ନିଜର ଜ୍ଞାନ ବିଶେଷ କରି ଅନ୍ୟର ଶିକ୍ଷା, ସଭ୍ୟତା, ସଂସ୍କୃତି, ପରଂପରା, ଖାଦ୍ୟ, ପୋଷାକ, ଚାଲିଚଳନ, ରାଜନୀତି ଓ ଶାସନ ପରିଚାଳନା ଦ୍ୱାରା ନିଜ ପରିସରରୁ ସଂକୀର୍ଣ୍ଣତା ଦୂରକରି ପରିବ୍ୟାପ୍ତ କରିବା ତଥା ନିଜର ଉକ୍ତ ଗୁଣଦ୍ୱାରା ଅନ୍ୟକୁ ପ୍ରଭାବିତ କରିବା ହିଁ ପର୍ଯ୍ୟଟନର ଯୁଗ ଧର୍ମ ।

ପର୍ଯ୍ୟଟନ ମଣିଷ ଜାତିର ଆଦିମ ପ୍ରବୃତ୍ତି । ପ୍ରଥମେ ମଣିଷ ବଣ - ପାହାଡରେ ଅଥବା ଇତସ୍ତତଃ ଭ୍ରମଣ କରି ଖାଦ୍ୟ ଅନ୍ୱେଷଣରେ ଯାଯାବର ଜୀବନ ଯାପନ କରୁଥିଲା । ଯେତେବେଳେ ସଭ୍ୟତା ତାକୁ ସ୍ପର୍ଶକଲା ଏବଂ ସେ ଗାଁ, ଗଣ୍ଡା କରି ସ୍ଥାୟୀ ଭାବରେ ଗୋଷ୍ଠୀ ଜୀବନ ଯାପନ କଲା, ସେତେବେଳେ ସେ ମଧ୍ୟ ପର୍ଯ୍ୟଟନ ମୁକ୍ତ ହୋଇପାରିଲା ନାହିଁ । ତାର ଜ୍ଞାନର ଅନୁସନ୍ଧିତ୍ସୁ ମନ ଉଙ୍କି ମାରୁଥିବା ନାନା କଥାପାଇଁ ତାକୁ ଅନ୍ୱେଷଣ ପାଇଁ ବାଧ୍ୟକଲା । ସେ ଧାଇଁଲା ଏ ପନ୍ତରାରୁ ଆଉ କୋଉପନ୍ତରାକୁ : ଗାଁ ନଈନାଳ, ପାହାଡ, ଏବଂ ସମୁଦ୍ର ଡେଇଁ ଆଉ କୋଉ ସ୍ଥାନକୁ । ସେ ଉଦ୍ଭାବକ ଅପେକ୍ଷା ଅଧିକନ୍ତୁ ପାଲଟିଗଲା ଆବିଷ୍କାରକ । ଆହରଣ ଏବଂ ବିତରଣ ତା ପାଇଁ ହେଲା ପ୍ରମୁଖ ବସ୍ତୁ । ତା' ସହିତ ପ୍ରାକୃତିକର ଉପଭୋଗ ଏବଂ ଭିନ୍ନ ଗୋଷ୍ଠୀ ସହିତ ହେଲା ତା'ର ଭାବର ବିନିମୟ ; ହେଲା ଭିନ୍ନ ଭିନ୍ନ ସଂସ୍କୃତିର ମିଳନ ଯାହାକି ବନ୍ଧୁତ୍ୱ, ଭାତୃତ୍ୱ ଏବଂ ସହଭାଜନରେ ବାଟ ଫିଟାଇ ଜଗତୀକରଣ ପ୍ରକ୍ରିୟାରେ ସାହାଯ୍ୟ କଲା ।

ଏମିତି ଏକ ଦୀର୍ଘସ୍ଥାୟୀ ପ୍ରକ୍ରିୟା ଲମ୍ବିଛି ଆଦିମରୁ ଏ ଯାବତ୍ । ଏହାରି ମଧ୍ୟରେ ଯେଉଁମାନେ ଆମର ମାର୍ଗ ଦର୍ଶକ ତଥା ପ୍ରେରଣାର ଉତ୍ସ ସାଜିଛନ୍ତି, ତାଙ୍କ ଭିତରେ ଅଛନ୍ତି ଆଲ୍‌ବେରୁଣୀ, ହୁଏନାସାଂ, ଫାହୟାନ, ମେଘାଛିନ୍ନସ୍ ଏବଂ ଇବନ୍ ବକୃତା ଇତ୍ୟାଦି । ଆମର ଯେତକ ନୂତନ ଦେଶ ବା ଯେତେ ପଥର ଆବିଷ୍କାରକ ଯଥା- କଲମ୍ବସ , ଭାସ୍କୋଡାଗାମା, ମାଗାଲେନ୍ ଏବଂ ଆମେରିଗୋ ଭେସ୍‌ପୋସିସ ଇତ୍ୟାଦି, ସମସ୍ତେ ଜଣେ ଜଣେ ଅନିସନ୍ଧୀତ୍ସୁ ପର୍ଯ୍ୟଟକ । ଏବେତ ସମୟ ଓ ଦୂରତ୍ୱକୁ ଏଡାଇବାରେ ଆଧୁନିକ ଯାନ ଓ ଯନ୍ତ୍ରପାତି ପର୍ଯ୍ୟଟନର ବାତାବରଣକୁ ବହୁତ ସହଜ ଓ ସରଳ କରି ଦେଇଛି ।

ପ୍ରତିଟି ଦେଶ ଓ ରାଜ୍ୟ ପାଇଁ ସରକାରୀ ହେଉ ବା ବେସରକାରୀ ସ୍ତରରେ ହେଉ ଏବେ ପର୍ଯ୍ୟଟନ ଶିଳ୍ପ ଭାବରେ ଛିଡା ହୋଇଛି ଏବଂ ଆମର ଅର୍ଥନୈତିକ ପ୍ରଗତିର ଏକ ବିଶେଷ ଆୟପନ୍ଥା ପାଲଟିଛି । ଏହି ପର୍ଯ୍ୟଟନ ସଂସ୍ଥାମାନେ ତାଙ୍କ ପର୍ଯ୍ୟଟନ ସ୍ଥଳୀ ମାନଙ୍କୁ ଆକର୍ଷିତ କରିବା ପାଇଁ ଏବେ ଅଭିନବ ପନ୍ଥାମାନ ଅବଲମ୍ବନ କରିଲେଣି । ପର୍ଯ୍ୟଟକମାନଙ୍କ ରହିବା, ଖାଇବା ଏବଂ ବୁଲିବା ତଥା ନିରାପତ୍ତା ଦାୟିତ୍ୱ ଏବେ ସଂପୂର୍ଣ୍ଣ ଭାବରେ ସେମାନଙ୍କର । ଭ୍ରମଣ ସ୍ଥଳୀକୁ ବୁଲାଇ ନେବାରେ ସେମାନଙ୍କ ପାଇଁ ସ୍ୱତନ୍ତ୍ର ପଥପଦର୍ଶକ ତଥା ଯାନବାହନର ବ୍ୟବସ୍ଥା କରାଯାଉଛି । ମୋଟ ଉପରେ ତାଙ୍କ ନିରାପତ୍ତା ଓ ପର୍ଯ୍ୟଟନ ଜନିତ ସୁଖ ସ୍ୱାଛନ୍ଦ୍ୟ ପାଇଁ ଯଥେଷ୍ଟ ଧ୍ୟାନ ଦିଆଯାଉଛି । ଆମ ଓଡିଶାରେ ପର୍ଯ୍ୟଟନର ବିକାଶରେ ସ୍ୱତନ୍ତ୍ର ସରକାରୀ ବିଭାଗ ଅଛି ଏବଂ ଏହାରି ତତ୍ତ୍ୱବଧାନରେ ଓଡିଶା ପର୍ଯ୍ୟଟନ ନିଗମ କାର୍ଯ୍ୟ କରୁଅଛି । ବର୍ତ୍ତମାନ ଓଡିଶା ପର୍ଯ୍ୟଟନ କ୍ଷେତ୍ରରେ ବିଦେଶୀ ମାନଙ୍କୁ ବିଶେଷ କରି ଆମେରିକା, ଏବଂ ୟୁରୋପ ଦେଶ ସମୂହର ଅଧିବାସୀ ତଥା ପୃଥିବୀର ଅନ୍ୟଦେଶ ଲୋକ ମାନଙ୍କୁ ବିଶେଷ ଆକର୍ଷିତ କରିଅଛି । ବିଶ୍ୱରେ ମାଲ ଡେଭିସ ପରି ଏହା ଏକ ବିଶେଷ ପର୍ଯ୍ୟଟନ କେନ୍ଦ୍ର । ମିଳିତ ଜାତିସଂଘ ମାଧ୍ୟମରେ ଜଗତୀକରଣ ପ୍ରକ୍ରିୟାରରେ ସାହାଯ୍ୟ କରୁଥିବା ବିଷୟବସ୍ତୁ ମାନଙ୍କ ମଧ୍ୟରୁ ଯେ କୌଣସି ଗୋଟିକୁ ପର୍ଯ୍ୟଟନ ଜରିଆରେ ପ୍ରାଧାନ୍ୟ ଦିଆ ଯାଇଥାଏ । ଚଳିତ ବର୍ଷ ୨୭ ସେପ୍ଟେମ୍ବର ୨୦୧୩ର ବିଶ୍ୱ ପର୍ଯ୍ୟଟନ ଦିବସ ପାଇଁ( World Tourism Day : WTD) ଭବିଷ୍ୟତରେ ଜଳ ସଂରକ୍ଷଣ ନିମନ୍ତେ ବିଷୟବସ୍ତୁ ରଖା ଯାଇଛି : ପର୍ଯ୍ୟଟନ ଏବଂ ଜଳ । ଏହାକୁ ମିଳିତ ଜାତିସଂଘ ତରଫରୁ "ଜଳ-ସହଯୋଗ" ପ୍ରକ୍ରିୟା ରୂପେ ଘୋଷଣା କରାଯାଇଛି । ଏଥିପାଇଁ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବିଶ୍ୱବ୍ୟାପୀ ପ୍ରବନ୍ଧ ପ୍ରତିଯୋଗିତା ଓ ତତ୍‌ସମ୍ବନ୍ଧୀୟ ପୁରସ୍କାରର ବ୍ୟବସ୍ଥା ମାନ କରାଯାଇଛି । ଏଥିରେ ପର୍ଯ୍ୟଟନ କ୍ଷେତ୍ରରେ ସବୁଜ ସମ୍ଭାରର ବୃଦ୍ଧି ନେଇ ଜଳକୁ ଗୁରୁତ୍ୱ ଦିଆ ଯାଇଛି ।

ଆନ୍ତର୍ଜାତିକ ସ୍ତରରେ ଜଳ ସଂରକ୍ଷଣ ହେଉ, ଏହାକୁ ଆଧାର କରି ଚଳିତ ବର୍ଷ ବିଶ୍ୱର ସୁବୁଠାରୁ ଅଧିକ ବିବିଧ ଜୀବବିଶେଷ ଦେଶ ତଥା ଏକ ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ମାଲ୍‌ଡ୍ରେଭିସର ମୁଖ୍ୟ ଜାତିସଂଘରେ ଆତିଥ୍ୟ ପ୍ରଦାନ କରାଯିବାରେ ବ୍ୟବସ୍ଥା କରାଯାଇଛି ।

ସମୟର ପ୍ରବାହ ମାନ ଧାରାରେ ପର୍ଯ୍ୟଟନର ସଂଗ୍ୟା ତଥା କାର୍ଯ୍ୟଧାରା ଏବେ ସୁଦୂର ପ୍ରସାରୀ । ନୂତନ ଆଶ ଓ ଆଲୋକର ସନ୍ଧାନରେ ଆସନ୍ତୁ ପର୍ଯ୍ୟଟନ ସହିତ ନିଜକୁ ସାମିଲ କରିବା ଏବଂ ଅଳ୍ପ ବହୁତେ ଏହାର ସ୍ୱାଦନେବା ।


+ ଅଧ୍ୟକ୍ଷ ଓଡିଶାଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ

ବିପିନ ବିହାରୀ ପାଠାଗାର, ଜଟଣୀ

ମୋ- ୯୯୩୮୩୪୧୩୮


## ଆସ ରକ୍ତଦାନ କରିବା



**ବୈଷ୍ଣବ ମେହେର**

ଏକଥା ସମସ୍ତଙ୍କୁ ଜଣା ଯେ, ମନୁଷ୍ୟ ଶରୀରରେ ସ୍ୱଭାବିକ ଢଙ୍ଗରେ ତିଆରି ହେଉଥିବା ରକ୍ତ ବ୍ୟତିତ ରକ୍ତ ପ୍ରସ୍ତୁତିର ଅନ୍ୟ କୌଣସି ବିକଳ୍ପ ପନ୍ଥା ନାହିଁ । ତେଣୁ ରକ୍ତର ଅଭାବକୁ କେବଳ ଅନ୍ୟ ଜଣଙ୍କ ରକ୍ତଦାନ ଦ୍ୱାରା ହିଁ ପୂରଣ କରାଯାଇ ପାରିବ । ବିଡ଼ମ୍ବନାର ବିଷୟ ଯେ, ରକ୍ତଦାନ କରିବା ଏକ ସରଳ ଓ ସୁରକ୍ଷିତ ପ୍ରକ୍ରିୟା ହୋଇଥିଲେ ମଧ୍ୟ ଲୋକେ ରକ୍ତଦାନ ସମ୍ବନ୍ଧୀୟ ଭ୍ରାନ୍ତ ଧାରଣାର ବଶବର୍ତ୍ତୀ ହୋଇ ରକ୍ତଦାନ ଠାରୁ ଦୂରେଇ ରହୁଛନ୍ତି । ଯଦି ଲୋକେ ସ୍ୱଇଚ୍ଛାରେ ରକ୍ତଦାନ ପାଇଁ ଆଗେଇ ଆସନ୍ତି ତେବେ ଅକାଳରେ ମଉଳି ଯାଉଥିବା ଅନେକ ଅମୂଲ୍ୟ ଜୀବନକୁ ଅନାୟାସରେ ବଂଚାଇ ଯାଇ ପାରିବ ।

୭୭.୭ ପ୍ରତିଶତ ଲୋକ ଶିକ୍ଷିତ ଥିବା ଆମ ଦେଶରେ ରକ୍ତ ଅଭାବ କାରଣରୁ ପ୍ରତ୍ୟହ ପ୍ରାୟ ୧୨ ହଜାର ଲୋକଙ୍କ ମୃତ୍ୟୁ ଘଟୁଥିବା ପରିତାପର ବିଷୟ । ସିକଲସେଲ୍, ରକ୍ତ କର୍କଟ, ଆନିମିଆ ଭଳି ରୋଗୀଙ୍କ ଜୀବନ ରକ୍ଷା ପାଇଁ ସାରା ଜୀବନ ଅନ୍ୟର ରକ୍ତଦାନ ଉପରେ ନିର୍ଭର କରିବାକୁ ପଡ଼ିଥାଏ । ଅପରପକ୍ଷେ ଦେଶରେ ପ୍ରତିଦିନ ଏକ ମିଲିୟନରୁ ଅଧିକ ନୂଆ କ୍ୟାନସର ରୋଗୀ ଚିହ୍ନଟ ହୋଇଥାନ୍ତି, ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ରକ୍ତର ଆବଶ୍ୟକତା ରହିଥାଏ । ଗର୍ଭାବସ୍ଥା ଏବଂ ପ୍ରସବ ସମୟରେ ରକ୍ତ ଦରକାର ପଡ଼ିବା ତ ସାଧାରଣ କଥା । ଏହା ବାଦ୍ ଅନେକ ପ୍ରକାର ଜଟିଳ ରୋଗ ଓ ଅପରେସନ୍ ସମୟରେ ରକ୍ତର ନିତାନ୍ତ ଆବଶ୍ୟକତା ରହିଛି । ସଂପ୍ରତି ରାସ୍ତା ଦୁର୍ଘଟଣାର ମାତ୍ରା ଯେଉଁ ଭଳି ଭାବରେ ବୃଦ୍ଧି ଘଟି ଚାଲିଛି, ସେହି ଅନୁପାତରେ ରକ୍ତର ଆବଶ୍ୟକତାକୁ ଅନୁଭବ କରାଯାଇପାରେ । ମଣିଷ ଶରୀରର ଓଜନର ଶତକଡ଼ା ୧୩ ଭାଗ ରକ୍ତ ଦେହରେ ରୁହେ । ଶରୀର ଭିତରର ସମସ୍ତ ପ୍ରକାର ଅଭ୍ୟନ୍ତରଣ ବ୍ୟାପାରକୁ ସଂଯୋଗ କରୁଥିବା ଏହି ରକ୍ତ ଯେତେବେଳେ କୌଣସି କାରଣ ବଶତଃ ଆବଶ୍ୟକତା ଠାରୁ କମିଗଲେ, ବ୍ୟକ୍ତିକୁ ରକ୍ତର ଦରକାର ପଡ଼ିଥାଏ । ବିଶେଷ କରି ଡାକ୍ତରି ପରୀକ୍ଷା ଦ୍ୱାରା ଶରୀରରେ ହିମୋଗ୍ଲୋବିନ ମାତ୍ରା ଶତକଡ଼ା ୬ ଗ୍ରାମରୁ କମ୍ ହୋଇଗଲେ ବ୍ୟକ୍ତି ଦୂର୍ବଳ ଅନୁଭବ କରିବା ସହ ରକ୍ତ ନେବାକୁ ପଡ଼ିଥାଏ । ୧୮ ରୁ ୫୫ ବର୍ଷ ବୟସ୍କ ଏବଂ ୪୫ କିଲୋଗ୍ରାମରୁ ଅଧିକ ହୋଇଥିବା ସୁସ୍ଥ ବ୍ୟକ୍ତି ପ୍ରତି ତିନି ମାସ ରେ ଥରେ ରକ୍ତଦାନ କରି ପାରିବେ । ଅବଶ୍ୟ ଏଥିସହ ରକ୍ତଦାତାଙ୍କ ହିମୋଗ୍ଲୋବିନ ପରିମାଣ ୧୨ ଗ୍ରାମରୁ କମ୍ ହୋଇ ନଥିବ ଏବଂ ରକ୍ତଚାପ ୧୦୦ ରୁ ୧୨୦ ଓ ଡାଏବେଷ୍ଟାଲିକ ୬୦ ରୁ ୧୦୦ ମଧ୍ୟରେ ରହିଥିବା ଆବଶ୍ୟକ । କିଛି ଗୁରୁତ୍ୱର ରୋଗରେ ଆକ୍ରାନ୍ତ ଥିବା ବ୍ୟକ୍ତି ରକ୍ତଦାନ କରି ପାରନ୍ତି ନାହିଁ । ମହିଳା ରକ୍ତଦାତା ହୋଇଥିଲେ ସେ ପ୍ରତି ଚାରି ମାସରେ ଥରେ ରକ୍ତଦାନ କରିପାରିବେ । କିନ୍ତୁ ଗର୍ଭାବସ୍ଥାରେ, ପ୍ରସବ ପରେ, ମାସିକ ଋତୁସ୍ରାବ ସମୟରେ, କିମ୍ବା ଶିଶୁ ମାଆଠାରୁ କ୍ଷୀର ଖାଉଥିଲେ ରକ୍ତଦାନ ନିମନ୍ତେ ବାରଣ କରାଯାଇଛି । ଜଣେ ସୁସ୍ଥ ବ୍ୟକ୍ତି ଜୀବନ ଧାରଣ ପାଇଁ ଶରୀରରେ କିଲୋଗ୍ରାମ ପିଛା ୫୦ ମିଲିଲିଟର ରକ୍ତର ଆବଶ୍ୟକ କରିଥାଏ । କିନ୍ତୁ ପୁରୁଷମାନଙ୍କ କ୍ଷେତ୍ରରେ ଏକ କିଲୋଗ୍ରାମ ଓଜନ ପିଛା ୭୬ ମି.ଲି. ଏବଂ ମହିଳାମାନଙ୍କ ୬୬ ମି.ଲି. ରକ୍ତ ଥାଏ । ଯାହା ଆବଶ୍ୟକତା ଠାରୁ ପୁରୁଷଙ୍କଠାରେ ୨୬ ମି.ଲି. ଓ ମହିଳାଙ୍କ ଠାରେ ୧୬ ମି.ଲି. ଅଧିକ ରକ୍ତ ରହିଥାଏ । ତେଣୁ ଏହି ଅତିରିକ୍ତ ରକ୍ତକୁ କିଲୋ ପିଛା ୫ରୁ ୮ ମି.ଲି. ହିସାବରେ ରକ୍ତଦାନ କରାଯାଇପାରେ ।

ଅପର ପକ୍ଷେ ରକ୍ତଦାନ କରୁଥିବା ବ୍ୟକ୍ତି ରୋଗୀର ବିଶେଷ ଉପକାର କରିବା ସହିତ ନିଜେ ମଧ୍ୟ ବହୁ ମାତ୍ରାରେ ଉପକୃତ ହୋଇଥାଏ । ରକ୍ତଦାନ କରିଥିବା ବ୍ୟକ୍ତିର ରକ୍ତ ସ୍ୱଚ୍ଛ କି ନୁହେଁ ଜାଣିବାକୁ ପ୍ରଥମେ ଭଲ ଭାବରେ ପରୀକ୍ଷା କରାଯାଇଥାଏ । ବିଶେଷ କରି ଏହି ରକ୍ତରେ ମ୍ୟାଲେରିଆ, ଜଣ୍ଡିସ, ହେପାଟାଇଟିସ, ଏଚ.ଆଇ.ଭି ଏଡ୍ସ ଭଳି ରୋଗ କାରକ ଭୁତାଣୁ ଅଛି କି ନାହିଁ ଜଣା ପଡ଼ିଥାଏ । ଯଦି ସଂପୃକ୍ତ ରକ୍ତ ଏସବୁ ଜୀବାଣୁ, ଭୁତାଣୁ ମୁକ୍ତ ବୋଲି ପ୍ରମାଣିତ ହୁଏ ତେବେ ଯାଇ ରୋଗୀକୁ ଦିଆଯାଏ । ଆଉ ଯଦି କୌଣସି ରୋଗକାରକ ଭୁତାଣୁ ରହିଥିବା ଜଣାପଡ଼େ ତେବେ ତୁରନ୍ତ ଉକ୍ତ ରକ୍ତଦାତାଙ୍କୁ ଏ ବିଷୟରେ ଜଣାଇ ଦିଆଯାଏ । ଫଳରେ ଉଚିତ ସମୟରେ ରକ୍ତଦାତା ନିଜ ଶରିରରେ ଥିବା ରୋଗ ବିଷୟରେ ଜାଣିପାରି ଯଥା ସମୟରେ ଚିକିତ୍ସା କରାଇ ପାରନ୍ତି । ପୁନଶ୍ଚ ନିୟମିତ ଭାବରେ ରକ୍ତଦାନ କରୁଥିବା ବ୍ୟକ୍ତିକୁ ହୃଦରୋଗ ଭଳି କିଛି ଗୁରୁତ୍ୱର ରୋଗ ହେବାର ଆଶଙ୍କା ଖୁବ କମ୍ ହୋଇଥାଏ ।

ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ବ୍ୟାପକ ସଚେତନତା କାରଣରୁ ଏବେ ରକ୍ତଦାତାଙ୍କ ହାର ଆଗ ଅପେକ୍ଷା ଧିରେଧିରେ ବୃଦ୍ଧି ଘଟିଲାଣି । ତଥାପି ଦୈନିକ ଯେତେ ରକ୍ତର ଆବଶ୍ୟକତା ହେଉଛି, ସେହି ପରିମାଣରେ ରକ୍ତ ଉପଲବ୍ଧ ହେଉ ନଥିବାରୁ ଏ କ୍ଷେତ୍ରରେ ଆହୁରି ଅଧିକ ଜନସଚେତନତାକୁ ଅପେକ୍ଷା କରାଯାଏ । ତେଣୁ ଆସନ୍ତୁ ରକ୍ତାଦାନକୁ ଏକ ସାମାଜିକ କର୍ତ୍ତବ୍ୟ ମନେକରି ନିଜେ ରକ୍ତଦାନ କରିବା ସହ ରକ୍ତଦାନ ନିମନ୍ତେ ଅନ୍ୟମାନଙ୍କୁ ଉତ୍ସାହିତ କରିବା ।


+ ଶିକ୍ଷକ

ସିନାପାଲି, ନୂଆପଡ଼ା


## ସର୍ବ ଭାରତୀୟ ସିଭିଲ ସର୍ଭିସ୍‌ରେ ଆମ ରାଜ୍ୟ ଏତେ ପଛରେ କାହିଁକି ?

**ସୁବ୍ରତ କର**



ଭାରତୀୟ ପ୍ରଶାସନିକ ସେବାରେ ଆମ ରାଜ୍ୟର ଫଳାଫଳ ଦୃଷ୍ଟାନ୍ତ ମୂଳକ ହୋଇପାରି ନାହିଁ । ସର୍ବମୋଟ ୭୬୧ ଜଣଙ୍କୁ ୟୁପିଏସସି ବାଛିଛନ୍ତି ଏବଂ ଏହିମାନେ ସର୍ବଭାରତୀୟ ସ୍ତରରେ ଚାକିରି ପାଇଁ ଯୋଗ୍ୟବିବେଚିତ ହୋଇଛନ୍ତି । ଆଇଏସ୍, ଆଇପିଏସ୍, ଆଇଏଫ୍ଏସ୍ ଏବଂ ଏଲାଏଡ ସାର୍ଭିସ ଏହାର ଅନ୍ତର୍ଭୁକ୍ତ । ୫୪୫ ଜଣ ପୁରୁଷ ଏବଂ ୨୧୬ ଜଣ ମହିଳା ଆମ ରାଜ୍ୟରୁ ଜୁବିନ୍ ମହାପାତ୍ର ୪୭ ତମ ସ୍ଥାନରେ ରହି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଏହାପରେ ଆଶିଷ ମିଶ୍ର ୫୬ ସ୍ଥାନର ଅଧିକାରୀ । ଏହିପରି ଶିବାନୀ ଦୀକ୍ଷିତ (୬୪), ଅପୂର୍ବ ତ୍ରିପାଠୀ (୬୮), ଅଙ୍କିତ ବର୍ମା (୧୮୪), ରୀନା ପ୍ରଧାନ (୧୯୪), ବବିତା ରାଣୀ ସ୍ୱାଇଁ (୪୬୪) ଅଙ୍କିତ ମିଶ୍ର (୫୫୨), ସୁଧାଂଶୁ ନାୟକ (୬୨୦), ନିମିଷା ତ୍ରିପାଠୀ (୬୨୨) ସ୍ଥାନ ପାଇଛନ୍ତି । ସର୍ବମୋଟ ୧୦ ଜଣ ଛାତ୍ରଛାତ୍ରୀ ଓଡ଼ିଶାର ସର୍ବଭାରତୀୟ ସ୍ତରରେ ଉପରୋକ୍ତ ସ୍ଥାନ ପାଇଛନ୍ତି । ବହୁଥର ଆମ ରାଜ୍ୟର ସିଭିଲ ସାର୍ଭିସରେ ଟପ୍ପର ମଧ ହୋଇଛନ୍ତି ଏବଂ ବହୁତ ପିଲାଙ୍କର ଆଦର୍ଶ ହୋଇପାରିଥିଲେ । ବହୁତ ବର୍ଷ ହେବ ପ୍ରଥମ ଦଶ ଜଣଙ୍କ ମଧରେ ସ୍ଥାନ ପାଇପାରି ନାହାନ୍ତି ଏବଂ ୭୬୧ ଜଣଙ୍କ ମଧ୍ୟରୁ ୧୦ ଜଣ ସ୍ଥାନ ପାଇବା ଏହା ନିଶ୍ଚିତ ଭାବରେ ଆମ ରାଜ୍ୟରେ ପାଠପଢ଼ା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ରାଜ୍ୟରେ ଇଉନିର୍ଭସିଟିର ସଂଖ୍ୟା ଦିନକୁ ଦିନ ବଢ଼ି ଚାଲିଚି । ପ୍ରାୟ ସବୁ ଜିଲ୍ଲାରେ କିଛି ନା କିଛି ଇଉନିଭର୍ସିଟି ରହିଛି । ସେ ଇଂଜିନିୟରିଂ କଲେଜ ହେଉ, କଲଚରଲ ହଉ ବା ସାଧାରଣ ବିଭାଗରେ ହେଉ । ଏବେ ପୁଣି ସ୍ଥିର ହୋଇଛି ସବୁ ମେଡିକାଲ କଲେଜକୁ ନେଇ ସ୍ୱାସ୍ଥ୍ୟ ଇଉନିଭାରସିଟି ଏବଂ ସବୁ ଆଇନ କଲେଜକୁ ନେଇ ଆଇନ ବା ଲ ଇଉନିଭର୍ସିଟି ଖୋଲିବାକୁ ଯାଉଛି । ଏମିତି କିଛି ବିଭାଗ ନାହିଁ ଆମ ରାଜ୍ୟରେ ଇଉନିଭର୍ସିଟି ନାହିଁ । ତେବେ ସର୍ବ ଭାରତୀୟ ସ୍ତରରେ ଆମ୍ଭେମାନେ ଏତେ ତଳ ସ୍ତରରେ କାହିଁକି । ସାଢ଼େ ୪ କୋଟି ଲୋକ ସଂଖ୍ୟା ବିଶିଷ୍ଟ ରାଜ୍ୟରୁ ୧୦ ଜଣ ଛାତ୍ରଛାତ୍ରୀ ରାଜ୍ୟର ମୁଖ ଉଜ୍ଜ୍ୱଳ କରିଛନ୍ତି । ଆମେ କଣ ବୁଝିବା ଆମର ପିଲାମାନେ ବୁଦ୍ଧିମତ୍ତା ନୁହନ୍ତି, ଉଚ୍ଚ ସ୍ତରରେ ପାଠ ପଢ଼ିବା ପାଇଁ ସରକାରଙ୍କ ତରଫରୁ ସୁବିଧା ସୁଯୋଗର ଅଭାବ ବା ପାଠ ପଢ଼ାଇବା ପାଇଁ ଭଲ ଶିକ୍ଷକ ଶିକ୍ଷୟିତ୍ରୀର ଅଭାବ ? ମୋର ଅନୁରୋଧ ଏହାକୁ ହାଲୁକା ଭାବରେ ନ ନେଇ ସରକାର ବିଶେଷ ଭାବରେ ମାସ ଏଜୁକେସନ ଏବଂ ହାଇଆର ଏଜୁକେସନ ଏବଂ ସବୁ ଭାଇସ ଚାନସଲେରଙ୍କୁ ନେଇ ଏକ ବୈଠକ ଡକାଇ ଏହି ୧୦ ସଂଖ୍ୟାକୁ କେମିତି ବଢ଼ାଇ ହେବ ଏକ କମିଟି ଗଠନ କରି ଆମର ଗଲତି ଗୁଡ଼ିକୁ ସୁଧାରାଇ ପାରିଲେ ଆସନ୍ତା ବର୍ଷ ଅନ୍ତତଃ ୪୦-୫୦ ପାଖାପାଖି ପହଞ୍ଚାଇ ପାରିବେ ଏବଂ ଆମେ ଗର୍ବ ଅନୁଭବ କରିବା ।







### ନିଜକୁ ଖୋଜିବାର ବେଳ

**ଶରତ କୁମାର ଦାସ**

ମୁଠାଏ ମଲ୍ଲିଫୁଲିଆ ଭୋକର ଭୂତାଣୁକୁ
ପେଟରେ ଭର୍ତ୍ତିକରି ବାଟ ଚାଲିବା
ହୁଏତ ସହଜ ନହୋଇ ପାରେ।

ଠିକ୍ ସେହିପରି ପରସ୍ତ
ପରସ୍ତ ମରୀଚିକାକୁ
ଆଂଜୁଳା ଆଂଜୁଳା ପାଣି ଭାବି
ଶୋଷ ମେଣ୍ଟାଇବା ବି ଆଦୌ
ସମ୍ଭବ ନୁହେଁ ।

ଅଥଳ ସମୁଦ୍ର ଗର୍ଭରେ ବୁଡିଲେ ବି
ବେଳେ ବେଳେ ଧରି ହୁଏନା
ବିନ୍ଦୁଏ ଜଳ
ଅଖଣ୍ଡ ଐଶ୍ୱର୍ଯ୍ୟ ଭିତରେ ରହି
ଚିହ୍ନି ହୁଏନା ସ୍ୱଚ୍ଛ ମୁକ୍ତାର ଭଣ୍ଡାର ।

ସବୁ ଚିକ୍ ମିକ୍ ବସ୍ତୁ ଯେ ସୁନା ନୁହେଁ -
ଏକଥା ବୁଝି ବି ମନ ବୁଝେନା କାହିଁକି ?
ଦିନ ଅପେକ୍ଷା ରାତି ଏତେ
ନିଜର ଲାଗେ କାହିଁକି ?

କୋହ ଓ ମୋହର ସମୀକରଣରେ
ଗୁମୁରୀ ଗୁମୁରୀ କାନ୍ଦେ ଆତ୍ମା
କ୍ଷତବିକ୍ଷତ ହୁଏ ଚେତନାର
ପ୍ରଲମ୍ବିତ ଦିଗ ।

ଅସତ୍ୟର ବିସ୍ତାରିତ ଛାୟା ତଳେ
ଜୀଇଁବାର ଇଚ୍ଛା ସତେଜ ହୋଇଉଠେ
ଉଙ୍କିମାରେ ସାମ୍ରାଜ୍ୟ ବିସ୍ତାର କରିବାର
ରୋମାଞ୍ଚିତ ଭାବ ନିଜ ଅଜାଣତରେ
ସତ୍ୟର ମହାପ୍ରୟାଣ ଘଟେ
ନିମିଷକେ ମଧେ ।

ଏଇତ ବିଡମ୍ବନା ଭାଗ୍ୟ ଓ ଭବିଷ୍ୟର
ଏପାଖେ ସୌହାର୍ଦ୍ଦର ଉତ୍ତାଳ ତରଙ୍ଗ
ସେପଟରେ ଅବିଶ୍ୱାସର
କୁଢ କୁଢ ହାଡ ମାଂସ
ପୁନଶ୍ଚ ଏପଟେ ଅସରନ୍ତି ରତ୍ନର ଭଣ୍ଡାର
ସେପଟେ କ୍ଷୁଧାର ଖିଲି ଖିଲି ହସ ।

ଅନ୍ଧାର ଓ ଆଲୁଅର ଲୁଚକାଳିରେ
ବଳିପଡେ ଶତ ସମ୍ଭାବନାର
ଉନ୍ମୁକ୍ତ ଚିତ୍ରପଟ
କବ୍ଜାକରେ ମିଥ୍ୟା ପ୍ରହେଳିକା
ବନ୍ଦୀହୁଏ ସକଳ ଶିରାପ୍ରଶିରା
ଅଦୃଶ୍ୟ ଫାଶରେ।

ଚିତ୍କାର କରେ ବିବେକ ମହାଶୂନ୍ୟରେ
ନିଗିଡିପଡେ ଧାର ଧାର ଲୁହ ମାଟିକୁ
କ୍ଷଣିକେ ସ୍ତବ୍ଧହୋଇଯାଏ
ଆକାଶର ନୀଳିମା
ଘୋଟିଆସେ ମେଂଚା
ମେଂଚା କଳାମେଘ
ଅସରାଏ ବର୍ଷିଯାଏ ଖୁବ୍ ଜୋର୍ ରେ
ପୃଥିବୀର ଅଶାନ୍ତ ଓ ଅତୃପ୍ତ ଛାତିରେ ।


+ ଅଧ୍ୟାପକ
ବଡବିଲ ମହାବିଦ୍ୟାଳୟ, ବଡ଼ବିଲ
ଜିଲ୍ଲା-କେନ୍ଦୁଝର
(ମୋ)୮୨୪୯୧୩୭୦୯୧


### ପଥର ହେବିନି ହେବି ପତର

**ନାରାୟଣ ଚନ୍ଦ୍ର ସେନାପତି**



ପତରଟିଏ ମୁଁ ହେବି
ପାଣି ସୁଅରେ ଭାସିବି
ଭାସିଯାଉଥିବା ନିରାଶ୍ରା ଜୀବଙ୍କୁ
ପିଠିରେ ପକାଇ ନେନି।

ପତରଟିଏ ମୁଁ ହେବି
ରୋଷେଇଶାଳା ସାଜିବି
ଖାଲି ଗଛ ନୁହଁ ସକଳ ଜୀବଙ୍କ
ପେଟରେ ଦାନା ଭରିବି।

ପତରଟିଏ ମୁଁ ହେବି
ରୋଗୀପାଇଁ ପଥୀ ହେବି
ସୁସ୍ଥ ଓ ନୀରୋଗ ମୋ ଜୀବନ ଲକ୍ଷ୍ୟ
ଏକଥା ଭୁଲି ନ ଯିବି।

ପତରଟିଏ ମୁଁ ହେବି
ଭାଷାରେ ସଜେଇ ହେବି
ଆତ୍ମୀୟଙ୍କ ମନ ହୃଦର ଭାବକୁ
ଜଣାଇ ଶାନ୍ତି ଭରିବି।

ହେବିନି କେବେ ପଥର
ଦୁଃଖୀର ଆଖିରୁ ପୋଛିବି ନୀର
ପ୍ରେମ ସ୍ନେହ ଦେଇ ହସ ଫୁଟାଇବି
ଆଶିଷ ଦେବେ ଈଶ୍ୱର।

ହେବିନି କେବେ କଠୋର
ବଚନ କରି ମଧୁର୍
ସରଳ ଉଦାର ଦୟା ଫୁଲ ସାଜି
ହେବି କା ଗଳାରେ ହାର।

ହେବିନି ରୁକ୍ଷ ପଥର
କ୍ଷମା ଦେବି ନିରନ୍ତର
ଦୋଷୀକୁ କେବେ ବି ଦେବି ନାହିଁ ଦଣ୍ଡ
ମଣିବି ମୋ ଆପଣାର।

ପଥର ହେବିନି ହେବି ପତର
ଏକତା ମୈତ୍ରୀରେ ତୋଳିବି ଘର
ମାଆ ମାଟି ମାତୃଭୂମି ଟେକ ରଖି
ସାଜିବି ସେବକ ଈଶ୍ୱରଙ୍କର।


+ ଜମ୍ବରା, କେନ୍ଦୁଝର


### ଅସ୍ତ ହେଲେ ଅରିନ୍ଦମ

**ଭାଗୀରଥି ସାଗର**



ଗଣ ମାଧ୍ୟମରେ ଆଉ ଗୁଞ୍ଜରଣ ହେବନି
ଅରିନ୍ଦମଙ୍କ ନିର୍ଭୀକ ସ୍ୱର
ବାତ୍ୟା,ବନ୍ୟା,ଘୂର୍ଣ୍ଣିଝଡର ତାଣ୍ଡବଲୀଳା
କରୁଥିଲେ ଜୀବନ୍ତ ପ୍ରସାର।
କୁହ ହେ ଗଣତନ୍ତ୍ରର ଜାଗ୍ରତ ପ୍ରହରୀର
କର୍ମଠ,ସାହସୀ ବାର୍ତ୍ତାବହ
ପଶୁବତ୍ସଳ,ମାନବ ସ୍ନେହୀ,
ଉଦାର ହୃଦୟ
ଜୀବନକୁ ନ ଥିଲା କି ମୋହ ?
ତମ ଜ୍ୟୋତି ହେଲା ଅସ୍ତମିତ ଛାଡ଼ି ସ୍ମୃତି
ଖବର, ସ୍ୱର ଓ ପରିବାର
ଝୁରୁଛି କାଗଜ ଝୁରୁଛି କାଳୀ,
ଝୁରେ ନଈ
ଝୁରେ ଗାଆଁ,ଝୁରୁଛି ସହର।
ଦନ୍ତା ହାତୀ ରକ୍ଷା ପାଇଁ
ମହାନଦୀ ସ୍ରୋତେ
ବିସର୍ଜନ କରିଛ ଜୀବନ
ପରାସ୍ତ ହେଲେ ବି ଲେଖି
ଅଭୁଲା ଇତିହାସ
କାଳଜୟୀ ହେଲା ତମ ପ୍ରାଣ।
କ୍ରାଇମ୍ ଖବର ଦୁର୍ବିପାକ, ରାଜନୈତିକ
ପ୍ରସଙ୍ଗ, ଘଂଚ ଇଲାକା ଚିତ୍ର
ବିଶ୍ୱ ଦେଖୁଥିଲା ହେଇ ବିସ୍ମିତ ତମ ରୂପ
ଏସବୁ ଥିଲା ସତ୍ୟ ସମାହାର।
ଓଟିଭିର ମୁଖ୍ୟ ରିପୋର୍ଟର ଚିହ୍ନା ମୁଁହ
ଧରିତ୍ରୀର କ୍ରାଇମ୍ ଲେଖକ
ଜନତାଙ୍କ ଭାବୁକ ଦୁର୍ନୀତି
ବିଦ୍ରୋହ କାରୀ
ଲକ୍ଷ ମାନବର ପ୍ରଶଂସକ।
ଶାନ୍ତି ସତଗତି ଲଭୁ ତମର ପୁଣ୍ୟ ଆତ୍ମା
ଦେଉଛି ଢାଳି ଶ୍ରଦ୍ଧାଞ୍ଜଳୀ
ଦୃଷ୍ଟାନ୍ତ ହେଲ ଓଡ଼ିଆଙ୍କ
କୋଟିଏ ହୃଦୟେ
ନିର୍ଭୀକତା ରୂପି ଦୀପ ଜାଳି।


+ ଡାଲଗୁମା, କୋକସରା, କଳାହାଣ୍ଡି
(ମୋ)୯୩୩୭୬୨୪୮୯୯

## ଧୂମ୍ର କୁହେଳିକା




ଲଳିତ ମୋହନ ମିଶ୍ର


ତ୍ୟାଗ ଓ ସମର୍ପଣର ଅନ୍ୟନାମ ନାରୀ ବୋଲି କୁହାଯାଏ । ସେ ନାରୀ ଜାୟା ଭଗିନୀ ଜନନୀ ଯିଏ ହେଉନା କାହିଁକି । ହେଲେ ସର୍ବସ୍ୱ ତ୍ୟାଗ କରିଥିବା ନାରୀଟିର ଦୁଃଖ କିଏ ବୁଝିବ ? ଫୁଲ ଠାରୁ ତ କଣ୍ଟା ବେଶୀ ଥାଏ ଗଛରେ । ହସଠାରୁ ଲୁହ ବେଶୀ ଥାଏ ମନରେ । ପ୍ରାପ୍ତି ଠାରୁ ତ୍ୟାଗ ବେଶୀ ଥାଏ ଆଶାରେ। ଈଶ୍ୱରୀୟ ପ୍ରେମ ସିନା ହୃଦୟ ବିଶ୍ୱାସୀ କିନ୍ତୁ ମନ କ'ଣ ଏତେ ଶୀଘ୍ର ସବୁ ଗ୍ରହଣ କରିପାରେ ? ତ୍ୟାଗ, ସମର୍ପଣ ପ୍ରେମରେ ଓ ପ୍ରେରଣାରେ ସଫଳତା ଆଣିଥାଏ, ସ୍ୱର୍ଗଠାରୁ ସୁନ୍ଦର ଏ ଆମ ମନ୍ଦିର ସମାନ ଘର, ସେ ଘର ଦିନେ ଆମର ତ୍ୟାଗ ଦ୍ୱାରା ସୁନ୍ଦର ହୋଇଯାଏ।

ଡାଇନିଂ ଟେବୁଲ ଉପରେ ଜଳଖିଆ ଦେଉଥିଲେ ଅନନ୍ୟା। ଜଳଖିଆ ଖାଇବାରେ ବ୍ୟସ୍ତ ଥିଲେ ସ୍ୱାମୀ ଚନ୍ଦନ । ବିଭାଘରର ଏହା ଭିତରେ ଛଅ ବର୍ଷ ବିତି ଗଲାଣି । ନୂତନ ଅତିଥିଙ୍କର ଆଗମନ ହୋଇ ନାହିଁ ଅନନ୍ୟା ଏବଂ ଚନ୍ଦନଙ୍କ ସଂସାରରେ। ଅନନ୍ୟାର ସେଥିପାଇଁ ସର୍ବଦା ମନଦୁଃଖ । ଖୁବ୍ ଭଲ ସଂମ୍ପର୍କ ଦୁହିଁଙ୍କ ମଧ୍ୟରେ କିନ୍ତୁ.... । କିଛି ସନ୍ଦେହର ବଳୟରେ ଥାନ୍ତି ଚନ୍ଦନ। ହଠାତ୍ ଚନ୍ଦନଙ୍କର ମୋବାଇଲଟା ବାଜି ଉଠିଲା ମେସେଜ୍ ଶବ୍ଦରେ । ଥରେ ନୁହେଁ ଦୁଇ ତିନି ଥର । ଚନ୍ଦନ ମେସେଜ୍ ଦେଖୁଥିଲେ ଅଦୂରରେ । ମୁଖମଣ୍ଡଳରେ ମୃଦୁ ହାସ୍ୟ। ଏ ସବୁକୁ ନଜର କରୁଥିଲେ ଅନନ୍ୟା ।

କିଛି ସମୟ ପରେ ଅନନ୍ୟା ପଚାରିଲେ ? କାହାର ମେସେଜ୍। ଅଫିସରୁ ମେସେଜ୍ ଆସିଛି। ଏତେ ସକାଳୁ କିଏ ମେସେଜ୍ ଦେଇଛି ? ପ୍ରତ୍ୟୁତର ନ ଦେଇ ଅଫିସକୁ ବାହାରିଗଲେ ଚନ୍ଦନ । ଅନନ୍ୟା ପଛରୁ କହୁଥାନ୍ତି ...... ଶୁଣ ଆଜି ଅଫିସ୍‌ରୁ ଟିକେ ଜଲଦି ଆସିବ । ଫେରି ଚାହିଁଲେ ଚନ୍ଦନ ପ୍ରଶ୍ନିଳ ଦୃଷ୍ଟିରେ । ଅନନ୍ୟା କହିଲେ ! କିଛି ଗୋଟେ ନୂଆ କଥା ଅଛି। କ'ଣ ସେ ନୂଆ କଥା ! ପ୍ରଶ୍ନ କଲେ ଚନ୍ଦନ। ଆସିଲେ ଜାଣିବ.... କହିଲେ ଅନନ୍ୟା। ହଉ ହଉ କହି ଅଫିସ୍ ଅଭିମୁଖେ ଚାଲିଗଲେ ଚନ୍ଦନ। ଅନନ୍ୟା ଲାଗିପଡିଲେ ତାଙ୍କର ଗତାନୁଗତିକ କାର୍ଯ୍ୟରେ । ଅନନ୍ୟା ଭାବୁଥିଲେ ଆଜି ତାଙ୍କର ଷଷ୍ଠ ବିବାହ ବାର୍ଷିକୀ ଅଥଚ କେମିତି ଭୁଲିଗଲେ ଚନ୍ଦନ । ମନରେ ଟିକେ କଷ୍ଟ ହେଉଥାଏ ଅନନ୍ୟାଙ୍କର। ତୁମେ ଧୂମ୍ର କୁହେଳିକାର ଏକ ଛାୟା ମୁଁ ତୁମ ପଛେ ଧାଉଁଥିବା ଏକ କାୟା । ମନର କଷ୍ଟକୁ ମନରେ ରଖି ଆଗେଇ ଚାଲିଲେ ଘର କାର୍ଯ୍ୟରେ ।

ଚନ୍ଦନ ଅଫିସରେ ପହଞ୍ଚି ପହଞ୍ଚି ପ୍ରଥମେ ସମାପିକାଙ୍କ ସହ ଦେଖା ହେଇଗଲା ଅଫିସ୍ ବାରଣ୍ଡାରେ। ଏହି କିଛି ଦିନ ମଧ୍ୟରେ ସମାପିକାଙ୍କ ପଛରେ ପାଗଳ ଚନ୍ଦନ । ଦୁଇ ଜଣଙ୍କ ଭିତରେ ଗଢି ଉଠିଛି ମିଠା ମିଠା ପ୍ରେମ ସମ୍ପର୍କ । ସମ୍ପର୍କ ଅନେକ ଆଗକୁ ବଢିଯାଇଛି ଅଜାଣତରେ। ସମ୍ପର୍କ ତାହାକୁ କୁହାଯାଏ ଯେଉଁଠାରେ ଶବ୍ଦ କମ୍ ବୁଝିବା ଅଧିକ ଥାଏ । ଆଉ ଯେଉଁଠାରେ ଝଗଡା କମ୍ ପ୍ରେମ ଅଧିକ ଥାଏ। ଆଉ ଯେଉଁଠାରେ ଆଶା କମ୍ ବିଶ୍ୱାସ ଅଧିକ ଥାଏ ।

କେହି କାହାକୁ ଦଣ୍ଡେ ନ ଦେଖିଲେ ରହିପାରୁ ନାହାଁନ୍ତି । ସମାପିକା ଜାଣିଥାଏ ଚନ୍ଦନ ବିବାହିତ। କିନ୍ତୁ ରୋକି ପାରେନି ନିଜର ପ୍ରେମକୁ। ଚନ୍ଦନ ଜଣେ ଭଦ୍ର, ଅମାୟିକ, ସହିଷ୍ଣୁ ଏବଂ ଆକର୍ଷଣୀୟ ବ୍ୟକ୍ତି । କେମିତି ପାଦ ଖସାଇଲେ ସେ ବି ନିଜେ ନିଜକୁ ପଚାରନ୍ତି ଅନେକ ସମୟରେ। ଦିନ ରାତି ସଦାସର୍ବଦା ମନଟା ଘୁରିବୁଲେ ସମାପିକା ପଛରେ । ସମାପିକା ଅଫିସ୍‌ର ଜଣେ ଅବିବାହିତ ସହକର୍ମୀ । ରୂପରେ ଗୁଣରେ ଅଙ୍ଗ ସୌଷ୍ଠବରେ ଅନ୍ୟ ମାନଙ୍କଠାରୁ ନିଆରା।

ସଂନ୍ଧ୍ୟାରେ ଅଫିସ କାମ ସାରି ଚନ୍ଦନ ଆଉ ସମାପିକା ବାହାରିଗଲେ କିଛି ସମୟ ଏକାଠି ବିତେଇବା ପାଇଁ। ଦୁହିଙ୍କ ସଂମ୍ପର୍କ ଆଉ ସୀମାବଦ୍ଧ ହୋଇ ରହି ନାହିଁ। ଚନ୍ଦନ ଭାବି ପାରେନି ଆଗ କ'ଣ ପଛ କ'ଣ। ହୋଟେଲର ନିରୋଳା ରୁମ୍‌ରେ ହଜି ଗଲେ ଦୁହେଁ ପୂର୍ବପରି। ଚନ୍ଦନ କହିଲେ, ଅନନ୍ୟା ମୋତେ କହିଥିଲା ଆଜି ଘରକୁ ଜଲଦି ଆସିବାକୁ। କଣ ଗୋଟେ ନୂଆ କଥା ଅଛି । ବ୍ୟସ୍ତ ହୋଇଗଲା ସମାପିକା । ଯାଆନ୍ତୁ ଶୀଘ୍ର ତାହାହେଲେ ଘରକୁ । ପୁଣି କାଲି ଦେଖା ସାକ୍ଷାତ ହେବ ।

ଚନ୍ଦନ ଘରେ ପହଞ୍ଚିଲା ବେଳକୁ ରାତି ଦଶଟା। ଅନନ୍ୟା ଘରକୁ ଅତି ସୁନ୍ଦର ଭାବରେ ସଜାଇ ନିଜକୁ ବି ପ୍ରସ୍ତୁତ କରି ଚାହିଁ ରହିଛି। କେକ୍ ଏବଂ ଘରକୁ ସାଜସଜ୍ଜା କରି ଅପେକ୍ଷା କରି କରି ଟେବୁଲ ଉପରେ ଘୁମେଇ ଗଲେଣି। ହଠାତ୍ କଲିଂ ବେଲ ଶବ୍ଦରେ ଚମକି ପଡିଲା ଅନନ୍ୟା । ଦୌଡି ଯାଇ କବାଟ ଖୋଲି କହିଲେ ! ଆଜି କ'ଣ ଏତେ ଡେରି କଲ ? ଚନ୍ଦନ ଅନନ୍ୟାକୁ ପଚାରିଲେ ? ଆଜି କ'ଣ ତୁମର ଜନ୍ମଦିନ ? ସ୍ମିତହାସ୍ୟରେ କହିଲେ ଆଜି ପରା ଆମ ମ୍ୟାରେଜ ଆନିଭର୍ସରି। ଚନ୍ଦନ ଲଜ୍ଜିତ କଣ୍ଠରେ କହିଲେ ! ମୁଁ ଦୁଃଖିତ ଅନନ୍ୟା । ମୁଁ ଭୁଲିଯାଇଥିଲି । ଦୁହେଁ ମିଶି କେକ୍ କାଟିଲେ। ଆଜି ମୁଁ ଭାରି କ୍ଲାନ୍ତ ଅନନ୍ୟା । ମୁଁ ନ ଜାଣି ପାରିଥିବାରୁ ସାଙ୍ଗ ସାଥୀଙ୍କ ସହିତ ବାହାରେ ଖାଇ ଆସିଛି। ଖୁବ୍ ଜୋରରେ ନିଦ ଲାଗୁଛି । ତୁମେ ଖାଇ ନିଅ।

ହତବାକ ହୋଇଗଲେ ଅନନ୍ୟା। କ'ଣ ଆଉ ଖାଇବେ ଆଖିରେ ଆଖିଏ ଲୁହ । ଏ କ'ଣ ସେଇ ଚନ୍ଦନ ଯିଏ କି ତାଙ୍କ ପରିବାରର ଅନେକ ବିରୋଧ ସତ୍ୱେ ତାଙ୍କୁ ବିବାହ କରିଥିଲେ । ନିଜକୁ ସମ୍ଭାଳି ପାରୁନଥିଲେ ଆଉ । ବହୁତ କାନ୍ଦିଲେ ଅନନ୍ୟା । କେତେବେଳୁ ଶୋଇଗଲେଣି ଚନ୍ଦନ। ଅନନ୍ୟା ଆଖିରେ ନିଦ ନାହିଁ । ଭାବି ଭାବି ପଡି ରହିଲେ ବିଛଣା ଉପରେ ନିର୍ଜିବ ପରି, ନ ଖାଇ ନ ପିଇ । ରାତି ଅଧରେ ଚନ୍ଦନଙ୍କର ମୋବାଇଲ ପୁଣି ବାଜି ଉଠିଲା । ଚନ୍ଦନଙ୍କର ନିଦ ଭାଙ୍ଗିଗଲା। ଚୁପ୍ ଚାପ୍ ଉଠିଗଲେ ମୋବାଇଲକୁ ହାତରେ ଧରି। ଯିବା ଆଗରୁ ଥରେ ଦେଖିନେଲେ ଅନନ୍ୟାକୁ। ଅନନ୍ୟାବି ଆଖି ବନ୍ଦ କରି ଶୋଇବାର ଛଳନା କରୁଥିଲା ।

ବାଲକୋନିର କଡରେ ଚାପା ଗଳାରେ କାହା ସହିତ ପ୍ରେମାଳାପରେ ହଜିଗଲେ ସେ । କିଛି ଅଛପା ରହିଲାନି ଅନନ୍ୟାକୁ। ଶୁଣିପାରିଲେ ଚନ୍ଦନଙ୍କ ମୁହଁରୁ ସମାପିକାର ନାମଟି। ପଛେ ପଛେ ଲୁଚି ସବୁ ବୁଝିପାରିଲେ ଯେ ଚନ୍ଦନ ମୋ ହାତରୁ କେତେବେଳେ ଅଜାଣତରେ ଖସି ଅନ୍ୟର ହୋଇ ଯାଇଛନ୍ତି। ନିଜକୁ ବହୁତ ଦୁଃଖିତ ଅନୁଭବ କଲେ। ଆଉ ଜାଣି ନ ଜାଣିଲା ପରି ଆସି ପୁଣି ଶୋଇପଡିଲେ।

ରାତିର କଥାକୁ ମନରେ ରଖି ଆଗେଇ ଚାଲିଲେ । ସକାଳୁ ଖୁବ୍ ସାମାନ୍ୟ ଥିଲେ ଚନ୍ଦନ। ଖାଇବା ଟେବୁଲରେ ପଶ୍ନ କଲେ ଅନନ୍ୟା , ସମାପିକା କିଏ ? ହଠାତ୍ ପ୍ରସ୍ତୁତ ନ ଥିଲେ ଚନ୍ଦନ ଏ ପ୍ରଶ୍ନ ପାଇଁ । କହିଲେ ସମାପିକା କେଉଁ ସମାପିକା ? ସାମାନ୍ୟ ଅଭିମାନ କରି ଅନନ୍ୟା କହିଲେ ! ଚନ୍ଦନ ମୁଁ ଛୋଟ ଛୁଆ ନୁହେଁ । ତୁମର ସବୁ କଥା ଜାଣେ । କଣ ସମ୍ପର୍କ ତୁମ ଦୁହିଁଙ୍କର । ସବୁ ସ୍ୱଷ୍ଟ ଭାବରେ ଖୋଲି କୁହ ମତେ । ନାଁ ସେମିତି କିଛି ନୁହେଁ ଅନନ୍ୟା । ଅଫିସରେ ମୋ ସହିତ କାମ କରେ ସମାପିକା । ଆଉ ତୁମର ତାସହ ସମ୍ପର୍କ କେବେଠାରୁ । ଚନ୍ଦନ ପୁରା ନୀରବ ହୋଇଗଲେ । ଯଦି ମତେ କିଛି କହିପାରିବନି ଶୁଣ ତାହେଲେ, ଆଜି ତାକୁ ଘରକୁ ଡାକ । ମୋ ସହ ଦେଖା କରିବାକୁ.....ଆଉ ରାତିରେ ଆମ ସହିତ ସେ ଖାଇବାକୁ । ମୁଁ ତା ସହ କଥା ହେବାକୁ ଚାହେଁ । ଚନ୍ଦନ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଥିଲେ ଅନନ୍ୟାକୁ ।

କ'ଣ କଲେ ଭଲ ହେବ କ' ଣ କଲେ ଖରାପ ହେବ ଚିନ୍ତାରେ ଥାଆନ୍ତି ଚନ୍ଦନ । ମନ ସଦାସର୍ବଦା ବିଚଳିତ । ଚନ୍ଦନର ବୁଦ୍ଧି ହଜିଯାଇଥିଲା । ଅଫିସରେ କାମବି ଠିକ୍‌ରେ କରି ପାରୁ ନଥିଲା । ସୁବିଧା ଦେଖି ସମାପିକାକୁ କହିଲା ସବୁକଥା । ଖୁବ୍ ଡରିଗଲା ସମାପିକା । କଣ ମତେ ଘରକୁ ଡାକିଛନ୍ତି, ରାତ୍ରି ଭୋଜନ ପାଇଁ । ଖାଇବାରେ ଅନ୍ୟ କିଛି ଦେଇ ଦେବେନି ତ ? କଣ ସେ ମୋ ସହିତ ଝଗଡା କରିବେ । ଏପରି ଅନେକ ଭାବନା ଅନେକ ସନ୍ଦେହ ଅନେକ ଦ୍ୱନ୍ଦ, ଦୁର୍ଷିନ୍ତା ମନରେ ଆସୁଥିଲା ବାରମ୍ବାର ସମାପିକାର ।

ସଂନ୍ଧ୍ୟାରେ ଅଫିସ୍ କାମ ସାରି ଦୁହେଁ ଏକାଠି ହୋଇ ଚନ୍ଦନଙ୍କ ଗାଡିରେ ପହଞ୍ଚିଲେ ଅନନ୍ୟା ପାଖରେ । ଖୁବ୍ ସୁନ୍ଦର ଭାବରେ ସ୍ୱାଗତ କଲେ ଅନନ୍ୟା । ମନକୁ ହୃଦୟକୁ ଛୁଇଁଗଲା ପରି ସମାପିକାର ରୂପ ଲାବଣ୍ୟ । ଭିତରେ ଭିତରେ ଦୁଃଖରେ ମନଟା କୋରି ହୋଇଯାଉଥାଏ ଅନନ୍ୟାର। କୋଉ ସ୍ତ୍ରୀ ସ୍ୱାମୀର ପ୍ରେମିକାକୁ ଦେଖି ଖୁସି ହେବ ଯେ ନିଜକୁ ସମ୍ଭାଳି ନେଲା ଅନନ୍ୟା । ତଥାପି ଛାତିଟା ଫାଟିଗଲା ପରି ଲାଗୁଥାଏ । ମନର କିଛି ଯନ୍ତ୍ରଣାର ଆଭାସ ବି ଜଣେଇଲାନି ସେ । ଖୁବ୍ ଆପ୍ୟାୟିତ କଲା ଚା' ଜଳଖିଆରେ । କିଛି ବାର୍ତ୍ତାଳାପ ପରେ ଚାଲିଗଲେ ରୋଷେଇ ଘରକୁ ରାତ୍ରି ଭୋଜନ ପ୍ରସ୍ତୁତ କରିବାପାଇଁ କହି । ଚନ୍ଦନକୁ କହିଗଲେ ; ଆମ ଘର ସବୁ ବୁଲେଇ ଦେଖାଇ ଦିଅ ସମାପିକାଙ୍କୁ । ଚନ୍ଦନ ବି ସ୍ତମ୍ଭିଭୂତ ପ୍ରାୟ ଅନନ୍ୟାଙ୍କ କାର୍ଯ୍ୟକଳାପ ଦେଖି। ସମାପିକାଙ୍କୁ ଦେଖାଇଲେ ତାଙ୍କର ଘର ସବୁ ।

ଗୋଡ ଅଟକି ଗଲା ବେଡରୁମରେ ସମାପିକାର କଣ ଏ ତୁମ ବେଡରୁମ ? ଖୁବ୍ ସୁନ୍ଦର ହୋଇଛି ତ ! ପ୍ରେମ ଏମିତି ଏକ..... ସେ ସ୍ଥାନ କାଳ ପାତ୍ର ସମୟ କିଛି ମାନେନା । ଯେତେବେଳେ ସୁବିଧା ସୁଯୋଗ ମିଳେ ତାର ଫାଇଦା ଉଠାଇବାକୁ ଚେଷ୍ଟା କରେ । ପଛରୁ ଭିଡିଧରିଲେ ଚନ୍ଦନ ନିରୋଳା ପାଇ । ସମାପିକାରର ମିଛ ଅଭିନୟ । ଏ କଣ କରୁଛ....... ଅନନ୍ୟା ଆସିଯିବେ ଯେ....... । ନା..... ନା.... ସେ ରୋଷେଇରେ ବ୍ୟସ୍ତ । ତାଙ୍କର କଥା ନ ସରିଛି କି ନାହିଁ ଅନନ୍ୟା ପଛରେ..... । ଅନ୍ୟମନସ୍କାରେ ପଚାରିଲେ ସମାପିକା ! ତୁମକୁ ପନିର କୁରୁମା ଭଲ ଲାଗେ ତ ଏତିକି କହୁ କହୁ ଅନନ୍ୟାଙ୍କର ନଜରରେ ଆସିଗଲେ ବାହୁବନ୍ଧନରେ ଜଡିତ ଥିବା ଚନ୍ଦନ ଓ ସମାପିକା । ଲାଜରେ ଭୟରେ ଦୂରେଇ ଗଲେ ସମାପିକା । ଗୋଟିଏ ମୁହୂର୍ତ୍ତରେ ବଦଳିଯାଏ ଜୀବନର ଚିତ୍ରପଟ । ବଦଳିଯାଏ ସମ୍ପର୍କର ଭାବ ଆଉ ବଦଳିଯାଏ ମଣିଷର ଆତ୍ମୀୟତାର ପରିଭାଷା । କିଏ ହୋଇଯାଏ ନିଜଠାରୁ ବି ଆହୁରି ନିଜର, ଆଉ କିଏ ହୋଇଯାଏ କ୍ଷଣିକରେ ସାତ ପର । କହିଲେ, ହଁ ହଁ ମୁଁ ସବୁ ପସନ୍ଦ କରେ । ହସି ଦେଇ ଚାଲିଗଲେ ଅନନ୍ୟା ନ ଜାଣିବାର ଅଭିନୟ କରି। ଖିଆପିଆ ପରେ ସମାପିକାକୁ ଡାକି ନିରୋଳାରେ କିଛି କଥା ହେଲେ ଅନନ୍ୟା ।

ରାତ୍ରି ଭୋଜନ ସାରି ସମାପିକା ଚାଲିଗଲେ ଶୁଭ ରାତ୍ରି ଜଣାଇ କିନ୍ତୁ ଅନନ୍ୟାଙ୍କର ମନରେ ହୃଦୟରେ ଦାରୁଣ ଆଘାତ । ଚନ୍ଦନ ବାରମ୍ବାର ପଚାରୁଥିଲେ ସମାପିକାକୁ ନିରୋଳାରେ କହିଥିବା କଥା ବିଷୟରେ । ଅନନ୍ୟା କହିଲେ, ନା ସେମିତି କିଛି ନୁହେଁ ମ... । ତୁମର ଜାଣିବାର ଆବଶ୍ୟକତା ନାହିଁ ଆବଶ୍ୟକତା ହେଲେ ମୁଁ କହିବିନି.... । ରାତି ସାରା ଛଟପଟ ହୋଉଥିଲେ ଅନନ୍ୟା । ଆଉ ଭାବୁଥିଲେ ଅଭୂଲା ଅତୀତକୁ। ଆଖି ଲୁହରେ ଭିଜୁଥିଲା ତକିଆଟି ।

ପରଦିନ ସକାଳେ ଅନନ୍ୟାର ଦୁଃଖିତ ମୁଖମଣ୍ଡଳକୁ ଦେଖି ଚନ୍ଦନକୁ ଭାରି କଷ୍ଟ ହେଉଥିଲା । ଚୁପ୍ ଚାପ୍ ଜଳଖିଆ କରୁଥିଲେ ଆଉ ଲୁଚି ଲୁଚି ଅନନ୍ୟାର ଆବଭାବ ଲକ୍ଷ୍ୟ କରୁଥିଲେ । ତୁମ ପ୍ରଗଲ୍‌ଭତାରେ ମୁଁ ପାଗଳ ହୁଏ ଆଉ ତୁମ ନିରବତା ମୋତେ ଦିଏ ଭୀଷଣ କଷ୍ଟ। ହଠାତ୍ ଅନନ୍ୟାର ପାଟିରୁ ବାହାରି ପଡିଲା ! ଚନ୍ଦନ ତୁମେ ବିବାହ କର ସମାପିକାକୁ । ତୁମେ ବିବାହ କଲେ ମୋର କୌଣସି ଆପତ୍ତି ନାହିଁ । ତୁମ ଖୁସିରେ ମୁଁ ଖୁସି...... । ଏ କଣ କହୁଛ ଅନନ୍ୟା ! ! ! ହଁ ମୁଁ ସାରାରାତି ଭାବି ଭାବି ଏଇ ଶେଷ ନିଷ୍ପତ୍ତି ନେଇଛି । ଆଉ ତୁମେ କଣ କରିବ ଅନନ୍ୟା ? ଚନ୍ଦନ ପଚାରିଲେ ? ମୁଁ ଏଇଠି ରହିବି । ତୁମ ଖୁସିରେ ମୁଁ ଖୁସି । ଚନ୍ଦନ ପୁରା ନିର୍ବାକ ନିସ୍ତବ୍ଧ। କିଛି ନ କହି ବାହାରିଗଲେ ଅଫିସକୁ।

ବାଟରେ ଅନେକ ଚିନ୍ତା.... ଅନେକ ଭାବନା । ଏ ଜୀବନଟା ଗୋଟିଏ ଅସରା ବାଟ, ଆଉ ସେ ବାଟରେ ସୁଖ ଏମିତି ଏକ ଅଜଣା ଛାଇ । ଯାହା ସବୁ ବାଟୋଇର ଭାଗ୍ୟରେ ନ ଥାଏ । ଏ କ'ଣ ସବୁ ଘଟିବାକୁ ଯାଉଛି । ପ୍ରଥମେ ଯାଉ ଯାଉ ଅଫିସରେ ଦେଖାହେଲା ସମାପିକାକୁ । ଅନନ୍ୟା କହିଥିବା କଥା ଜଣାଇଲେ ସମାପିକାକୁ । ଆମେ ଦୁହେଁ ବିବାହ କରିବାକୁ ସମ୍ମତି ପ୍ରଦାନ କରିଅଛନ୍ତି ଅନନ୍ୟା । ଚନ୍ଦନ ବି ନିଜ ମନର ସବୁକଥା ନିରୋଳାରେ ଜଣାଇଲେ । ପୁନର୍ବାର ଏଭଳି କଥା ଶୁଣି ହତବାକ୍ ହୋଇଗଲେ ସମାପିକା। କହିଲେ ଚନ୍ଦନ. ! ମୋତେ ତୁମେ ଭୁଲିଯାଅ..... ଆଉ ଫେରିଯାଅ ତୁମେ ସେହି ସତୀ ସାଧ୍ୱୀ ପ୍ରେମମୟୀ ଅନନ୍ୟାଙ୍କ ପାଖକୁ। ଅନନ୍ୟାଙ୍କର ତ୍ୟାଗ, ସହିଷ୍ଣୁତା, ଧୈର୍ଯ୍ୟ ପାଖରେ ମୁଁ ଛାର... । ଅନନ୍ୟାଙ୍କ ପରି ମୁଁ ତୁମକୁ ଏତେ ଭଲ ପାଇ ପାରିବିନି । ସେ ତୁମକୁ ମୋଠାରୁ ବି ଅଧିକ ଇଚ୍ଛା କରନ୍ତି। ତୁମେ କଣ ଏତିକି ବୁଝି ପାରୁନ । ସେ ସତୀ ଅନୁସୟା । ମୁଁ ତାଙ୍କର ତୁଳନାରେ କିଛି ବି ନୁହେଁ । ଏତିକି କହି ଲୁହ ଭରା ଆଖିରେ ମୁହଁ ବୁଲାଇ ଚାଲିଗଲେ ସମାପିକା ଭାବି ହେଉ ଥାଏ ଚନ୍ଦନ - କେହି ଆସି ସିନା ଚାଲିଯାଏ। ଏ ହୃଦୟ ରୂପକ ବେଳାଭୂମିରୁ କିନ୍ତୁ ସବୁଦିନ ପାଇଁ ରହିଯାଏ ତାର ପାଦ ଚିହ୍ନ.... ।


+ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ
ଚନ୍ଦ୍ରଗିରି, ଗଜପତି
ମୋ: ୯୪୩୭୯୮୫୮୬୬




## ପ୍ରକୃତ ଉପାର୍ଜନ


ଶିବାଶିଷ ପାଢ଼ୀ




ରାଜଧାନୀର ଶୀତୁଆ ସକାଳ। ଟ୍ରେନରୁ ଓହ୍ଲାଇ ମୁଁ ଚାଲିଥାଏ ମାଷ୍ଟର କ୍ୟାଣ୍ଟିନରୁ ରାଜମହଲ ଛକ। ଆଗରୁ ଫୋନରେ ହୋଟେଲ ରାଜମହଲରେ କୋଠରୀଟିଏ ସଂରକ୍ଷିତ କରି ସାରିଥିବାରୁ ମୋର ଚିନ୍ତା ନ ଥିଲା ।

ଭିଡ଼ିମୋଡି ହୋଇ ନିଦରୁ ଉଠୁଥିବା ରାଜଧାନୀ ମନେ ହେଉଥାଏ ଅଳସ ଭାଙ୍ଗୁଥିବା ଠିକ କୌଣସି ନବବଧୂ ପରି । ସକାଳୁ ସକାଳୁ ବିଭିନ୍ନ ଖଟିରେ ଲୋକଙ୍କ ଭିଡ଼ । ଶରୀରରୁ ଅନାବଶ୍ୟକ ମେଦ କମାଇବାକୁ ରାଜରାସ୍ତାକୁ କିଛି ପଦଚାରି ବି ବାହାରି ସାରିଥିଲେ ।

ହେଲେ ସେଆଡ଼କୁ ମୋର ଧ୍ୟାନ ନ ଥିଲା । ମୁଁ ଚାଲିଥିଲି ମୋ ମସ୍ତିରେ ! ଏଇଠି ତ ସମ୍ପୂର୍ଣ୍ଣ ଅପରିଚିତ ମୁଁ । କିଏ ପରିଚିତ ଥିଲେ ସିନା କାହାସହ ପଦେ ଦୁଇପଦ ହୁଅନ୍ତି !

ଆଉ ଅଳ୍ପ ଦୂର ଥିଲା ରାଜମହଲ ଛକ ହଠାତ ମୋ ଦୃଷ୍ଟି ପଡିଲା ଶ୍ରୀଲେଦର ସାମ୍ନାର ବେଞ୍ଚରେ ବସିଥିବା ଭଦ୍ରବ୍ୟକ୍ତିଙ୍କ ଉପରେ ! ଗୋଟିଏ ଦେଖାରେ ଚିହ୍ନିଗଲି ମୁଁ ହେଲେ ସାଙ୍ଗେ ସାଙ୍ଗ ଚେହେରାକୁ ବିପରୀତ ଦିଗକୁ ଘୁରାଇଦେଲି ।

ମନରେ ଉଠୁଥିଲା ଗୋଟିଏ ତୀବ୍ର ଘୃଣାଭାବ । ଭାବିଲି କାହିଁକି ଯାଇ ପୁରୁଣା କ୍ଷତକୁ ଜୀବନ ଦେବି ମୁଁ । ହେଲେ ମନ ମାନୁ ନ ଥିଲା । ଗୋଟିଏ ସମୟରେ ଭାରି ମଧୁର ଥିବା ସମ୍ପର୍କ ମୋତେ ବାଧ୍ୟ କରୁଥିଲା ଏଣୁ ପାଖକୁ ଗଲି ମୁଁ ।

ପ୍ରାୟ ପନ୍ଦର ବର୍ଷର ବ୍ୟବଧାନ । ଏ ଭିତରେ ସମୟ ଆଣି ଦେଇଛି ଅନେକ କିଛି ପରିବର୍ତ୍ତନ । ପନ୍ଦର ବର୍ଷ ଆଗରୁ ମଧୁମେହରେ ପୀଡିତ ଥିବା ନରୋତ୍ତମ ବାବୁଙ୍କ ଶରୀରକୁ ଯା ଭିତରେ ଭିତରୁ ଭିତରୁ କୋରି ସାରିଦେଇଛି ସେ ରୋଗ। ଦୁଇ ପାଖର ଦାନ୍ତ ବୋଧେ କେବେଠୁ ସ୍ଥାନଚ୍ୟୁତ ହୋଇ ସାରିଥିଲେ। ମୁଣ୍ଡରେ ତଥାପି ଅବଶିଷ୍ଟ ଥିଲା ଅଳ୍ପ କିଛି ଚୁଟି । ବହୁତ ଦୁର୍ବଳ ଜଣା ପଡୁଥିଲେ ସେ।

ଲାଗୁ ନ ଥିଲେ ଏଇ ସେହି ନରୋତ୍ତମ ବାବୁ ଯିଏ ପ୍ରାୟ କୋଡିଏ ବର୍ଷ ତଳେ ମୋର ଉପରିସ୍ଥ କର୍ମଚାରୀ ଥିଲେ ।

ନୁଆ ନୁଆ ଆସିଥିଲେ । ନୀତି ଆଦର୍ଶର କଥା କହୁଥିଲେ । କେବଳ କହୁ ନ ଥିଲେ ତଦନୁଯାୟୀ କାମ ବି କରୁ ଥିଲେ । ମନୋଭାବ ମିଶୁଥିବାରୁ ଭାରି ପସନ୍ଦ କରୁଥିଲେ ମୋତେ ଏଣୁ ଅତି କମ ଦିନ ଭିତରେ ଏକ ଅମାୟିକ ସମ୍ପର୍କ ଗଢି ହୋଇଯାଇଥିଲା ଆମ ଭିତରେ । କିନ୍ତୁ ସେ ନୀତି ଆଦର୍ଶକୁ ବେଶୀଦିନ ବଜାୟ ରଖି ପାରି ନ ଥିଲେ ସେ । କାର୍ଯ୍ୟାଳୟର କିଛି ଦୁର୍ନୀତିଗ୍ରସ୍ତ ଅସାଧୁ ଓ ପରାଙ୍ଗପୃଷ୍ଟ କର୍ମଚାରୀଙ୍କ କବଳରେ ପଡିଗଲେ ସେ ।

ବାଛି ନେଇଥିଲେ ପୁଳା ପୁଳା ଟଙ୍କା ଉପାର୍ଜନର ସହଜ ସରଳ ପଥ। ଲୋଭ ରାକ୍ଷସ ତାର କରାମତି ଦେଖାଉଥିଲା ଆଉ ତାର ଶିକାର ହେଉଥିଲେ ନିରୀହ ସଚ୍ଚୋଟ ଅଧସ୍ତନ କର୍ମଚାରୀ। ମୁଁ ମୋ କର୍ତ୍ତବ୍ୟ କିନ୍ତୁ କରିଥିଲି ! ସମ୍ପର୍କକୁ ଦୃଷ୍ଟିରେ ରଖି ମୁଁ କହିଥିଲି 'ଆପଣ ଏବେ ଯାହା ଉପାର୍ଜନ କରୁଛନ୍ତି ଏସବୁ ସାମୟିକ, ଅସ୍ଥାୟୀ । ଅସଲ ଉପାର୍ଜନ ହେଲା ଆପଣ ଗଲାପରେ ଆପଣଙ୍କୁ ଲୋକ କେମିତି ମନେ ରଖୁଛନ୍ତି । ପାଞ୍ଚ ସାତ ବର୍ଷ ପରେ କର୍ମଚାରୀଙ୍କ କଥୋପକଥନରେ ଆପଣ ଯେତେବେଳେ ସ୍ଥାନ ପାଇବେ ସେମାନେ ଆପଣଙ୍କୁ ଯେଉଁ ସମ୍ମାନ ବା ଅସମ୍ମାନ ସୂଚକ ଶବ୍ଦ ବ୍ୟବହାର କରିବେ ସେଇଟା ହେଲା ଆପଣଙ୍କ ଅସଲ ଉପାର୍ଜନ" ହେଲେ ଛୋଟ ହୋଇକି ଉପରିସ୍ଥଙ୍କୁ ଉପଦେଶ ଦେବାର ଧୃଷ୍ଟତା କରିବାର ଦଣ୍ଡ ପାଇଥିଲି ମୁଁ । ଶେଷକୁ ମୁଁ ବି ଶିକାର ହୋଇଥିଲି । ଘରେ ଯାବତୀୟ ଅସୁବିଧା ସତ୍ୱେ ମୋତେ ଯିବାକୁ ପଡିଥିଲା ପ୍ରାୟ ଦୁଇ ଶହ କିଲୋମିଟର ଦୂରସ୍ଥ ଆମ ଅନ୍ୟତମ କାର୍ଯ୍ୟାଳୟକୁ । ମାତ୍ର ତିରିଶ ହଜାର ବିନିମୟରେ ମୋ ସ୍ଥାନକୁ ଆସିଥିଲେ ଦୁଃଶାସନ ବାବୁ । ନୁଆ ନୋଟର ମହକରେ ନରୋତ୍ତମ ବାବୁ ଭୁଲି ଯାଇଥିଲେ ଆମେ ଏକାଠି ବିତାଇ ଥିବା ସେ ମଧୁର ମୁହୂର୍ତ୍ତ ସବୁକୁ । ସମ୍ପର୍କ ଗୌଣ ହୋଇ ଯାଇଥିଲା ହଠାତ । ଗୌଣ ହୋଇଯାଇଥିଲା କାର୍ଯ୍ୟଦକ୍ଷତା, ଓ ବ୍ୟକ୍ତିତ୍ୱ । ଅନେକ ଅସୁବିଧା ଅନେକ କଷ୍ଟ ପରେ ନରୋତ୍ତମ ବାବୁଙ୍କ ଯିବାପରେ ମୁଁ ଫେରିଥିଲି ମୋ ପୂର୍ବ ସ୍ଥାନକୁ । ଅନେକଙ୍କ ଜୀବନ ଦୁର୍ବିସହ ହୋଇଯାଇଥିଲା ହେଲେ କୌଣସି ଫରକ ପଡୁ ନ ଥିଲା ନରୋତ୍ତମ ବାବୁଙ୍କୁ । ସର୍ବଦା ଚାଟୁକାରଙ୍କ ଗହଣରେ ରହୁଥିବା ସେ ସମୟର ତାଙ୍କ ଥାଟବାଟ ମନେ ପଡୁଥିଲା ମୋତେ ।

ପାଖକୁ ଯାଇ ନମସ୍କାରଟିଏ କଲି ମୁଁ । ଚଷମା ଫାଙ୍କରୁ କିଛି ସମୟ ଅନାଇ ରହିଲେ ସେ । ତାଙ୍କ ଚେହେରାରେ ଖେଳିଗଲା ଏକ ଅପୂର୍ବ ଖୁସି । କହିଲେ 'ଆରେ ସନ୍ତୋଷ ବାବୁ, ଆପଣ କୁଆଡେ ?

ସାର ମୋ ପେନସନ କାମରେ ଆସିଥିଲି। ସାର ଆପଣ ଠିକ ଅଛନ୍ତି ତ ? ମୁଁ ଶୁଣିଛି ଆପଣ ଏଇଠି ଘର କରିଛନ୍ତି ! ଘରେ ସମସ୍ତେ କେମିତି ଅଛନ୍ତି ? ପଚାରିଥିଲି ମୁଁ ଆପଣ ସମସ୍ତେ ଠିକ ଅଛନ୍ତି ତ ? ମୋ ପ୍ରଶ୍ନର ଉତ୍ତରରେ ନିଜେ ପ୍ରଶ୍ନଟିଏ ପଚାରିଥିଲେ ସେ ହଁ ସାର , ଆପଣ ମାନଙ୍କ ଆଶୀର୍ବାଦ ଆଉ ଭଗବାନଙ୍କ ଦୟାରୁ ମୁଁ ଠିକ ଅଛି । ପୁଅ ବାୟୁସେନାରେ ଅଛି । ପରିବାର ନେଇ ଦିଲ୍ଲୀରେ ରହୁଛି ଆଉ ଝିଅ ଅନୁଗୁଳ କଲେଜରେ ଅଧ୍ୟାପିକା ଅଛି । ଜ୍ୱାଇଁ ବି ସେଇଠି ନାଲକୋରେ ଅଛନ୍ତି । ଘରେ ଆମେ ବୁଢ଼ା ବୁଢ଼ୀ ସାର । ଚାଲିଛି ଗୋଟିଏ ପ୍ରକାର। ଇଚ୍ଛା ହେଲେ ପୁଅ ପାଖକୁ ଇଚ୍ଛା ହେଲେ ଝିଅ ପାଖକୁ ଚାଲିଯାଉ । ସମୟ କାଟିବା କଥା ସାର, ଆଉ କଣ ଅଛି ? ଆପଣ କୁହନ୍ତୁ କେମିତି ଅଛନ୍ତି ସାର ? କହିଥିଲି ମୁଁ ହେଲେ ମୋ ପ୍ରଶ୍ନ ଶୁଣି ଗମ୍ଭୀର ହୋଇଯାଉଥିଲେ ସେ। ଯେମିତି ଉତ୍ତର ଦେବାକୁ ଇଚ୍ଛା ନ ଥିଲା ତାଙ୍କର ତଥାପି କହିଲେ

'ମୁଁ ଭଲ ନାହିଁ ସନ୍ତୋଷ ବାବୁ । ଅବସର ପରେ ବାହାରେ ତ ବାହାରେ ଘରେ ବି ମୁଁ ଯେମିତି ପାଲଟି ଯାଇଛି ଏକ ଅବାଂଛିତ ବ୍ୟକ୍ତିରେ।

ପୁଅର ତ ଚାକିରୀ ବାକିରି ହେଲା ନାହିଁ। ମୋ ଜୀବନ ସାରା ସଂଚିତ ଅର୍ଥକୁ ବି ବ୍ୟବସାୟରେ ବୁଡ଼ାଇ ଦେଲା । ଯାହାହେଉ ଏଇଠି ଘରଟେ କରିଦେଇଥିଲି ବୋଲି ରହିବା ପାଇଁ ଅସୁବିଧା ନାହିଁ । ଏବେ ତ ପେନସନ ହିଁ ସାହାରା ହେଲେ ଚଳିବାରେ କୌଣସି ପରିବର୍ତ୍ତନ ନାହିଁ ମା ପୁଅଙ୍କ । ଜୀବନ ସାରାର ଅଭ୍ୟାସ ଯାଉଛି କେଉଁଠି ? ଅଭାବ ସାଙ୍ଗକୁ ଘରେ ସବୁବେଳେ ଶାଶୁ ବୋହୁ କଳି ତାଉପରେ ଏଇ ରୋଗ । ବଞ୍ଚିବା ଦୁର୍ବିସହ ହୋଇଯାଏ ଥରେ ଥରେ । ମୁଁ ତ ଏମିତି ବି ଔଷଧରେ ବଞ୍ଚିଛି !"

ମୋର ମନେ ପଡିଯାଉଥିଲା ଇତିହାସ ପାଲଟି ଯାଇଥିବା ସେ କଷ୍ଟକର ସମୟର ମୁହୂର୍ତ୍ତ ସବୁ ଯେତେବେଳେ ବିଭିନ୍ନ ଦୁର୍ଷିନ୍ତାରେ ରାତି ରାତି ଶୋଇ ପାରୁ ନ ଥିଲି ମୁଁ । ହେଲେ ବି ଦୁଃଖିତ ହେଉଥିଲି ମୁଁ କହିଲି -ସବୁ ଠିକ ହୋଇଯିବ ସାର

ଆଉ କଣ ଠିକ ହେବ ସନ୍ତୋଷ ବାବୁ ସବୁ ଭାଗ୍ୟ -ହସିବାକୁ ଚେଷ୍ଟା କରୁ କରୁ କହିଥିଲେ ସେ । ସାରଙ୍କଠୁ ବିଦାୟ ନେଇ ହୋଟେଲମୁହାଁ ହେଉଥିଲି ମୁଁ ! ମନେ ମନେ କହୁଥିଲି ଭାଗ୍ୟ ନୁହେଁ ସାର । ଏଇଟା ଆପଣଙ୍କ ଉପାର୍ଜନ । କିଏ କହିଲା ନିଶ୍ୱାସ ପଡେ ନାହିଁ ବୋଲି ନିଶ୍ୱାସ ନିଶ୍ଚୟ ପଡେ ! ହୋଟେଲ ଆସିଯାଇଥିଲା । ମୋତେ ସ୍ୱାଗତ କରିବା ପାଇଁ ଗେଟ ପାଖରେ ଠିଆ ହୋଇଥିଲା ପୁରୁଣା କର୍ମଚାରୀ ସୂର୍ଯ୍ୟ । ତାହାତରେ ବ୍ୟାଗକୁ ବଢ଼ାଇଦେଇ ହୋଟେଲରେ ପାଦ ଦେଉ ଦେଉ ସାମ୍ନାରେ ଥିବା ଜଗନ୍ନାଥଙ୍କୁ ନମସ୍କାର କରି କହିଲି ହୁଏତ ସାରଙ୍କ ଦୁଃଖରେ ମୋ ନିଶ୍ୱାସର ବି କିଛି ପରିମାଣର ଭୂମିକା ଥିବ। ହେ ପ୍ରଭୁ ମୋତେ ସେଥିରୁ ମୁକ୍ତି ଦେ !


+ହେମଗିର, ସୁନ୍ଦରଗଡ ୧୩
୯୭୭୮୧୭୪୯୭୮

# ରାଜ୍ୟ କାର୍ଯ୍ୟାଳୟରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୧୦୬ତମ ଜନ୍ମ ଜୟନ୍ତୀ ପାଳିତ

ଭୁବନେଶ୍ୱର,୨୬/୯ (ନି.ପ୍ର): ଦଳିତ ନିଷ୍ପେସିତଙ୍କ ଉତ୍‌ଥାନ କରିବା ଏବଂ ସମାଜର ଶେଷ ସୋପାନରେ ଥିବା ଦରିଦ୍ର ନାରାୟଣଙ୍କ ସେବାକରିବା ବିଜେପିର ମୂଳ ଲକ୍ଷ । ସମାଜର ସବୁଠୁ ତଳସ୍ତରରେ ବାସ କରୁଥିବା ଲୋକଙ୍କ ପାଖରେ ସମସ୍ତ ସରକାରୀ ବ୍ୟବସ୍ଥା ପହଂଚାଇବାର ପଣ୍ଡିତ ଦୀନଦୟାଲ ଉପଧ୍ୟାୟଜୀଙ୍କ ଅନ୍ତୋଦ୍ୟୟ ଯୋଜନାର ଚିନ୍ତାଧାରାକୁ ଆଜି ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି କାର୍ଯ୍ୟକାରୀ କରିବାର ପ୍ରୟାସ ଜାରୀ ରଖିଛନ୍ତି । କେନ୍ଦ୍ରରେ ଶାସନ କ୍ଷମତାକୁ ଆସିବା ପରେ ମୋଦି ସରକାରଙ୍କ ସମସ୍ତ ଯୋଜନା ଅନ୍ତୋଦ୍ୟୟକୁ ଆଧାର କରି କାର୍ଯ୍ୟକାରୀ କରାଯାଇଛି । ସମାଜର ଅନ୍ତିମ ସୋପନରେ ଥିବା ଲୋକଙ୍କ କଲ୍ୟାଣ ଓ ବିକାଶ ପାଇଁ ବିଜେପି ପ୍ରତିଶୃତିବଦ୍ଧ । ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟଙ୍କର ଅନୁଗାମୀ ଭାବେ କେନ୍ଦ୍ର ସରକାରଙ୍କର ସମସ୍ତ ଗରୀବକଲ୍ୟାଣ ଯୋଜନାଗୁଡିକର ସୁଫଳ ସାଧାରଣ ଲୋକଙ୍କ ପହଂଚାଇବା ଆମ ସମସ୍ତଙ୍କର ପ୍ରାଥମିକତା ଏବଂ ଏହା କରିପାରିଲେ ପଣ୍ଡିତ୍ ଦୀନଦୟାଲଜୀଙ୍କ ପ୍ରତି ଆମର ପ୍ରକୃତ ଶ୍ରଦ୍ଧାଞ୍ଜଳୀ ହୋଇପାରିବ ବୋଲି ଆଜି ଏକାତ୍ମ ମାନବବାଦ୍‌ର ପ୍ରତିଷ୍ଠାତା ତଥା ଜନସଂଘର ପ୍ରତିଷ୍ଠାତା ସାଧାରଣ ସଂପାଦକ ପଣ୍ଡିତ ଦୀନଦୟାଲ ଉପଧ୍ୟାୟଙ୍କ ୧୦୬ ତମ ଜୟନ୍ତୀ ଅବସରରେ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି କହିଛନ୍ତି ।

ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଜୟନ୍ତୀ ପାଳନ କାର୍ଯ୍ୟକ୍ରମ ଅବସରରେ ରାଜ୍ୟ ସଭାପତି ସମୀର ମହାନ୍ତି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ସହ ପ୍ରଭାରୀ ବିଜୟ ପାଲ ସିଂ ତୋମାର, ରାଷ୍ଟ୍ରୀୟ ମୁଖପାତ୍ର ଡ.ସମ୍ବିତ ପାତ୍ର, ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ ଓ ସୁରମା ପାଢୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭୂବନାନନ୍ଦ ତ୍ରିପାଠୀ ପ୍ରମୁଖଙ୍କ ସମେତ ବହୁ କାର୍ଯ୍ୟକର୍ତା ଉପସ୍ଥିତ ରହି ପଣ୍ଡିତଜୀଙ୍କୁ ସ୍ମୃତିଚାରଣ କରିବା ସହ ତାଙ୍କ ଫଟୋଚିତ୍ରରେ ପୁଷ୍ପ ପ୍ରଦାନ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ବନ୍ଦେ ମାତରଂ ଗାନ କରାଯାଇଥିଲା । ଏହି ଅବସରରେ କ୍ଷୀରୋଦ୍ କୁମାର ଜେନା, ଜିତେନ୍ଦ୍ର କୁମାର ନାଏକ, ଖଗେଶ୍ୱର ଖଣ୍ଡାୟତରାୟ, ପାରେଶ୍ୱର ଖଣ୍ଡାୟତରାୟ, ପ୍ରକାଶ ଚନ୍ଦ୍ର ବେତାଲା, ସତ୍ୟଦେବ ପୋଦ୍ଦାର୍, ବେଲାରାଣୀ ଧଳ, ରାଧେଶ୍ୟାମ ଅଗ୍ରୱାଲ, ଆଦିତ୍ୟ ମିଶ୍ର, ସରୋଜ ବିହାରୀ ମହାନ୍ତି, ବିଜୟରାମ ସେନାପତି, କିଶୋର ଚନ୍ଦ୍ର ସ୍ୱାଇଁ, ଚକ୍ରପାଣି ମିଶ୍ର, ସୁଷମା ପଟ୍ଟନାୟକ ପ୍ରମୁଖଙ୍କୁ ମାନପତ୍ର ଓ ଉପଢୌକନ ଦେଇ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଜୟନ୍ତୀ-୨୦୨୧ ସମ୍ମାନରେ ସମ୍ମାନିତ କରାଯାଇଥିଲା ।

# ଗାନ୍ଧୀ ଜୟନ୍ତୀରୁ ବିଜେଡିର ସାମାଜିକ କାର୍ଯ୍ୟକ୍ରମ

ଭୁବନେଶ୍ୱର ,୨୬/୯ (ନି.ପ୍ର): ଚଳିତ ବର୍ଷ ଗାନ୍ଧୀ ଜୟନ୍ତୀରୁ ବିଜେଡି ଜନସଚେତନତା ଅଭିଯାନ କରିବ ନାହିଁ । ଏହା ପରିବର୍ତ୍ତେ ସମାଜସେବା କାର୍ଯ୍ୟକ୍ରମ କରାଯିବ । ଅକ୍ଟୋବର ଦୁଇ ତାରିଖରୁ ଏହା ଆରମ୍ଭ ହୋଇ ୧ ମାସ ଯାଏ ଚାଲିବ । କୋଭିଡ୍ ମହାମାରୀ ସଂକ୍ରମଣକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି । ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳୀୟ ନେତାମାନଙ୍କୁ ଚିଠି ଲେଖି ଏ ସମ୍ପର୍କରେ ଅବଗତ କରାଇଛନ୍ତି । ଏହି ସମାଜସେବା କାର୍ଯ୍ୟକ୍ରମ ମାଧ୍ୟମରେ ଶ୍ରମଦାନର ମହତ୍ତ୍ୱ ସହିତ ସ୍ୱଚ୍ଛତାର ବାର୍ତ୍ତା ପ୍ରତ୍ୟେକ ଘରେ ପହଞ୍ଚାଇବାକୁ ସେ ଆହ୍ୱାନ ଦେଇଛନ୍ତି ।

ଶ୍ରୀ ପଟ୍ଟନାୟକ ତାଙ୍କ ଚିଠିରେ ଦର୍ଶାଇଛନ୍ତି, ସାଢ଼େ ଚାରି କୋଟି ଓଡ଼ିଶାବାସୀ ଆମର ପରିବାର । ବିଗତ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଆମେ ସେମାନଙ୍କ ସେବାରେ ନିଜକୁ ନିୟୋଜିତ କରିବା ସହିତ ପରିବାରର ସଦସ୍ୟ ପରି ତାଙ୍କ ସୁଖଦୁଃଖର ସାଥୀ ହୋଇ ଆସିଛେ । କୋଭିଡ ମହାମାରୀର ଭୟାବହତା ସମୟରେ ଆପଣମାନେ ଅସୀମ ଦୃଢ଼ତା ପ୍ରଦର୍ଶନ କରି ପ୍ରତ୍ୟେକ ଘରର ସଦସ୍ୟଙ୍କ ନିକଟରେ ଠିଆ ହୋଇ ଯେପରି ଧୈର୍ଯ୍ୟ ଓ ତ୍ୟାଗର ନିଦର୍ଶନ ଦେଖାଇଛନ୍ତି, ସେଥି ପାଇଁ ମୁଁ ଆପଣମାନଙ୍କ ନିକଟରେ କୃତଜ୍ଞ । ଏବେ ସେହି ସାମାଜିକ ପ୍ରତିବଦ୍ଧତାକୁ ଆଉ ପାଦେ ଆଗକୁ ନେଇ ଶ୍ରମଦାନ କରି ବିଦ୍ୟାଳୟ ତଥା ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ପରିସର, ଶିକ୍ଷାନୁଷ୍ଠାନର ରାସ୍ତାଘାଟ ତଥା ସାଧାରଣ ସୁବିଧା କେନ୍ଦ୍ର ପ୍ରଭୃତି ସ୍ଥାନକୁ ପରିଷ୍କାର, ପରିଚ୍ଛନ୍ନ ରଖିବା ସହିତ ରକ୍ତଦାନ ପରି ମହତ କାର୍ଯ୍ୟରେ ଅଂଶଗ୍ରହଣ କରିବା ପାଇଁ ମୁଁ ଆପଣମାନଙ୍କୁ ଆହ୍ୱାନ କରୁଛି । ଅକ୍ଟୋବର ୨ ତାରିଖରେ ଗାନ୍ଧୀ ଜୟନ୍ତୀ ଓ ୧୧ ତାରିଖରେ ଲୋକନାୟକ ଜୟପ୍ରକାଶଙ୍କ ଜୟନ୍ତୀ ନିରାଡ଼ମ୍ବର ଭାବେ ପାଳନ କରିବା ସହିତ ଗାନ୍ଧୀ ଜୟନ୍ତୀରୁ ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ ଦଳୀୟ କର୍ମୀ, ବିଭିନ୍ନ ପ୍ରମୁଖ ଦଳୀୟ ସଂଗଠନର କର୍ମକର୍ତ୍ତାଙ୍କ ସହଯୋଗରେ କୋଭିଡ ନିୟମ ପାଳନ ପୂର୍ବକ ଏହିପରି ଗୁରୁତ୍ୱପୂର୍ଣ୍ଣ ସମାଜସେବା କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ସେ ପରାମର୍ଶ ଦେଇଛନ୍ତି ।

# ୧୮ ଜିଲ୍ଲାରେ ଦୁଇ ଅଙ୍କ ତଳେ ସଂକ୍ରମଣ



ଭୁବନେଶ୍ୱର ,୨୬/୯ (ନି.ପ୍ର): ରାଜ୍ୟରେ ଦୈନିକ କରୋନା ସଂକ୍ରମଣ ୫ଶହ ଉପରେ ସ୍ଥିର ରହିଛି । ଗତ ୨୪ଘଣ୍ଟାରେ ରାଜ୍ୟରେ ୬୦୨ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି । ଏଥିରୁ ସିଂହଭାଗ ରୋଗୀ ଖୋର୍ଦ୍ଧା ଓ କଟକ ଜିଲ୍ଲାରୁ ଚିହ୍ନଟ ହୋଇଛନ୍ତି । ତେବେ ରାଜ୍ୟର ୧୮ଟି ଜିଲ୍ଲାରେ ସଂକ୍ରମିତଙ୍କ ସଂଖ୍ୟା ଦୁଇ ଅଙ୍କ ତଳେ ଦେଖିବାକୁ ମିଳିଛି । ଗତ ୨୪ ଘଣ୍ଟାରେ ଖୋର୍ଦ୍ଧା ଜିଲ୍ଲାରୁ ୨୬୬ ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଛି । ଏହାବାଦ୍ କଟକ ୭୪, ଜଗତସିଂହପୁର ୩୪, ବାଲେଶ୍ୱର ୨୪, ସମ୍ବଲପୁର ୨୩, ଯାଜପୁର ୧୬, ମୟୂରଭଞ୍ଜ ୧୯, ପୁରୀ ୧୩ ଓ ଷ୍ଟେଟ୍ ପୁଲରୁ ୬୩ ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଛି । ଫଳରେ ସମୁଦାୟ ସଂକ୍ରମିତଙ୍କ ସଂଖ୍ୟା ୧୦ଲକ୍ଷ ୨୩ହଜାର ୭୩୫କୁ ବୃଦ୍ଧି ପାଇଛି । ରାଜ୍ୟରେ ଆଉ ୭ଜଣ କରୋନାରେ ପ୍ରାଣ ହରାଇଥିବା ନେଇ ସରକାରୀ ଘୋଷଣା କରାଯାଇଛି । ମୃତକଙ୍କ ମଧ୍ୟରେ ଅନୁଗୁଳ, ବାଲେଶ୍ୱର, ଭଦ୍ରକ, କଟକ, ଜଗତସିଂହପୁର ଓ ଖୋର୍ଦ୍ଧାରୁ ୨ଜଣ ପ୍ରାଣ ହରାଇଛନ୍ତି । ଫଳରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୮୧୭୦କୁ ବୃଦ୍ଧି ପାଇଛି । ରାଜ୍ୟରେ ଶନିବାର ୬୦୧ କରୋନା ସଂକ୍ରମିତ ସୁସ୍ଥ ହୋଇଥିବା ସରକାରୀ ସୂଚନା ଦିଆଯାଇଛି । ଫଳରେ ସମୁଦାୟ ସୁସ୍ଥ ରୋଗୀଙ୍କ ସଂଖ୍ୟା ୧୦ଲକ୍ଷ ୧୦ହଜାର ୮୧୩ରେ ପହଞ୍ଚିଛି । ଅନ୍ୟପକ୍ଷରେ ଚିକିତ୍ସାଧୀନ ରୋଗୀଙ୍କ ସଂଖ୍ୟା ୫୩୨୯କୁ ଖସି ଆସିଛି ।

# ରାଜ୍ୟ ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ୍ ଟୁର

ଭୁବନେଶ୍ୱର,୨୬/୯ (ନି.ପ୍ର): ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ପ୍ରତ୍ୟେକ ରବିବାର ଦିନ ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ୍ ଟୁର୍‌ର ବ୍ୟବସ୍ଥା କରାଯାଇଛି । ଦର୍ଶକମାନେ ସେପେଟମ୍ବର ୨୬ ତାରିଖ ଦିନ ଫେସ୍‌ବୁକ୍ ଓ ଟୁଇଟର ପେଜ୍ ଖୋଲି କୁଟିଆ କନ୍ଧ ଜନଜାତିଙ୍କ ସ୍ୱଦେଶୀ ଜ୍ଞାନକୌଶଳରେ ପ୍ରସ୍ତୁତ ପାରମ୍ପରିକ ଔଷଧ ବ୍ୟବହାର ସଂପର୍କରେ ଜାଣିପାରିବେ ବୋଲି ଏସ୍‌ସିଏସ୍‌ଟିଆର୍‌ଟିଆଇର ନିର୍ଦ୍ଦେଶକ ପ୍ରଫେସର(ଡ.) ଅଖିଳ ବିହାରୀ ଓତା ପ୍ରକାଶ କରିଛନ୍ତି । ଓଡ଼ିଶାର କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାରେ ମୁଖ୍ୟତଃ କୁଟିଆ କନ୍ଧ ଜନଜାତି ବସବାସ କରିଥାନ୍ତି । ଝାଡୁ ତିଆରି, ମ୍ୟାଟ୍ ପ୍ରସ୍ତୁତି ଆଦି ସେମାନଙ୍କର ମୁଖ୍ୟ ପେଶା । ଏହି ଜନଜାତି ମୁଖ୍ୟତଃ ପରିବେଶ ଓ ଅତି ପ୍ରାକୃତିକ ଶକ୍ତି ସହିତ ସଂପୃକ୍ତ । ଶରୀରର ରୋଗ ଉଭୟ ଶରୀର ଓ ଆତ୍ମାକୁ ପ୍ରଭାବିତ କରିଥାଏ ବୋଲି ସେମାନଙ୍କ ଧାରଣା । ଅଲୌକିକ ଶକ୍ତି ଓ ପରିବେଶ କାରଣରୁ ଶରୀରରେ ବାଧା ସୃଷ୍ଟି ହୁଏ ଓ ମନୁଷ୍ୟ ଅସୁସ୍ଥ ହୋଇଥାଏ । ରୋଗ ଉପଶମ କରିବା ପାଇଁ କୁଟିଆ କନ୍ଧ ଜନଜାତି ଦୈବୀଶକ୍ତିର ନିର୍ଦ୍ଦେଶରେ ବୈଦ୍ୟ ଉଦ୍ଭିଦ, ପ୍ରାଣୀ ଓ ଖଣିଜ ସଂପଦରୁ ମିଳୁଥିବା ଔଷଧ ଦେଇଥା'ନ୍ତି । କୁଟିଆ କନ୍ଧ ଜନଜାତିଙ୍କର ବୈଦ୍ୟ କିପରି ଔଷଧ ସଂଗ୍ରହ, ପ୍ରକ୍ରିୟାକରଣ ଓ ପାରମ୍ପରିକ ଔଷଧ ଦେବା ପାଇଁ ପରାମର୍ଶ ଦେଇଥା'ନ୍ତି, ତାହା ଏହି ଚଳଚ୍ଚିତ୍ରରେ ଦର୍ଶକ ଜାଣିପାରିବେ । ଏଥିରୁ ସ୍ପଷ୍ଟ ଅନୁମେୟ ଯେ, କୁଟିଆ କନ୍ଧ ଜନଜାତି ଶାରୀରିକ ଅସୁସ୍ଥତାର ମୁଖ୍ୟ କାରଣ ଓ ରୋଗ ଉପଶମ ନିମନ୍ତେ ପ୍ରାକୃତିକ ଉପଚାର ଉପରେ ଗୁରୁତ୍ୱ ପ୍ରଦାନ କରିଥା'ନ୍ତି ।

# ରୋଟାରୀ ରୟାଲ୍ ପକ୍ଷରୁ ୧୦ଜଣ ଶିକ୍ଷକଙ୍କୁ 'ନେସନ ବିଲ୍‌ଡର ଆୱାର୍ଡ' ପ୍ରଦାନ

ଭୁବନେଶ୍ୱର,୨୬/୯ (ନି.ପ୍ର): ଉତ୍ତମ ଛାତ୍ରଛାତ୍ରୀଙ୍କ ମାଧ୍ୟମରେ ଦେଶର ଭବିଷ୍ୟତ ଗଢୁଥିବା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱର ରୟାଲ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ଭୁବନେଶ୍ୱର ପ୍ରେସ୍ କ୍ଲବ ଠାରେ ଆୟୋଜିତ ସମାରୋହରେ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ସ୍କୁଲ୍‌ର ୧୦ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ରୋଟାରୀ ଇଣ୍ଟରନେସନାଲ ପ୍ରମାଣ ପତ୍ର, ଉପଢୌକନ ଓ ଉପହାର ପ୍ରଦାନ ସ୍ୱରୂପ ସମ୍ବର୍ଦ୍ଧିତ କରାଯାଇଛି । କାର୍ଯ୍ୟକ୍ରମରେ ରୋଟାରୀ ଜିଲ୍ଲା ୩୨୬୨ର ପ୍ରାନ୍ତପାଳ ଶାନ୍ତନୁ ପାଣି ଯୋଗଦେଇ କହିଥିଲେ ଯେ, ବିଶ୍ୱକୁ ପୋଲିଓମୁକ୍ତ କରିବା ପରେ ରୋଟାରୀର ପରବର୍ତ୍ତୀ ସଂକଳ୍ପ ହେଉଛି ସମଗ୍ର ବିଶ୍ୱରେ ଛାତ୍ରଛାତ୍ରୀମାନଙ୍କ ପାଇଁ ଉତ୍ତମ ଶୈକ୍ଷିକ ପରିବେଶ ସୃଷ୍ଟି କରିବା ସହ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ମାନଯୁକ୍ତ ଶିକ୍ଷା ପ୍ରଦାନ ଦିଗରେ ଉତ୍ସାହିତ କରିବା । ଏ ଦିଗରେ ସମଗ୍ର ଓଡ଼ିଶାରେ ୧୧୦ଟି ବ୍ଲକ ମାଧ୍ୟମରେ ରୋଟାରୀ ତାର ପ୍ରୟାସ ଜାରି ରଖିଛି । ସି.ଏନ୍.ଏନ୍ ଓ ବିବିସି ମାନ୍ୟତାପ୍ରାପ୍ତ ବିଶ୍ୱର ସର୍ବକନିଷ୍ଠ ପ୍ରଧାନ ଶିକ୍ଷକ ବବର୍ ଅଲ୍ଲୀ ସମାରୋହରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ବଞ୍ଚିତ ବର୍ଗର ଶିଶୁ ଏବଂ ଅଧାରୁ ପାଠପଢା ଛାଡୁଥିବା ଛାତ୍ରଛାତ୍ରୀମାନଙ୍କୁ ଅନୁକୂଳ ପରିବେଶ ମାଧ୍ୟମରେ ଶିକ୍ଷାଦାନର ବ୍ୟବସ୍ଥା ଉପରେ ଗୁରୁତ୍ୱ ଆରୋପ କରିଥିଲେ ।

# ଭାରତ ବନ୍ଦକୁ ସମାଜବାଦୀ ପାର୍ଟିର ସମର୍ଥନ

ଭୁବନେଶ୍ୱର,୨୬/୯ (ନି.ପ୍ର): ଆସନ୍ତା ୨୭ ତାରିଖ ସୋମବାର କେନ୍ଦ୍ର ସରକାରଙ୍କ ଦ୍ୱାରା ଗତବର୍ଷ ପ୍ରଣୀତ ତିନୋଟି କଳା କୃଷି ଆଇନ୍ ବିରୁଦ୍ଧରେ ସଂଯୁକ୍ତ କିଷାନମୋର୍ଚ୍ଚା ଆହ୍ୱନରେ ଦିଆ ଯାଇଥିବା 'ଭାରତ ବନ୍ଦ' ଡ଼ାକରାକୁ ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ସମ୍ପୂର୍ଣ୍ଣ ସମର୍ଥନ ଜଣାଇଛି । ପାର୍ଟିର ରାଜ୍ୟ ସଭାପତି ରବି ବେହେରା ଏକ ପ୍ରେସ୍ ବିବୃତିରେ ଏହି ବନ୍ଦକୁ ନିଜର ଦଳର ସମର୍ଥନ ଘୋଷଣା କରି କହିଛନ୍ତି ଯେ, ଦୀର୍ଘ ୧୦ ମାସ ହେଲା ଖରା, ବର୍ଷା, ଶୀତ ଓ କାକରରେ ହଜାର ହଜାର କୃଷକ ଦିଲ୍ଲୀ ସୀମାରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ ମଧ୍ୟ କେନ୍ଦ୍ର ସରକାର ନିଜର ଜିଦ୍ ଓ ଅହଙ୍କାର ଯୋଗୁ କୃଷକମାନଙ୍କ ସହିତ କଥାବାର୍ତ୍ତା ନକରିବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ । ତେଣୁ ବାଧହୋଇ କୃଷକମାନେ ଏହି ତିନୋଟି କଳା ଆଇନ ବାତିଲ ଦାବିରେ ଯେଉଁ ଭାରତ ବନ୍ଦ ଆହ୍ୱାନ ଦେଇଛନ୍ତି ତାହାକୁ ସମ୍ମାନ ଜଣାଇ କେନ୍ଦ୍ର ସରକାର ତୁରନ୍ତ ଏହି ଆଇନକୁ ବାତିଲ କରନ୍ତୁ ।

# ସର୍ବ ଭାରତୀୟ ଧର୍ମଘଟକୁ ସମର୍ଥନ ଜଣାଇଲା ଓଡ଼ିଶା ନିର୍ମାଣ ଶ୍ରମିକ ଫେଡ଼େରେସନ

ଭୁବନେଶ୍ୱର,୨୬/୯ (ନି.ପ୍ର): ଶ୍ରମ ବିରୋଧୀ ଶ୍ରମ ଆଇନ ପ୍ରତ୍ୟାହାର, କୃଷକ ବିରୋଧୀ କୃଷି ଆଇନର ପ୍ରତ୍ୟାହର, ଦରଦାମ ନିୟନ୍ତ୍ରଣ ଓ ସାର୍ବଜନୀନ ବଂଟନ ବ୍ୟବସ୍ଥାକୁ ସୁଦୃଢ଼ କରିବା, ସଂଖ୍ୟାଲଘୁ ଓ ଦଳିତମାନଙ୍କ ମଧ୍ୟରେ ନିର୍ଯ୍ୟାତନା ବନ୍ଦ, ସମସ୍ତଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଆଦି ଦାବିରେ ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନମାନଙ୍କ ତରଫରୁ ଆସନ୍ତା ୨୭ ସେପ୍ଟେମ୍ବର ସାଧାରଣ ଧର୍ମଘଟକୁ ସମର୍ଥନ ଜଣାଇ ସାମିଲ ହୋଇଛି ଓଡ଼ିଶା ନିର୍ମାଣ ଶ୍ରମିକ ଫେଡ଼େରେସନ । ଦେଶର କୋଟି କୋଟି ଶ୍ରମିକଙ୍କ ଆନ୍ଦୋଳନ ମାଧ୍ୟମରେ ଅର୍ଜିତ ଆଇନଗତ ଅଧିକାରକୁ ଲୋପ କରି କ୍ରୀତଦାସରେ ପରିଣତ କରିବାକୁ ଉଦ୍ୟମ ହୋଇଛି । ୪୦ଟି ଶ୍ରମ ଆଇନକୁ ବାତିଲ କରି ୪ଟି ଶ୍ରମ କୋଡରେ ପରିଣତ କରିବା ଯୋଗୁ ଦେଶର ୯୦ ଶତାଂଶ ଶ୍ରମିକ ଆଇନଗତ ସୁରକ୍ଷା ଓ ଅଧିକାରରୁ ବଂଚିତ ହେବେ । ଦେଶୀ ବିଦେଶୀ ପୁଞ୍ଜିପତିଙ୍କ ମୁନାଫା ବଢାଇବା ସହିତ ଶ୍ରମିକମାନଙ୍କ ଅଧିକାରକୁ ଲୋପ କରିବା ହେଉଛି ଏହି ଲେବର କୋଡ଼ର ଲକ୍ଷ୍ୟ । ଦେଶବାସୀଙ୍କ ଟିକସ ଅର୍ଥରେ ଗଢି ଉଠିଥିବା ସମସ୍ତ ରାଷ୍ଟ୍ରୀୟ ଉଦ୍ୟୋଗ, ବ୍ୟାଙ୍କ, ବୀମା, ରେଳବାଇ, ପ୍ରତିରକ୍ଷା ଉତ୍ପାଦନ, କୋଇଲାଖଣି, ବିଦ୍ୟୁତ୍, ତୈଳ, ପୋତାଶ୍ରୟ ଓ ବିମାନ ବନ୍ଦର ଆଦିକୁ ଘରୋଇ ଶିଳ୍ପପତିମାନଙ୍କୁ ବିକ୍ରି କରାଚାଲିଛି । କେନ୍ଦ୍ରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼କୁ ପରୋକ୍ଷରେ ଭାଙ୍ଗିଦେବା ପାଇଁ କେନ୍ଦ୍ର ସରକାର ଚଳାଇଥିବା ଷଡ଼ଯନ୍ତ୍ରକୁ ଓଡ଼ିଶା ନିର୍ମାଣ ଶ୍ରମିକ ଫେଡ଼େରେସନ ପକ୍ଷରୁ ବିରୋଧ କରାଯାଉଛି । ତତ୍ ସଙ୍ଗେ ସଙ୍ଗେ ଓଡ଼ିଶାର କୋଭିଡ଼-୧୯, ନିର୍ମାଣ ଶ୍ରମିକ ସହାୟତା ରାଶି ପ୍ରାୟ ୪ ଲକ୍ଷ ଶ୍ରମିକ ଏପର୍ଯ୍ୟନ୍ତ ପାଇନାହାଁନ୍ତି । ବାରମ୍ବାର ଅଭିଯୋଗ କଲେ ମଧ୍ୟ ସରକାର ଏଥିପ୍ରତି କର୍ଣ୍ଣପାତ କରୁନାହାଁନ୍ତି । ଆମ ଦେଶରେ ପ୍ରାୟ ଦଶଲକ୍ଷ ଲୋକ ବେରୋଜଗାର, ଶ୍ରମିକମାନେ ପ୍ରତି ମାସରେ ଶ୍ରମ ବଜାରକୁ ପ୍ରବେଶ କରୁଛନ୍ତି । ସେମାନଙ୍କୁ ନିଯୁକ୍ତି ବା ରୋଜଗାର ଦେବାକୁ ଏ ସରକାର ପ୍ରତ୍ୟାଖ୍ୟାନ କରିଛି । ଏସବୁର ପ୍ରତିବାଦରେ ଫେଡ଼େରେସନ ୨୭ ସେପ୍ଟେମ୍ବରରେ ହେବାକୁ ଥିବା ଦେଶବ୍ୟାପୀ ଧର୍ମଘଟରେ ସାମିଲ ହେବ ବୋଲି ଫେଡ଼େରେସନର ସଭାପତି ସୁରେଶ ଚନ୍ଦ୍ର ରାଉତରାୟଙ୍କ ନେତୃତ୍ୱରେ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରାଯାଇଛି ।

# ଓଡିଶା ପ୍ରଦେଶ ଯୁବ କଂଗ୍ରେସର ରାଜ୍ୟସ୍ତରୀୟ ଆଦିବାସୀ ଯୁବ ସର୍ବୋଦୟ ସଂକଳ୍ପ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ଏବଂ ପ୍ରଦେଶ ଯୁବ କଂଗ୍ରେସର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର,୨୬/୯ (ନି.ପ୍ର): ଓଡିଶା ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ସଭାପତି ଡ.ସ୍ମୃତିରଞ୍ଜନ ଲେଙ୍କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେପ୍ଟେମ୍ବର ୨୩ ତାରିଖ ଠାରୁ ସୁନ୍ଦରଗଡ ଜିଲ୍ଲାର କଲୁଙ୍ଗାଠାରେ ଆୟୋଜିତ ରାଜ୍ୟସ୍ତରୀୟ ଆଦିବାସୀ ଯୁବ ସର୍ବୋଦୟ ସଂକଳ୍ପ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି । ସାମ୍ପ୍ରତିକ ପରିସ୍ଥିତିରେ ଆଦିବାସୀ ଯୁବକମାନଙ୍କ ଭୂମିକାକୁ ନେଇ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରକୁ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆଦିବାସୀ ଯୁବକ, ଯୁବତୀମାନେ ଯୋଗ ଦେଇ ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ କରିଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷଣ ଦେଇଥିଲେ ଅଖିଳ ଭାରତୀୟ କଂଗ୍ରେସ କମିଟିର ପ୍ରଶିକ୍ଷଣ ପ୍ରଭାରୀ ସଚ୍ଚିନ ରାଓ, ଅଖିଳ ଭାରତୀୟ ଯୁବ କଂଗ୍ରେସର ପ୍ରଶିକ୍ଷଣ ପ୍ରଭାରୀ ସୀତାରାମ ଲାମ୍ବା ଏବଂ ଯୁବ କଂଗ୍ରେସର ପ୍ରଶିକ୍ଷଣ ଟିମ୍ ସଦସ୍ୟମାନେ । ଆଦିବାସୀମାନଙ୍କ ଭୂମିକା, ହକ୍ ଏବଂ ବିଭିନ୍ନ ସମସ୍ୟାକୁ ନେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ପ୍ରଥମ ଦିବସରେ ପ୍ରଶିକ୍ଷଣ ଦେଇଥିଲେ ସଚ୍ଚିନ ରାଓ ଯାହା ଆଦିବାସୀମାନଙ୍କ ଭୂମିକା ଓ ହକ୍ ଉପରେ ପର୍ଯ୍ୟବେକ୍ଷିତ ଥିଲା । ଦ୍ୱିତୀୟ ଦିବସରେ ଅଖିଳ ଭାରତୀୟ ଯୁବ କଂଗ୍ରେସ ପ୍ରଭାରୀ କ୍ରିଷ୍ଣା ଆଲ୍ଲାବାରୁ ପହଂଚି ଆଦିବାସୀ ଯୁବକ-ଯୁବତୀଙ୍କୁ ଶିକ୍ଷାର ପ୍ରସାର, କଂଗ୍ରେସର ଭୂମିକା ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ତୃତୀୟ ଦିବସରେ ଅଖିଳ ଭାରତୀୟ ଯୁବ କଂଗ୍ରେସର ସଭାପତି ବି.ଭି. ଶ୍ରୀନିବାସ ପହଂଚି ପ୍ରଶିକ୍ଷଣ ଶିବିରରେ ଆଦିବାସୀ ଯୁବକ, ଯୁବତୀମାନଙ୍କୁ ଉତ୍ସାହିତ କରିବା ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଆଦିବାସୀ ତଥ୍ୟ ଉପସ୍ଥାପନ କରିଥିଲେ । ପ୍ରତ୍ୟେକ ଦିନ ପ୍ରଶିକ୍ଷଣ ଶିବିର ସହ ଶ୍ରମଦାନ, ସାଂସ୍କୃତିକ କାର୍ଯ୍ୟ ଆୟୋଜିତ ହୋଇଥିଲା । ଉଦ୍‌ଯାପନୀ ଦିବସରେ ପ୍ରଶିକ୍ଷଣ ଶିବିରକୁ ଆସିଥିବା ଆଦିବାସୀ ଯୁବକ-ଯୁବତୀମାନଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା । ପରେ ଓଡିଶା ପ୍ରଦେଶ ଯୁବ କଂଗ୍ରେସର ରାଜ୍ୟ କାର୍ଯ୍ୟକାରିଣୀ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଯୁବ କଂଗ୍ରେସର ସମସ୍ତ ପଦାଧିକାରୀ, ଜିଲ୍ଲା ଯୁବ କଂଗ୍ରେସ ସଭାପତି, ଜିଲ୍ଲା ଯୁବ କଂଗ୍ରେସ ପଦାଧିକାରୀ, ବିଧାନସଭା ଯୁବ କଂଗ୍ରେସ ସଭାପତିମାନେ ଯୋଗଦାନ କରିଥିଲେ । ଯୁବ କଂଗ୍ରେସର ଆଗାମୀ କାର୍ଯ୍ୟପନ୍ଥା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୁବ ମାରଣ ନୀତି - ବେରୋଜଗାରୀ, ମହଙ୍ଗା ମାଡରେ ଥିବା ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ, ଅତ୍ୟାବଶ୍ୟକୀୟ ସାମଗ୍ରୀ ଦରବୃଦ୍ଧି ସମସ୍ୟାକୁ ନେଇ ରାଜ୍ୟବ୍ୟାପି କାର୍ଯ୍ୟକ୍ରମର ଖସଡା ପ୍ରସ୍ତୁତ କରାଯାଇଛି । ଏହି କାର୍ଯ୍ୟକାରିଣି ବୈଠକରେ ଅଖିଳ ଭାରତୀୟ କଂଗ୍ରେସ କମିଟିର ସମ୍ପାଦକ ବିଶ୍ୱରଞ୍ଜନ ମହାନ୍ତି, ଅଖିଳ ଭାରତୀୟ ଯୁବ କଂଗ୍ରେସର ପ୍ରଭାରୀ କ୍ରିଷ୍ଣଆ ଆଲ୍ଲାବରୁ, ଅଖିଳ ଭାରତୀୟ ଯୁବ କଂଗ୍ରେସର ସଭାପତି ବି.ଭି. ଶ୍ରୀନିବାସ, ଓଡିଶା ଯୁବ କଂଗ୍ରେସ ପ୍ରଭାରୀ ପ୍ରତିଭା ରଘୁବଂଶୀ, ସହ-ପ୍ରଭାରୀ ରିୟାଜୁଲ ଅନସାରୀ, ରାଉରକେଲା ଜିଲ୍ଲା କଂଗ୍ରେସ ସଭାପତି ଜର୍ଜ ତିର୍କୀ, ବିଧାୟକ ରାଜନ ଏକ୍କା ଏବଂ ବହୁ ପ୍ରମୁଖ ନେତୃବୃନ୍ଦ ଯୋଗ ଦାନ କରିଥିଲେ ।

# ବାତ୍ୟା ପାଇଁ ରାଜ୍ୟର ୪ଟି ବନ୍ଦର ପାଇଁ ଜାରି ହେଲା ସତର୍କ ସୂଚନା

ଭୁବନେଶ୍ୱର,୨୬/୯ (ନି.ପ୍ର): ବାତ୍ୟା ପାଇଁ ରାଜ୍ୟର ୪ଟି ବନ୍ଦର ପାଇଁ ଜାରି ହେଲା ସତର୍କ ସୂଚନା ଜାରୀ କରା ଯାଇଛି । ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରୀ କରା ଯାଇଛି । ପାଣିପାଗ ବିଭାଗ ପକ୍ଷରୁ ଗୋପାଳପୁର, ପୁରୀ, ପାରାଦୀପ, ଧାମରା ବନ୍ଦରକୁ ବିପଦ ସଂକେତ ୩ ନମ୍ବର ବିପଦ ସଂକେତ ଜାରି କରା ଯାଇଛି ।

# 'ଆଶୀର୍ବାଦ' ଯୋଜନାରେ ପଟ୍ଟାମୁଣ୍ଡାଇ ବ୍ଲକ୍‌ର ୧୧୦ ଜଣ ଶିଶୁ ଉପକୃତ ହେବେ

ଭୁବନେଶ୍ୱର,୨୬/୯ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କ ମହତ୍ୱାକାଂକ୍ଷୀ 'ଆଶୀର୍ବାଦ' ଯୋଜନାରେ ପଟ୍ଟାମୁଣ୍ଡାଇ ବ୍ଲକ୍‌ର ୧୧୦ ଜଣ ଶିଶୁ ଉପକୃତ ହେବାକୁ ଯାଉଛନ୍ତି । ସାରା ରାଜ୍ୟରେ ପିତାମାତାଙ୍କୁ ହରାଇଥିବା ଶିଶଙ୍କୁ ଚିହ୍ନଟ ପ୍ରକ୍ରିୟା ଜାରି ରହିଥିବାବେଳେ ସେମାନଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାର ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

# ସାରା ରାଜ୍ୟରେ ପାଳିତ ହେଉଛି ୪ର୍ଥ ରାଷ୍ଟ୍ରୀୟ ପୋଷଣ ମାସ

ଭୁବନେଶ୍ୱର,୨୬/୯ (ନି.ପ୍ର): ମହିଳା ଓ ଶିଶୁମାନଙ୍କ ମଧ୍ୟରେ ପୁଷ୍ଟି ସଚେତନତା ସୃଷ୍ଟି ପାଇଁ ସେପେଟମ୍ବର ମାସରେ ସମଗ୍ର ରାଜ୍ୟରେ ପାଳିତ ହେଉଛି ଚତୁର୍ଥ ରାଷ୍ଟ୍ରୀୟ ପୋଷଣ ମାସ । ପୂର୍ବରୁ ମଧ୍ୟ ଅନୁଷ୍ଠିତ ହେଉଥିବା ବିଭିନ୍ନ ପୁଷ୍ଟି କାର୍ଯ୍ୟକ୍ରମ ମାଧ୍ୟମରେ ମହିଳା ଓ ଶିଶୁମାନଙ୍କ ପୁଷ୍ଟି ସ୍ଥିତିରେ ଉନ୍ନତି ଆଣିବା ସହ ରକ୍ତହୀନତା ହ୍ରାସ କରିବା ପାଇଁ ବ୍ୟାପକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେଉଛି । ଜନଆନ୍ଦୋଳନ ଏବଂ ଗୋଷ୍ଠୀସ୍ତରରେ ପୁଷ୍ଟିର ଗୁରୁତ୍ୱ ପାଇଁ କ୍ରିୟାଶୀଳତା ସୃଷ୍ଟି ମାଧ୍ୟମରେ ପୋଷଣ ଅଭିଯାନକୁ ସଫଳତାର ସହ କାର୍ଯ୍ୟକାରୀ କରିବା ହେଉଛି ଏହି ଅଭିଯାନର ଲକ୍ଷ୍ୟ । ଚଳିତ ବର୍ଷ ସେପେଟମ୍ବର ମାସର ୪ଟି ସପ୍ତାହ ପାଇଁ ୪ଟି ଭିନ୍ନ ଭିନ୍ନ ବିଷୟବସ୍ତୁ ସ୍ଥିର କରାଯାଇଛି । 'ପୋଷଣ ବାଟିକା' ସୃଷ୍ଟି ପାଇଁ ବିଭିନ୍ନ ଉପକାରୀ ବୃକ୍ଷରୋପଣ, ପୁଷ୍ଟିସାଧନ ପାଇଁ ଯୋଗ ଏବଂ ଆୟୁଷର ଉପକାରିତା, ପୁଷ୍ଟିସାଧନ ସ୍ତରରେ ଉନ୍ନତ ପ୍ରଦର୍ଶନ ପାଇଁ ପ୍ରୟାସ ଜାରି ରହିଥିବା ଜିଲ୍ଲାଗୁଡ଼ିକରେ ଅଙ୍ଗନବାଡ଼ି ହିତାଧିକାରୀମାନଙ୍କୁ 'ପୁଷ୍ଟିସାଧନ କିଟ୍' ବିତରଣ ଏବଂ ଅତିଶୟ ପୁଷ୍ଟିହୀନ ଶିଶୁମାନଙ୍କୁ ଚିହ୍ନଟ କରିବା ସହ ପୁଷ୍ଟିକର ଖାଦ୍ୟ ବଣ୍ଟନ ଆଦି ବିଷୟବସ୍ତୁ ଆଧାରରେ ପ୍ରତ୍ୟେକ ସପ୍ତାହରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଗ୍ରାମ ସ୍ତରରେ ଆୟୋଜିତ କାର୍ଯ୍ୟକ୍ରମ ଚଳିତ ବର୍ଷ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଜିଲ୍ଲା, ପ୍ରକଳ୍ପ ଏବଂ ଅଙ୍ଗନବାଡ଼ି ସ୍ତରରେ 'ଆଜାଦୀ କା ଅମୃତ ମହୋତ୍ସବ' ପାଳନ କରାଯାଉଛି । ମହୋତ୍ସବର ଅଂଶବିଶେଷ ଭାବେ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ଗୁରୁଦିବସ ଏବଂ ଜାତୀୟ ଶିକ୍ଷା ଦିବସ ପାଳନ କରାଯାଇଛି । ଅନେକ ଅଙ୍ଗନବାଡ଼ି କେନ୍ଦ୍ରରେ ଗୋଷ୍ଠୀ ସହାୟତାରେ ଗୋଷ୍ଠୀ ପାଠାଗାରମାନ ସ୍ଥାପନ କରାଯାଇଛି । ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ସାକ୍ଷରତା, ସାମାଜିକ ପ୍ରସଙ୍ଗ, ସ୍ୱାସ୍ଥ୍ୟ ଏବଂ ପୁଷ୍ଟିସାଧନ ବିଷୟଗୁଡ଼ିକ ଉପରେ ଗୋଷ୍ଠୀସ୍ତରୀୟ ସଭାମାନ ଆୟୋଜନ କରାଯାଉଛି । ପୋଷଣ ବାଟିକା ସ୍ଥାପନ ଜିଲ୍ଲା ପ୍ରଶାସନ ସହାୟତାରେ ଅଙ୍ଗନବାଡ଼ିଗୁଡ଼ିକ ସହ ଗର୍ଭବତୀ ମହିଳା ଓ ଅତିଶୟ ପୁଷ୍ଟିହୀନ ଶିଶୁମାନଙ୍କ ରହିବା ସ୍ଥାନରେ ପୋଷଣ ବାଟିକା କିମ୍ବା 'ମୋ ଉପକାରୀ ବଗିଚା' ସ୍ଥାପନ କରିବାକୁ ପ୍ରୋତ୍ସାହିତ କରାଯାଉଛି । ବିଶେଷ କରି ଏହିସବୁ ବଗିଚାର ପନିପରିବା, ଋତୁକାଳୀନ ଫଳଗଛ ଏବଂ ଔଷଧୀୟ ବୃକ୍ଷ ଲଗାଇବା ନିମନ୍ତେ ପରାମର୍ଶ ଦିଆଯାଉଛି । ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଯୋଗ ଅଙ୍ଗନବାଡ଼ି କେନ୍ଦ୍ରମାନଙ୍କରେ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଯୋଗର ଉପଯୋଗିତା ସଂପର୍କରେ ସଚେତନତା ସୃଷ୍ଟି ସହ ନିୟମିତ ଯୋଗ ଅଧିବେଶନମାନ ଅନୁଷ୍ଠିତ ହୋଇଛି । ଆୟୁର୍ବେଦିକ ଉପଚାର 'ଆୟୁଷ' ସଂପର୍କରେ ମଧ୍ୟ ସଚେତନତା ସୃଷ୍ଟି କରାଯାଇଛି । ପୁଷ୍ଟିସାଧନ କିଟ୍ ବିତରଣ ପରିପୂରକ ପୁଷ୍ଟିସାଧନ କାର୍ଯ୍ୟକ୍ରମରେ ଛତୁଆ, ବାଦାମ ଚିକି, ଅଣ୍ଡା, ଅଟା ଏବଂ ବେସନ ରୁ ପ୍ରସ୍ତୁତ ଲଡୁ ଏବଂ ଅନ୍ୟାନ୍ୟ ସାମଗ୍ରୀ ସହ ରନ୍ଧାଖାଦ୍ୟ ବାବଦକୁ ଶୁଖିଲା ରାସନ୍ ପୁଷ୍ଟିସାଧନ କିଟ୍ ଭାବେ ହିତାଧିକାରୀମାନଙ୍କୁ ବଣ୍ଟନ କରାଯାଉଛି । ହିତାଧିକାରୀମାନଙ୍କ ପୁଷ୍ଟିସାଧନ ସ୍ଥିତିରେ ସୁଧାର ଆଣିବା ସହ ଦିଆଯାଉଥିବା ସାମଗ୍ରୀକୁ ହିତାଧିକାରୀମାନେ ଉପଯୋଗ କରିବା ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଉଛି । ମାସର ପ୍ରଥମ ପନ୍ଦର ଦିନ ମଧ୍ୟରେ ମିଶନ ମୋଡ୍‌ରେ ୦-୫ ବର୍ଷ ବୟସର ଶିଶୁମାନଙ୍କ ଓଜନ ମପାଯିବା ସହ ଶରୀର ବୃଦ୍ଧିକୁ ତଦାରଖ କରାଯାଇଛି । ଅତିଶୟ ପୁଷ୍ଟିହୀନ ଶିଶୁମାନଙ୍କୁ ଚିହ୍ନଟ କରି ପୁଷ୍ଟି ସ୍ଥିତିରେ ଉନ୍ନତି ଆଣିବା ନିମନ୍ତେ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଛି । ଗ୍ରାମ ସ୍ତରରେ କିଶୋରୀ ଏବଂ ମହିଳାମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ନିମନ୍ତେ ରଙ୍ଗୋଲି ପ୍ରତିଯୋଗିତା, ଅଙ୍ଗନବାଡ଼ି କର୍ମୀମାନଙ୍କ ଦ୍ୱାରା ହିତାଧିକାରୀଙ୍କ ଘରକୁ ଯିବା, ଗୋଷ୍ଠୀସ୍ତରୀୟ କାର୍ଯ୍ୟକ୍ରମ ଯଥା ଅନ୍ନପ୍ରାସନ୍ନ ଦିବସ, ସାଦଖିଆ, ମମତା ଦିବସ, ଟିକାକରଣ ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଏହିସବୁ କାର୍ଯ୍ୟକ୍ରମରେ ପଂଚାୟତ ପ୍ରତିନିଧିମାନଙ୍କୁ ସାମିଲ କରାଯାଇ ସଚେତନତା ସୃଷ୍ଟି କରାଯାଇଛି । ରାଜ୍ୟରେ ପୁଷ୍ଟିକର ଖାଦ୍ୟ ମାଣ୍ଡିଆର ବହୁଳ ବ୍ୟବହାର ପାଇଁ ପ୍ରୋତ୍ସାହିତ କରିବା ନିମନ୍ତେ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ସାମଗ୍ରୀର ପ୍ରଦର୍ଶନ କରାଯାଇଛି । ଅଙ୍ଗନବାଡ଼ି କର୍ମୀମାନେ ବ୍ୟକ୍ତିଗତ ସ୍ୱଚ୍ଛତା ଏବଂ ପରିଚ୍ଛନ୍ନତା ପାଇଁ ହାତଧୁଆ କାର୍ଯ୍ୟକ୍ରମ ମାଧ୍ୟମରେ ଗୋଷ୍ଠୀସ୍ତରରେ ସଚେତନତା ସୃଷ୍ଟି କରୁଛନ୍ତି । ସମଗ୍ର ରାଜ୍ୟରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ ପୁଷ୍ଟି ସଚେତନତା ସୃଷ୍ଟି ଦିଗରେ ବେଶ୍ ଫଳପ୍ରଦ ସାବ୍ୟସ୍ତ ହୋଇଛି ।

# ସରକାରୀ କଳକୁ ପ୍ରଚାର କାର୍ଯ୍ୟ ପାଇଁ ବ୍ୟବହାର କରୁଛି ଶାସକ ବିଜେଡି : ବିଜେପି

ଭୁବନେଶ୍ୱର,୨୬/୯ (ନି.ପ୍ର): ଗଣତନ୍ତ୍ର ରାଷ୍ଟ୍ରରେ ନିର୍ବାଚନ ପ୍ରକ୍ରିୟାକୁ ନିରପେକ୍ଷ ଭାବେ ପରିଚାଳନା କରିବା ଉଚିତ୍ । ଏଥି ପାଇଁ ଶାସକ ଦଳ ନିର୍ବାଚନ ଅଧିକାରୀଙ୍କୁ ସମସ୍ତ ପ୍ରକାରର ସହଯୋଗ କରିବା ଆବଶ୍ୟକ । କିନ୍ତୁ ପିପିଲି ଉପନିର୍ବାଚନରେ ସରକାରୀ କଳ ଓ ପ୍ରଶାସନକୁ ପ୍ରଚାର କାର୍ଯ୍ୟରେ ଶାସକ ବିଜେଡି ବ୍ୟବହାର କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ଦଣ୍ଡନୀୟ ଅପରାଧ ବୋଲି ରାଜ୍ୟ ମୁଖପାତ୍ର ଶ୍ରୀମତି ଉର୍ମିଳା ମହାପାତ୍ର କହିଛନ୍ତି । ଚଳିତ ପିପିଲି ଉପନିର୍ବାଚନରେ ଶାସକ ବିଜେଡି ତରଫରୁ ସାଧାରଣ ଭୋଟରଙ୍କୁ ଜୋର ଜବରଦସ୍ତ ପ୍ରଭାବିତ କରି ଭୋଟ ହାତେଇବାର ପ୍ରଚେଷ୍ଟା ଜାରୀ ରହିଛି । ଡେଲାଙ୍ଗ ବ୍ଲକରେ ୪୭ଟି, ପିପିଲି ବ୍ଲକରେ ୩୮ଟି ଏବଂ ପିପିଲି ଏନଏସିରେ ୧୨ଟି ସହିତ ସର୍ବମୋଟ ୯୭ଟି ସମ୍ବେଦନଶୀଳ ବୁଥ୍ ଚିହ୍ନଟ କରାଯାଇଛି । ସେହି ବୁଥ୍ ଗୁଡିକରେ କେନ୍ଦ୍ରୀୟ ଫୋର୍ସ ମୁତୟନ କରି ଏକ ଅବାଧ ଓ ମୁକ୍ତ ନିର୍ବାଚନ କରାଇବା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ନିବେଦନ କରିଛୁ ବୋଲି ଶ୍ରୀମତୀ ମହାପାତ୍ର ସୁଚନା ଦେଇଛନ୍ତି । ପିପିଲି ଏନଏସି କର୍ମଚାରୀଙ୍କୁ ଶାସକ ଦଳ ପ୍ରଚାର କାର୍ଯ୍ୟରେ ବ୍ୟବହାର କରିବାର ତଥ୍ୟ ପ୍ରମାଣ ସହ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଅବଗତ କରାଯାଇଛି । ଏଥି ସହ ସମସ୍ତ ୯୭ଟି ସମ୍ବେଦନଶୀଳ ବୁଥ୍ ସଂପର୍କରେ ସଂପୂର୍ଣ୍ଣ ତଥ୍ୟ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ନିର୍ବାଚନକୁ ସଠିକ୍ ଓ ନିରପେକ୍ଷ ପରିଚାଳନା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଆୟୋଗ ଅଧିକାରୀଙ୍କ ନିକଟରେ ଦାବୀ କରାଯାଇଛି ବୋଲି ଶ୍ରୀମତୀ ମହାପାତ୍ର କହିଛନ୍ତି । ଏହି ଅବସରରେ ଲିଗାଲ ସେଲ୍ ରାଜ୍ୟ ସଂଯୋଜକ ଜୟନ୍ତ ଜେନା ଏବଂ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀତମ୍ ଦାସ୍ ପ୍ରମୁଖ ଉପସ୍ଥିତ ଥିଲେ ।

## ଯମୁନା ଶୂଳ ନିକଟ ସମୁଦ୍ରରେ ବୁଡି ନାବାଳକର ମୃତ୍ୟୁ

ବାଲିଆପାଳ,୨୬/୦୯ (ନି.ପ୍ର): ବାଲିଆପାଳ ଥାନା ଯମୁନାଶୂଳ ନିକଟ ସମୁଦ୍ରରେ ବୁଡି ଆଜି ଏକ ନାବାଳକର ମୃତ୍ୟୁ ହୋଇଛି । ଏନେଇ ସ୍ଥାନୀୟ ଅଂଚଳର ଶୋକର ଛାୟା ଖେଳିଯାଇଛି । ପ୍ରକାଶ କଟରାମହଲ ଗ୍ରାମର ଶାନ୍ତନୁ ଦଳାଇଙ୍କ ପୁଅ ଶୁଭଙ୍କର(୧୦) ତାଙ୍କ ମା ଅର୍ଚ୍ଚନାଙ୍କ ସହିତ ଯମୁନାଶୂଳ ବେଳାଭୂମିରେ ଥିବା ଝାଉଁ ଜଙ୍ଗଲକୁ ଜାଳେଣି କାଠ ସଂଗ୍ରହ କରିବା ପାଇଁ ଯାଇଥିଲେ । ତାଙ୍କ ମା ଜାଳେଣୀ ସଂଗ୍ରହ କରୁଥିବା ବେଳେ ଶୁଭଙ୍କର ଅନ୍ୟ ସାଙ୍ଗ ପିଲାମାନଙ୍କ ସହିତ ମିଶି ସମୁଦ୍ରରେ ଥିବା ଏକ ଗଭୀର ଜଳରେ ମାଛ ମାରୁଥିଲେ । ଏହି ସମୟରେ ଶୁଭଙ୍କର ପାଣିରେ ବୁଡି ଯାଇଥିଲେ । ସ୍ଥାନୀୟ ଲୋକ ଶୁଭଙ୍କରକୁ ଉଦ୍ଧାର କରି ବାଲିଆପାଳ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଯାଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଶୁଭଙ୍କର କଟରାମହଲ ପ୍ରାଥମିକ ବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀରେ ପାଠ ପଢୁଥିଲେ ।

## ଆଜି ରାଜ୍ୟରେ ୬୪୬ କରୋନା ଆକ୍ରାନ୍ତ ସୁସ୍ଥ ହେଲେ

ଭୁବନେଶ୍ୱର,୨୬/୦୯ (ନି.ପ୍ର): ଆଜି ରାଜ୍ୟରେ ୬୪୬ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏହାସହିତ ରାଜ୍ୟରେ ସୁସ୍ଥ ହୋଇଥିବା କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ୧୦,୧୦,୮୨୯ରେ ପହଂଚିଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି । ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ସର୍ବାଧିକ ଖୋର୍ଦ୍ଧା ଜିଲ୍ଲାରୁ ୨୮୭, କଟକ ଜିଲ୍ଲାରୁ ୧୦୩ଜଣ ସୁସ୍ଥ ହୋଇଛନ୍ତି । ସେହିପରି ଜଗତସିଂହପୁର ଏବଂ ସୁନ୍ଦରଗଡ଼ରୁ ୨୩ଜଣ ଲେଖାଏଁ, ଯାଜପୁରରୁ ୧୯, ମୟୂରଭଞ୍ଜ ଓ ପୁରୀରୁ ୧୮ ଜଣ ଲେଖାଏଁ ସୁସ୍ଥ ହୋଇଛନ୍ତି । ସେହିପରି ବାଲେଶ୍ୱରରୁ ୧୭, ସମ୍ବଲପୁରରୁ ୧୫, ଢେଙ୍କାନାଳ, କେନ୍ଦ୍ରାପଡ଼ା ଓ ରାୟଗଡ଼ାରୁ ୧୦ଜଣ ଲେଖାଏଁ ସୁସ୍ଥ ହୋଇଛନ୍ତି । ସେହିପରି ବରଗଡ଼ରୁ ୭, ଗଞ୍ଜାମରୁ ୬, ଅନୁଗୁଳ, ନୟାଗଡ଼ରୁ ୩ଜଣ ଲେଖାଏଁ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହିପରି ଭଦ୍ରକ, ଦେଓଗଡ଼, ଝାରସୁଗୁଡ଼ାରୁ ୨ଜଣ ଲେଖାଏଁ, ବଲାଙ୍ଗୀର, କେନ୍ଦୁଝର ଏବଂ ଷ୍ଟେଟ୍‌ପୁଲ୍‌ରୁ ୬୬ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ବୋଲି ଡିପାର୍ଟମେଂଟ ପକ୍ଷରୁ ସୂଚନା ମିଳିଛି ।

# ସିପିଆଇ(ଏମ୍)ର ଆଂଚଳିକ ସମ୍ମିଳନୀ

## ସାମ୍ପ୍ରଦାୟିକ ଦଳକୁ ପ୍ରତିହତ ଲାଗି ଆହ୍ୱାନ : କମ୍ୟୁନିଷ୍ଟ ସହଯୋଗରେ କଂଗ୍ରେସ ହିଁ ବିକଳ୍ପ ଦଳ



ଜଳେଶ୍ୱର ୨୬/୯(ନି.ପ୍ର): ଏବେ ସାମ୍ପ୍ରଦାୟିକ ଦଳ ବିଜେପି ଓ ଆର୍.ଏସ୍.ଏସ୍‌କୁ ପ୍ରତିହତ କରିବାଲାଗି କମ୍ୟୁନିଷ୍ଟ ସହଯୋଗରେ କଂଗ୍ରେସ ହିଁ ଏକମାତ୍ର ବିକଳ୍ପ ବୋଲି ଆଜି ଚତୁର୍ଦ୍ଦଶ ଆଂଚଳିକ ସମ୍ମିଳନୀରେ ମତପ୍ରକାଶ ପାଇଛି । ଜଳେଶ୍ୱରର ହୋଟେଲ ଇନ୍‌ରେ ଆୟୋଜିତ ଏହି ସମ୍ମିଳନୀରେ ଦିପ୍ତିମାନ ଆଚାର୍ଯ୍ୟ ପୌରହିତ୍ୱ କରି କମ୍ୟୁନିଷ୍ଟ ହିଁ ଏକମାତ୍ର ଦଳ ତୃଣମୂଳ ସ୍ତରରୁ ଏହା ନେତା ନିର୍ବାଚିତ କରିଥାଏ ବୋଲି କହିଥିଲେ । ଏଥିରେ ସମ୍ପାଦକ ଦିଲ୍ଲିପ ଗିରି ଜନସମାସ୍ୟା ପାଇଁ ଲଢେଇ ଓ ସଂଗଠନକୁ ମଜବୁତ୍ କରିବାକୁ ବାମପନ୍ଥୀ ଆନ୍ଦୋଳନ କରିବାକୁ ବାଧ୍ୟ ହୋଇଥାଏ ବୋଲି କହିଥିଲେ । ବାମ ପନ୍ଥି ଆନ୍ଦୋଳନ ଦୁର୍ବଳ ନୁହେଁ ବରଂ କଂଗ୍ରେସ ସହିତ ମିଳିତ ହୋଇ ଦେଶରେ ଏକ ବିକଳ୍ପ ଶକ୍ତିଭାବେ ଛିଡା ହୋଇ ପାରିଛି ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ସଂପାଦକ ମଣ୍ଡଳୀ ସଭ୍ୟ ସିତାଂଶୁ ସେନାପତି ସମ୍ମିଳନୀକୁ ଉଦ୍‌ଘାଟନ କରି ସମ୍ମିଳନୀର ସଫଳତା କାମନା କରିଥିଲେ । ଜିଲା ସଂପାଦକ ଶିଶିର କୁମାର ହୁଇ ଏଥିରେ ଯୋଗ ଦେଇ ଅନ୍ୟ ରାଜନୈତିକ ଦଳଗୁଡିକ ବ୍ୟକ୍ତି କୈନ୍ଦ୍ରୀକ ହୋଇଥିବା ବେଳେ ସିପିଆଇ(ଏମ୍) ଆଞ୍ଚଳିକ ସ୍ତରରୁ କେନ୍ଦ୍ର ପର୍ଯ୍ୟନ୍ତ ଗଣତାନ୍ତ୍ରୀକ ପଦ୍ଧତିରେ ନେତା ନିର୍ବାଚିତ କରିଥାଏ । ସରପଂଚ ଦିଲ୍ଲିପ ପରିଡା, ଆରତୀ ପଲେଇ, ଇନ୍ଦୁ ମାଧବ ମହାନ୍ତି, ମମି ପଣ୍ଡା ଯୋଗ ଦେଇ ବକ୍ତବ୍ୟ ରଖିଥିବା ବେଳେ ନିର୍ବାଚିତ ୨୪ଜଣ ପ୍ରତିନିଧି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଏଥିରେ ୪ବର୍ଷର ରାଜନୈତିକ ଓ ସାଂଗଠନିକ ଚିଠା ପ୍ରସ୍ତୁତ କରାଯାଇଥିଲା । କରୋନା ସଂକ୍ରମଣ କାଳରେ ବିଶେଷ ସହଯୋଗ ଲାଗି ଦିଲ୍ଲିପ ପରିଡା ଓ ଜୀବନ ପରିଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିରେ କାର୍ତ୍ତିକ ଚନ୍ଦ୍ର ଦାସ ଲାଲ ପତାକା ଉତ୍ତୋଳନ କରିଥିବା ବେଳେ ପ୍ରତିନିଧିମାନେ ସହିଦ୍ ବେଦୀରେ ମାଲ୍ୟାର୍ପଣ କରିଥିଲେ । ଜିତାଂଶୁ ନନ୍ଦୀ ଧନ୍ୟବାଦ ଅର୍ପଣ କରିଥିଲେ । ଆସନ୍ତା ୩ ବର୍ଷଲାଗି ଆଂଚଳିକ କମିଟିର ସଂପାଦକଭାବେ ଦିଲ୍ଲିପ ଗିରି ନିର୍ବାଚିତ ହୋଇଥିଲେ । ଆସନ୍ତା ଦିନରେ ଯୁବ ଛାତ୍ର, ମହିଳା, କୃଷକ ସଂଗଠନକୁ ସୁଦୃଢ କରିବାକୁ ସ୍ଥିର କରାଯାଇଛି । ଆସନ୍ତା ଅକ୍ଟୋବର ୪ ଓ ୫ତାରିଖରେ ଜିଲା ସମ୍ମିଳନୀ ନିଳଗିରିଠାରେ ହେବ ବୋଲି ଘୋଷଣା କରାଯାଇଥିଲା । ସମ୍ମିଳନୀପରେ ଏକ ବାଇକ୍ ର୍ୟାଲି ଅନୁଷ୍ଠିତ ହୋଇଥିଲା ।

## ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ପାଳିତ



ଜଳେଶ୍ୱର,୨୬/୦୯ (ନି.ପ୍ର): ରାଷ୍ଟ୍ରବାଦୀ, ସୁସାହିତ୍ୱିକ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ଭାରତୀୟ ଜନତାପାର୍ଟି ୯ ନମ୍ବର ଜୋନ୍ ସପ୍ତେଶ୍ୱର ମଣ୍ଡଳ ପକ୍ଷରୁ ଶନିବାର ସଂଧ୍ୟାରେ ପାଳିତ ହୋଇ ଯାଇଛି । ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନ ଆମ୍ବଲିଅଠା ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ତପନ ବିଶ୍ୱାଳ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥିଭାବେ ଭାରତୀୟ ଜନତାପାର୍ଟି ପୂର୍ବତନ ଜିଲା ଉପସଭାପତି ଅରୁଣ ବେଜ ଯୋଗ ଦେଇ ପଣ୍ଡିତ ଦୀନଦୟାଲଙ୍କ ଆଦର୍ଶ ମାନବବାଦ ସଂପର୍କରେ ଆଲୋକପାତ କରିଥିଲେ । ନଚ୍ଛିମପୁର ପଂଚାୟତ ପ୍ରମୁଖ ଅରୁଣ କୁମାର ଜେନା ମଂଚ ଆହ୍ୱାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମହମ୍ମଦନଗରପାଟଣା ପଂଚାୟତ ସରପଂଚ ଦମୟନ୍ତି ମହାନ୍ତି, ସୁଗୋ ପଂଚୟତ ସଦସ୍ୟ ସଂଜୟ ମହାନ୍ତି, ନେତୁଆ ପଂଚାୟତ ସଦସ୍ୟ ସୁରେଶ ଜେନା, ମଣ୍ଡଳ ପ୍ରଭାରୀ ନବୀନ ସାମଲ, ଜିଲା ଉପସଭାନେତ୍ରୀ ସାବିତ୍ରୀ ଜେନା, ଜିଲା କୃଷକମୋର୍ଚ୍ଚା ଉପସଭାପତି ନିତ୍ୟାନନ୍ଦ ଦାସ, ଯୁବମୋର୍ଚ୍ଚା ସଭାପତି ଦେବକୁମାର ଦତ୍ତ, ସାଧାରଣ ସଂପାଦକ ରବିନ୍ଦ୍ର ଜେନା, ଗୋବିନ୍ଦ ଦାସ, ଅଜୟ ଦାସ, ରଶ୍ମିରେଖା ଜେନା, ଅରବିନ୍ଦ ମଣ୍ଡଳ ସହିତ ବହୁ କର୍ମୀ ଯୋଗ ଦେଇଥିଲେ ।

## ଯୁବ ସାମ୍ବାଦିକ ଅରିନ୍ଦମ ଦାସଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ



ପାରାଦୀପ,୨୬/୦୯ (ନି.ପ୍ର): ଓଡିଶା ସାମ୍ବାଦିକ ସଂଘ(OJU), ପାରାଦୀପ ଶାଖା ଓ ପାରାଦୀପ ପ୍ରେସ ମିଡିଆ ପକ୍ଷରୁ ଆଜି ଓଡିଶା ସାମ୍ବାଦିକ ସଂଘ(OJU), ପାରାଦୀପ ଶାଖା କାର୍ଯ୍ୟଳୟ ପରିସରରେ ଆଜି ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଓଡିଶା ଗଣମାଧ୍ୟମ ଜଗତର ଉଦିୟମାନ, ଦକ୍ଷ ଓ ସାହାସୀ ଯୁବ ସାମ୍ବାଦିକ ଅରିନ୍ଦମ ଦାସଙ୍କ ଅକାଳ ବିୟୋଗରେ ଓଡିଶା ସାମ୍ବାଦିକ ସଂଘ(OJU), ପାରାଦୀପ ଶାଖା ସଭାପତି କର୍ମେଶ୍ୱର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଅରିନ୍ଦମଙ୍କ ଅମର ଆତ୍ମାର ସଦଗତି କାମନାକରି ଦୁଇ ମିନିଟର ନିରବ ପ୍ରାର୍ଥନା ସହ ଫଟୋଚିତ୍ରରେଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ସ୍ୱର୍ଗତଃ ଅରିନ୍ଦମ ଜଣେ ନିର୍ଭିକ ଓ ସାହାସି ସାମ୍ବାଦିକ ଭାବେ ପରିଚିତ ଥିଲେ । ଅରିନ୍ଦମ ତାଙ୍କର ସାମ୍ବାଦିକତା କ୍ୟାରିୟରରେ ଯେପରି ସାହାସିକତାର ପରିଚୟ ଦେଇଛନ୍ତି, ତାହା ନୂତନ ପିଢିର ଯୁବ ସାମ୍ବାଦିକ ମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇରହିବ । ଦୁଃସାହସିକ ପରିସ୍ଥିତିସ ମୟରେ ସେ ନିଜର ସ୍ୱତନ୍ତ୍ର ଶୈଳୀରେ ଖବର ସଂଗ୍ରହ କରି ଦେଖାଇ ସେ ଦ୍ରଶକଙ୍କ ଗ୍ରହଣରେ ନିଜ ପାଇଁ ଭିନ୍ନ ପରିଚୟ ସୃଷ୍ଟି କରିପାରିଥିଲେ । ତାଙ୍କ ନିଷ୍ଠାପର କର୍ତ୍ତବ୍ୟ ପରାୟଣତା ସମସ୍ତଙ୍କ ନିକଟରେ ସ୍ମରଣିୟ ହୋଇ ରହିବ ବୋଲି ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧୀ ମାନେ ନିଜର ମତବ୍ୟକ୍ତ କରିଥିଲେ ।

## ଅଟଳ ଯୁବଶକ୍ତି ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ବାଲେଶ୍ୱର,୨୬/୦୯ (ନି.ପ୍ର): ଅଟଳ ଯୁବଶକ୍ତି ସଂଗଠନ ତରଫରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ବ୍ରିଟ କଲ୍ୟାଣ ମଣ୍ଡପରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିବା ସହ ଲୋକଙ୍କ ଜୀବନ ରକ୍ଷା କ୍ଷେତ୍ରରେ ଅଟଳ ଯୁବଶକ୍ତିର ଏହି ଶିବିର ଆୟୋଜନ ଅନ୍ୟମାନଙ୍କ ପାଇଁ ଉଦାହରଣ ବୋଲି କହିଥିଲେ । ଆୟକର ବିଭାଗ ଉପ ଆୟୁକ୍ତ ଅଜୟ ସିଂହ, ସମାଜସେବୀ କ୍ରୀଷ୍ଣା ଦାସ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲାରେ ରକ୍ତର ଅଭାବ ପୂରଣରେ ସଂଗଠନର କାର୍ଯ୍ୟଧାରାକୁ ଭୂୟସୀ ପ୍ରଶଂସା କରିଥିଲେ । ସଂଗଠନର ମୁଖ୍ୟ ଉପଦେଷ୍ଟା ସତ୍ୟଜିତ ମିଶ୍ର, ଗୌରାଙ୍ଗ ଦାସ, ସୀତାକାନ୍ତ ସ୍ୱାଇଁ, ବିଜୟ ପାଣିଗ୍ରାହୀ, ଦୁକୁଲୁ ଚନ୍ଦ୍ର ଘଡ଼ାଇ, ପର୍ଶୁରାମ ବେହେରା, ସୁଜିତ ଦେବ, ସଭାପତି ବିକାଶ ପାତ୍ର, ଜୋନାଲ ସଭାପତି ଧୀରଜ ମହାନ୍ତି, ସଦର ସଭାପତି ଅରୂପ ଜେନା, ନଗର ସଭାପତି ବିବେକ ମହାନ୍ତି, ରେମୁଣା ସଭାପତି ଅରବିନ୍ଦ ପାତ୍ର, ମୁଖପାତ୍ର ଅନୀଲ ମହାନ୍ତି, ସଦର ସଂଖ୍ୟା ଲଘୁ ସଭାପତି ଶେଖ ମିରାଜ । ରେମୁଣା କାର୍ଯ୍ୟକାରୀ ସଭାପିତି ମନ୍ମୟ ଦାସ ପ୍ରମୁଖ ଏହି ଶିବିରେ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଅଭିଷେକ ପଣ୍ଡା, ବିଜନ ମହାରଣା, ବିଜୟ ସେଠୀ, ମଧୁଶ୍ରୀ ପଣ୍ଡା, ସସ୍ମିତା ଦାସ, ସବିତା ପାଣିଗ୍ରାହୀ, ସବିତା ସ୍ୱାଇଁ, ସ୍ୱର୍ଣପ୍ରିୟା ନାଥ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ମୁଖ୍ୟମନ୍ତ୍ରୀଙ୍କ ବାତ୍ୟା....

କୋଭିଡ ସଂଖ୍ୟା ବୃଦ୍ଧି ଘଟିଥିଲା, ତାକୁ ଦୃଷ୍ଟିରେ ରଖି ବାତ୍ୟା ଆଶ୍ରୟସ୍ଥଳ ମାନଙ୍କରେ କୋଭିଡ ନିୟମାବଳୀକୁ କଡାକଡି ଭାବରେ ପାଳନ କରାଯିବା ତଥା ମାସ୍କ ବ୍ୟବହାରକୁ ସୁନିଶ୍ଚିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏହାସହିତ ଆସ୍କା, ଗୁଡାରୀ, ଗୁଣପୁର, କଡିନଗର ଏବଂ ପୁରୁଷୋତ୍ତମପୁର ତଥା ଅନ୍ୟ ବନ୍ୟା ପ୍ରବଣ ଗାଁ ମାନଙ୍କରେ ଥିବା ବନ୍ଧବାଡ ଉପରେ ସତର୍କ ଦୃଷ୍ଟି ରଖିବା ପାଇଁ ପରାମର୍ଶ ଦେଇଥିଲେ । ବାତ୍ୟା ଆଶ୍ରୟସ୍ଥଳ ଗୁଡିକରେ ଭଲ ପିଇବା ପାଣି ସମେତ ସବୁପ୍ରକାର ମୌଳିକ ବ୍ୟବସ୍ଥା ଗ୍ରହଣ କରାଯିବା ସଂଗେ ସଂଗେ ଗର୍ଭବତୀ ମହିଳା, ବୟସ୍କ ଓ ଶିଶୁ ମାନଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାପାଇଁ ମଧ ପରାମର୍ଶ ଦେଇଥିଲେ । ବାତ୍ୟା ପରେ ପରେ ରାସ୍ତା ସଫା କରିବା, ବିଦ୍ୟୁତ ଓ ଜଳଯୋଗାଣ ବ୍ୟବସ୍ଥାର ପୁନରୁଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଆଗୁଆ ପଦକ୍ଷେପ ନେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ମାଇକ ଯୋଗେ ଲୋକଙ୍କୁ ସଚେତନ କରିବା ସହ ସ୍ଥାନାନ୍ତର ଆଶ୍ରୟସ୍ଥଳ ପରିଚାଳନା ତଥା ପୁନରୁଦ୍ଧାର କାର୍ଯ୍ୟରେ ପଂଚାୟତିରାଜ ଅନୁଷ୍ଠାନ,ମି ଶନ ଶକ୍ତି ଗୋଷ୍ଠୀ, ଏନଜିଓ. ଓ ସ୍ୱେଚ୍ଛାସେବୀମାନଙ୍କୁ ସାମିଲ କରିବା ପାଇଁ ପରାମର୍ଶ ଦେଇଥିଲେ । ବାତ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଆସନ୍ତା କାଲି ପ୍ରଭାବିତ ସମସ୍ତ ୧୧ ଗୋଟି ଜିଲ୍ଲାର ସବୁ ଶିକ୍ଷାନୁଷ୍ଠାନ ବନ୍ଦ ରଖିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ପରବର୍ତୀ ସମୟରେ ଜିଲ୍ଲାପାଳ ମାନେ ସ୍ଥାନୀୟ ପରିସ୍ଥିତିକୁ ବିଚାରକୁ ନେଇ ସ୍କୁଲ ଖୋଲିବା ସଂପର୍କରେ ନିଷ୍ପତି ଗ୍ରହଣ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ବାତ୍ୟାର ମୁକାବିଲା ପାଇଁ ରାଜ୍ୟ ସରକାର ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ ଯଥା ନିରାପଦ ସ୍ଥାନକୁ ସ୍ଥାନାନ୍ତର ଏବଂ କୋଭିଡ ନିୟମ ପାଳନ ଆଦି ବିଷୟରେ ପୂର୍ଣ୍ଣ ସହଯୋଗ କରବା ପାଇଁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଥିଲେ । ଉନ୍ନୟନ କମିଶନର ତଥା ସ୍ୱତନ୍ତ୍ର ରିଲିଫ କମିଶନର ଶ୍ରୀ ପ୍ରଦୀପ ଜେନା ପରିସ୍ଥିତି ସଂପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ । ପ୍ରଭାବିତ ଜିଲ୍ଲା ମାନଙ୍କରେ ୪୨ଟି ଓଡ୍ରାଫ, ୨୪ ଏନଡିଆରଏଫ , ୧୦୩ ଅଗ୍ନିଶମ ଦଳ ମୁତୟନ କରାଯାଇଛି ବୋଲି ସୂଚନା ଦେଇଥିଲେ । ବାତ୍ୟା ଆଶ୍ରୟସ୍ଥଳ ମାନଙ୍କରେ ମାସ୍କ ଓ ସାନିଟାଇଜର ବ୍ୟବସ୍ଥା ସହିତ ସାମାଜିକ ଦୂରତା ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ସୂଚନା ଦେଇଥିଲେ । ଏହି ବାତ୍ୟା ଦ୍ୱାରା ଗଞ୍ଜାମ, ଗଜପତି, ରାୟଗଡା ଓ କୋରାପୁଟ ଜିଲ୍ଲା ସର୍ବାଧିକ ପ୍ରଭାବିତ ହେବାର ସମ୍ଭାବନା ଥିବାବେଳେ ଏହି ଜିଲ୍ଲାଗୁଡିକ ସହିତ କନ୍ଧମାଳ, ମାଲକାନଗିରି, ନବରଂଗପୁର ଓ କଳାହାଣ୍ଡିର କିଛି ଅଂଚଳରେ ପ୍ରବଳକୁ ପ୍ରବଳତର ବର୍ଷା ଏବଂ ଖୋର୍ଦ୍ଧା, ପୁରୀ ଓ ନୟାଗଡ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି ବୋଲି ସୂଚନା ଦେଇଥିଲେ । ଏହା ସହିତ କେତେକ ସ୍ଥାନରେ ଭୂସ୍ଖଳନ ହେବାର ସଂଭାବନା ରହିଛି ବୋଲି ସେ ସତର୍କ କରାଇ ଦେଇଥିଲେ । ଆଜି ଅପରାହ୍ନ ୪ଟି ସୁଦ୍ଧା ସ୍ଥାନାନ୍ତର କାର୍ଯ୍ୟ ଶେଷ କରାଯିବ ବୋଲି ସେ ମୁଖ୍ୟମନ୍ତ୍ରୀ ଅବଗତ କରାଇଥିଲେ । ଗଞ୍ଜାମ, ଗଜପତି, ରାୟଗଡା ଓ କୋରାପୁଟର ଜିଲ୍ଲାପାଳ ମାନେ ଜିଲ୍ଲାର ପରିସ୍ଥିତି ଏବଂ ବାତ୍ୟାର ମୁକାବିଲା ପାଇଁ ନିଆଯାଇଥିବା ଆଗୁଆ ପଦକ୍ଷେପ ଓ ସେମାନଙ୍କର ଆବଶ୍ୟକତା ସଂପର୍କରେ ବୈଠକରେ ଜଣାଇଥିଲେ ।

## ବିଶ୍ୱ ନଦୀ ଦିବସରେ 'ମନ୍‌କୀ ବାତ୍'....

ବିନିଯୋଗ ହେବ । ତାମିଲନାଡୁରେ ନାଗା ନଦୀ ଶୁଖି ଯାଇଥିଲା । କିନ୍ତୁ ଗାଁଗଣ୍ଡାର ମହିଳାମାନଙ୍କ ଉଦ୍‌ଯୋଗ ଏବଂ ସର୍ବସାଧାରଣଙ୍କ ସକ୍ରିୟ ଅଂଶଗ୍ରହଣ ହେତୁ ସେ ନଦୀ ଜୀବନ୍ୟାସ ପାଇଛି । ଆଜି ସେ ନଦୀରେ ପ୍ରବାହିତ ହେଉଛି ପ୍ରଚୁର ଜଳ । ବିହାର ଏବଂ ପୂର୍ବ ପ୍ରାନ୍ତର ଅନ୍ୟ ଅଞ୍ଚଳରେ ମହାନ୍ ଉତ୍ସବ 'ଛଟ୍' ପାଳନ କରାଯାଏ । ମୋର ଆଶା, 'ଛଟ୍' ପୂଜା କଥା ମନେରଖି ନଈକୂଳ ସଫେଇ, ବନ୍ଧ ଓ ଘାଟ ମରାମତି ଆରମ୍ଭ ହେବା ଆବଶ୍ୟକ । ଆରମ୍ଭ ହୋଇଥିବା 'ଲୋକାଲ୍ ଫର୍ ଭୋକାଲ୍' ଉପକ୍ରମରେ ଆଞ୍ଚଳିକ କାରିଗରମାନଙ୍କୁ ସହାୟତା କରିବା ଲାଗି ଖଦି ସାମଗ୍ରୀ କ୍ରୟ କରିବା ଲାଗି ମଧ ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି । ସେ କହିଛନ୍ତି, ଚାଲନ୍ତୁ, ଖଦୀ ସାମଗ୍ରୀ ଖରିଦ କରି ମହା ଉତ୍ସାହରେ ବାପୁଙ୍କ ଜୟନ୍ତୀ ପାଳିବା । ଏହାଛଡ଼ା, ଅଗଷ୍ଟ ମାସରେ 'ୟୁପିଆଇ' ଜରିଆରେ ୩୫୦ କୋଟି ଟଙ୍କାର କାରବାର ହୋଇଥିବା କଥା ମଧ ପ୍ରଧାନମନ୍ତ୍ରୀ କହିଛନ୍ତି । ସେହିଭଳି ନିକଟ ଅତୀତରେ 'ସିଆଚେନ୍ ଗେଲସର' ଆରୋହଣ କରି ବିଶ୍ୱ ରେକର୍ଡ ସୃଷ୍ଟି କରିଥିବା ଆଠଜଣ ଭିନ୍ନକ୍ଷମଙ୍କୁ ମଧ ସେ ଅଭିନନ୍ଦନ ଜଣାଇଛନ୍ତି ।

## ଖୁସି ଖବର ଆଣିଲା....

ଦେବଗଡ଼ରୁ ୩ଜଣ, ଢେଙ୍କାନାଳରୁ ୫ଜଣ, ଗଞ୍ଜାମରୁ ୬ଜଣ, ଜଗତସିଂହପୁରରୁ ୨୬ଜଣ, ଯାଜପୁରରୁ ୩୬ଜଣ, ଝାରସୁଗୁଡ଼ାରୁ ୭ଜଣ, କଳାହାଣ୍ଡିରୁ ଜଣେ, କନ୍ଧମାଳରୁ ୨ଜଣ, କେନ୍ଦ୍ରାପଡ଼ାରୁ ୧୨ଜଣ, କେନ୍ଦୁଝରରୁ ୭ଜଣ ଚିହ୍ନଟ ହୋଇଛନ୍ତି । ସେହିପରି ଖୋର୍ଦ୍ଧାରୁ ୨୦୬ଜଣ, କୋରାପୁଟରୁ ୪ଜଣ, ମାଲକାନଗିରିରୁ ୩ଜଣ, ମୟୁରଭଞ୍ଜରୁ ୨୫ଜଣ, ନୟାଗଡ଼ରୁ ୪ଜଣ, ନୂଆପଡ଼ାରୁ ଜଣେ, ପୁରୀରୁ ୨୨ଜଣ, ରାୟଗଡ଼ରୁ ୨ଜଣ, ସମ୍ବଲପୁରରୁ ୧୯ଜଣ, ସୋନପୁରରୁ ଜଣେ, ସୁନ୍ଦରଗଡ଼ରୁ ୧୩ଜଣ ଓ ଷ୍ଟେଟପୁଲରୁ ୪୭ଜଣ ଚିହ୍ନଟ ହୋଇଛନ୍ତି ।

## ପଞ୍ଚଭୂତରେ ଲୀନ ହେଲେ....

ଅଭିଯୋଗ କରି ପରିବାର ଲୋକେ ଶବକୁ ଗ୍ରହଣ କରି ନଥିଲେ । ସୀତାରାମଙ୍କ ମୃତଦେହରେ ଜାତୀୟ ପତାକା ରଖାଯାଇ ନଥିବା ତଥା ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଠିକ୍ ସମୟରେ ନପହଞ୍ଚି ତାଙ୍କୁ ଅସମ୍ମାନିତ କରିଥିବା ଭଳି ଅଭିଯୋଗ କରିଥିଲେ ତାଙ୍କ ପରିବାର ଲୋକେ । ଏହା ସହିତ ତାଙ୍କୁ ସହିଦ ମାନ୍ୟତା ଦେବା ସହିତ ତାଙ୍କ ସ୍ତ୍ରୀ ଓ ପିଲାଛୁଆଙ୍କ ଭରଣପୋଷଣ ପାଇଁ ଉଚିତ୍ କ୍ଷତିପୂରଣ ଓ ଅନ୍ୟାନ୍ୟ ସୁବିଧା ଦେବାକୁ ଦାବି କରି ମୃତଦେହକୁ ଗ୍ରହଣ କରି ନଥିଲେ । ତେବେ ମୟୂରଭଞ୍ଜସ ଏସ୍‌ପି ହୃର୍ଷିକେଶ ଖୁଲାରୀ, କରଞ୍ଜିଆ ଉପଖଣ୍ଡ ପୁଲିସ୍ ଅଧିକାରୀଙ୍କ ସେମତ ଠାକୁରମୁଣ୍ଡା ବିଡିଓ ଓ ତହସିଲଦାର ପ୍ରମୁଖ ଉପସ୍ଥିତ ରହି ସୀତାରାମଙ୍କ ପରିବାର ଲୋକଙ୍କୁ ବୁଝାଇ ଥିଲେ । ସୀତାରାମଙ୍କ ପରିବାର ଲୋକଙ୍କୁ ସମସ୍ତ ପ୍ରକାର ସରକାରୀ ସାହାଯ୍ୟ ଯୋଗାଇ ଦିଆଯିବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେବା ପରେ ସେମାନେ ମୃତଦେହକୁ ଗ୍ରହଣ କରିଥିଲେ ।

## ବାତ୍ୟା ପାଇଁ ରାଜ୍ୟରେ....

ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ଆଶଙ୍କା ଥିବାରୁ 'ଅରେଞ୍ଜ୍ ୱାର୍ଣ୍ଣିଙ୍ଗ୍' ଜାରି କରାଯାଇଥିବା ନେଇ ସୂଚନା ଦିଆଯାଇଛି । ସେହିପରି ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁର, କଟକ, ବେ?ଢ, ସୋନପୁର, ବଲାଙ୍ଗୀର ଏବଂ ନୂଆପଡ଼ା ଜିଲ୍ଲାର ଗୋଟିଏ କିଂବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥବାରୁ 'ୟେଲୋ ୱାର୍ଣ୍ଣିଙ୍ଗ୍' ଜାରି କରାଯାଇଥିବା ନେଇ କୁହା ଯାଇଛି ।

## ଗାଧୋଇବାକୁ ଯାଇ ପାଣିରେ ବୁଡି ମହିଳା ମୃତ

ବାରିପଦା / ରାଇରଙ୍ଗପୁର,୨୬/୦୯ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲା ତିରିଂ'ଥାନା ଅନ୍ତର୍ଗତ ରଘୁନାଥପୁର ଗ୍ରାମରେ ଘଟି ଯାଇଛି ଏକ ଦୁଃଖଦ ଘଟଣା । ଗୋଧୋଇବାକୁ ଯାଇଥିବା ମହିଳା ପାଣିରେ ବୁଡି ମୃତ୍ୟୁ ବରଣ କରିଥିବା ଜଣା ଯାଇଛି । ସୂଚନା ମୁତାବକ ଆଜି ପୂର୍ବାହ୍ନ ପ୍ରାୟ ୧୧ ଘଟିକା ସମୟରେ ନିକଟସ୍ଥ ଟିଳିକୁଚା ନାଳକୁ ଗାଧୋଇବାକୁ ଯାଇଥିବା ବେଳେ ଜିରା ଲୋହାର (୩୫) ପାଣିରେ ବୁଡି ମୃତ୍ୟୁ ବରଣ କରିଥିବା ଜଣାପଡିଛି । ଖବର ପାଇ ତିରିଂ'ଥାନା ପୋଲିସ ଓ ମାଜିଷ୍ଟ୍ରେଟ ଭାବେ ତିରିଂ' ତହସିଲଦାର , ସ୍ଥାନୀୟ ସରପଞ୍ଚ'ଙ୍କ ଉପସ୍ଥିତିରେ ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ଡାକ୍ତରଖାନାକୁ ପଠାଇଥିଲେ । ଏନେଇ ତିରିଂ'ଥାନା ରେ କେଶ ନଂ ୧୫/୨୧ ରେ ଏକ ଅପମୃତ୍ୟୁ ମାମାଲା ରୁଜୁ କରାଯାଇଛି । ସୂଚନା ଅନୁଯାୟୀ ମୃତ ମହିଳା'ଙ୍କ ଅପସ୍ମାର (ମିର୍ଗୀ) ବେମାର ଥିବା ଗାଁ ଲୋକେ ପ୍ରକାଶ କରିଥିଲା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣା ପଡିବ ବୋଲି ତିରିଂ'ଥାନା ପୋଲିସ ସୂତ୍ର ରୁ ପ୍ରକାଶ ।

## ଶାରୀରିକ ଓ ମାନସିକ ସୁସ୍ଥତା ଜୀବନକୁ ସମୃଦ୍ଧ କରିଥାଏ

### ଆଜାଦ୍ କୀ ଅମୃତ ମହୋତ୍ସବ




ଭୁବନେଶ୍ୱର,୨୬/୦୯ (ନି.ପ୍ର): ଶାରୀରିକ ଓ ମାନସିକ ସୁସ୍ଥତା ପ୍ରତିଟି ମଣିଷର ଜୀବନକୁ ସମୃଦ୍ଧ କରିଥାଏ । ଏଣୁ ଆମ ଦେଶର ପ୍ରତିଟି ନାଗରିକ ପ୍ରତ୍ୟେହ ଯୋଗ, ବ୍ୟାୟାମ ଓ ଶାରୀରିକ କାର୍ଯ୍ୟର ଅଭ୍ୟାସ ଅନ୍ତତଃ ୧ ଘଣ୍ଟା କରିବା ଉଚିତ୍ । ଶରୀର ଫିଟ୍ ରହିଲେ ଆମ ଦେଶ ବି ହୋଇପାରିବ ଫିଟ୍ । ଏଭଳି ସୁସ୍ଥତାର ମନ୍ତ୍ର ଆଜାଦ୍ କୀ ଅମୃତ ମହୋତ୍ସବ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ଛାତ୍ର, ଛାତ୍ରୀଙ୍କୁ ବାଣ୍ଟିଛନ୍ତି । ସୂଚନାଯୋଗ୍ୟ, ଦେଶ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ଦେଶ ପାଳୁଛି ଆଜାଦୀ କୀ ଅମୃତ ମହୋତ୍ସବ । ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ୟୁନିଟ୍-୧ସ୍ଥିତ କମଳା ନେହେରୁ ମହିଳା ମହାବିଦ୍ୟାଳୟର ପରିସରରେ ଏନ୍‌ଏସ୍‌ଏସ୍, ଏନ୍‌ସିସି ଛାତ୍ର, ଛାତ୍ରୀମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭାରତ ସରକାରଙ୍କ ଯୁବବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ନେହେରୁ ଯୁବକେନ୍ଦ୍ର (ଖୋର୍ଦ୍ଧା) ଏବଂ ଜାତୀୟ ସେବା ସଂସ୍ଥା (ଏନ୍‌ଏସ୍‌ଏସ୍) ଖୋର୍ଦ୍ଧାର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏଥିରେ ମହାବିଦ୍ୟାଳୟର ଶିକ୍ଷା ବିଭାଗର ମୁଖ୍ୟ ଡ. ବିନୀତା ମହାନ୍ତି, ସମ୍ମାନିତ ଅତିଥି ରୂପେ ନେହେରୁ ଯୁବକେନ୍ଦ୍ରର ଆଞ୍ଚଳିକ ନିର୍ଦ୍ଦେଶକ ନବୀନ କୁମାର ନାୟକ, ଜାତୀୟ ସେବା ସଂସ୍ଥାର ଆଞ୍ଚଳିକ ନିର୍ଦ୍ଦେଶିକା କୁମାରୀ ସରିତା ପଟେଲ, ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଅଧିକାରୀ ସୁଶାନ୍ତ କୁମାର ପଟ୍ଟନାୟକ, ନେହେରୁ ଯୁବକେନ୍ଦ୍ରର ଜିଲ୍ଲା ଯୁବ ଅଧିକାରୀ ବିପିନ୍ କୁମାର ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ନେହେରୁ ଯୁବକେନ୍ଦ୍ରର କୁଳମଣି ମଲ୍ଲିକ ଏବଂ ଶୁଭେନ୍ଦ୍ର ନାଥ ସାହୁ ପରିଚାଳନାରେ ସହଯୋଗ କରିଥିଲେ ।

## ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟର ୪୧ତମ ପ୍ରତିଷ୍ଠା ଦିବସ ପାଳିତ




ବାରିପଦା /ରାଇରଙ୍ଗପୁର,୨୬/୦୯ (ନି.ପ୍ର): ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟ ର ୪୧ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ୧୯୮୧ ମସିହା ରେ ପ୍ରତିଷ୍ଠିତ ଏହି ମହିଳା ମହାବିଦ୍ୟାଳୟ ର ୪୦ ବର୍ଷ ପୂରଣ ଅବସରରେ ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ କୋରୋନା ନିୟମ ପାଳନ ସହିତ ଏହି ଦିବସକୁ ପାଳନ କରିଥିଲେ । ଅଧକ୍ଷ ଡା. ପ୍ରଦୀପ କୁମାର ମିଶ୍ର ଙ୍କ ମାର୍ଗଦର୍ଶନ ଓ ଆବାହକ ବିଜୟ କୁମାର ରାମ ଙ୍କ ପରିଚାଳନା ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଝାଡଖଣ୍ଡ ର ପୂର୍ବତନ ରାଜ୍ୟପାଳ ଦ୍ରୌପଦୀ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ମୋପରି ନୁହେଁ, ନିଜ ପରି ହୁଅ ବୋଲି କହି ଉତ୍ସାହିତ କରିଥିଲେ । ସମ୍ମାନିତ ଅତିଥି ଭାବେ କଲେଜର ପ୍ରତିଷ୍ଠାତା ସ୍ୱର୍ଗତ ପରିମଳ ପଟନାୟକଙ୍କ ପତ୍ନୀ ରାମେଶ୍ୱରୀ ପଟନାୟକ ଯୋଗଦେଇ କଲେଜ ପ୍ରତି ପରିମଳ ପଟନାୟକଙ୍କ ମହିଳା ମହାବିଦ୍ୟାଳୟ ପ୍ରତି ସମର୍ପଣ ଓ ନିଜର ଭୂମିକା ବିଷୟରେ ଭାବପ୍ରବଣ ବକ୍ତବ୍ୟ ରଖି ଥିଲେ । ଅଧାପିକା ତିଲୋତମା ଷଡଙ୍ଗୀଙ୍କ ଆୟୋଜନରେ ଅତିଥି ମାନେ ଜଗନ୍ନାଥଙ୍କ ଫୋଟୋ ଚିତ୍ର ରେ ଧୂପ ଦୀପ ପ୍ରଜ୍ୱଳନ ପରେ ସ୍ୱର୍ଗତ ପରିମଳ ପଟନାଏକଙ୍କ ମୂର୍ତ୍ତିରେ ପୁଷ୍ପାଞ୍ଜଳୀ ପ୍ରଦାନ କରିଥିଲେ । ଅଧକ୍ଷ ଡା. ପ୍ରଦୀପ କୁମାର ମିଶ୍ର ସଭାପତି ଭାବେ ଯୋଗଦେଇ ସ୍ୱାଗତ ସମ୍ଭାଷଣ ଉପସ୍ଥାପନ କରିଥିଲେ । ଆଲୁମ୍ନି ଏସୋସିଏସନ ର ସଭାପତି ତନୁଜା ମହାନ୍ତ ଛାତ୍ରୀମାନଙ୍କ ସୁରକ୍ଷା ଓ ପାଠ ପଢା ବିଷୟରେ ଚର୍ଚ୍ଚା କରିଥିଲେ । ବରିଷ୍ଠ ସାମ୍ବାଦିକ ଶ୍ରୀ ନିଗମାନନ୍ଦ ପଟନାଏକ ମହିଳା ମହାବିଦ୍ୟାଳୟ ର ଭବିଷ୍ୟତରେ ଛାତ୍ରୀମାନଙ୍କ ଭୂମିକା ବିଷୟରେ ଚର୍ଚ୍ଚା କରିଥିଲେ ।

ଧ୍ୱନି ପ୍ରତିଧ୍ୱନି



# ରାଣୀପାଟଣା ଯୁବକ ସଂଘ ପକ୍ଷରୁ ରକ୍ତଦାନ ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ବାଲେଶ୍ୱର,୨୬/୦୯ (ନି.ପ୍ର): ରାଣୀପାଟଣା ଯୁବକ ସଂଘର ଦିବଂଗତ ସଦସ୍ୟ ସ୍ୱର୍ଗତଃ କିଶୋର କୁମାର ନାୟକ (ସାନୁ)ଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଅବସରରେ ସଂଗଠନ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ରୋଟାରୀ କ୍ଲବ ସହଯୋଗରେ ସ୍ଥାନୀୟ ଆମନ୍ତ୍ରଣ ମଣ୍ଡପ ପରିସରରେ ଆୟୋଜିତ ଏହି ଶିବିରକୁ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ର ଉଦଘାଟନ କରିବା ସହିତ ସମାଜସେବା ମୂଳକ କାର୍ଯ୍ୟରେ ରାଣୀପାଟଣା ଯୁବକ ସଂଘର କର୍ମକର୍ତ୍ତାଙ୍କ ଉଦ୍ୟମ ବେଶ ପ୍ରଶଂସନୀୟ ବୋଲି କହିଥିଲେ। ଏହିଭଳି କାର୍ଯ୍ୟକ୍ରମ ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବ ବୋଲି ସେ ମତ ପ୍ରକାଶ କରିଥିଲେ। ସଂଘର ସଭାପତି ଡାକ୍ତର ଅମିତାଭ ଗିରିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେସମ୍ପାଦକ ପ୍ରଭାତ ମହାନ୍ତି, କାର୍ଯ୍ୟକାରୀ ସଭାପତି ଜୟପ୍ରକାଶ ଦାଶ, ଉପ-ସଭାପତି ଦେବାଶିଷ ଚାଟାର୍ଜୀ, ଆଶିଷ କୁମାର ଘୋଷ, ବିଶ୍ୱଜିତ ମହାପାତ୍ର, ପର୍ଶୁରାମ ମହାନ୍ତି, ଶ୍ରୀହରି ଶୁକ୍ଲା, ସୁଭାଶିଷ ଚାଟାର୍ଜୀ ପ୍ରମୁଖ ଉପସ୍ଥିତ ରହି ସଂଘର କାର୍ଯ୍ୟଧାରା ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରତ୍ୟେକ ବର୍ଷ ଏହିଭଳି ଶିବିର ଆୟୋଜନ ହେଉଥିବା ବେଳେ ଚଳିତ ବର୍ଷ ସଂଘର ବରିଷ୍ଠ ସଦସ୍ୟ ସ୍ୱର୍ଗତଃ ନାୟକଙ୍କ ସ୍ମୃତିରେଏହାକୁ ବ୍ୟାପକ କରାଯାଇଛି ବୋଲି ସେମାନେ କହିଥିଲେ। କେବଳ ରକ୍ତଦାନ ବା ସ୍ୱାସ୍ଥ୍ୟ ଶିବିର ନୁହେଁ ବରଂ ଅନ୍ୟାନ୍ୟ ସମାଜସେବା ମୂଳକ କାର୍ଯ୍ୟରେ ରାଣୀପାଟଣା ଯୁବକ ସଂଘ ତା'ର ଅଭିଯାନ ଜାରି ରଖିଛି ବୋଲି ସେମାନେ କହିଥିଲେ। ଏହି ଶିବିରରେ ରାଣୀପାଟଣା ତଥା ଆଖପାଖ ଅଞ୍ଚଳର ବହୁ ବ୍ୟକ୍ତି ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । ବିଶେଷ କରି ଚକ୍ଷୁ, ମଧୁମେହ ଓ ଦନ୍ତ ପରୀକ୍ଷା ସହ ବିଶେଷଜ୍ଞମାନେ ରୋଗୀଙ୍କୁ ଉପାଦେୟ ପରାମର୍ଶ ଓ ଔଷଧ ଦେଇଥିଲେ । ସେହିଭଳି ଜିଲା ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ବସନ୍ତ କୁମାର ଉପାଧ୍ୟାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିର ଶେଷ ସୁଦ୍ଧା ଶହେରୁ ଅଧିକ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।

## ଖୁଣ୍ଟା ଓ କହ୍ନେଇଁବନ୍ଧ ମଣ୍ଡଳ ବିଜେପି ପକ୍ଷରୁ ଦିନ ଦୟାଲ ଉପାଧ୍ୟାଙ୍କ ଜୟନ୍ତି ପାଳିତ

ଉଦଳା,୨୬/୦୯ (ନି.ପ୍ର): ଖୁଣ୍ଟା ଓ କହ୍ନେଇବନ୍ଧ ମଣ୍ଡଳ ବିଜେପି ପକ୍ଷରୁ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତି ମହାସମାରୋହରେ ପାଳିତ ହୋଇ ଯାଇଛି । ମହାନ ଜନନେତା, ବିଜ୍ଞ ରାଷ୍ଟ୍ର ପୁରୁଷ, ଏକାତ୍ମ ମାନବବାଦ ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟଙ୍କ ଜନ୍ମ ୨୫ ସେପ୍ଟେମ୍ବର ୧୯୧୬ ମସିହାରେ ହୋଇଥିଲା । ପିଲାଟି ଦିନରୁ ତୁଳସୀ ଦୁଇ ପତ୍ରରୁ ବାସିବା ପରି ତାଙ୍କର ରାଷ୍ଟ୍ରପତି ମମତା ସ୍ପଷ୍ଟ ବାରି ହୋଇ ପଡ଼ିଥିଲା । ପରେ ସେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘରେ ଯୋଗ ଦେଇ ରାଷ୍ଟ୍ରଧର୍ମ ତଥା ହିନ୍ଦୁ ଧର୍ମର ସୁରକ୍ଷା କରିବା ସହିତ ଲୋକ ମାନଙ୍କର ସମସ୍ତ ସୁବିଧା ଅସୁବିଧାରେ ସାହାଯ୍ୟ ସହଯୋଗ କରିଥିଲେ । ସେହିଭଳି ପୂଣ୍ୟ ଆତ୍ମା, ମହାନ ଜନନାୟକ, ରାଷ୍ଟ୍ର ପୁରୁଷଙ୍କ ଜନ୍ମ ଜୟନ୍ତି ଖୁଣ୍ଟା ମଣ୍ଡଳ ବିଜେପି ଶାଖା ପକ୍ଷରୁ ବାସିପିଠା ଠାରେ ଏବଂ କହ୍ନେଇବନ୍ଧ ମର୍ଡଳ ବିଜେପି ପକ୍ଷରୁ କହ୍ନେଇବନ୍ଧ ବଡ଼ାମ ମଣ୍ଡପ ଠାରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଜଟାଧାରି କର(ଖୁଣ୍ଟା ମଣ୍ଡଳ ବିଜେପି ସଭାପତି), ପଦ୍ମଲୋଚନ ନାୟକ(କହ୍ନେଇବନ୍ଧ ମଣ୍ଡଳ ବିଜେପି ସଭାପତି), ସୁଜାତା ମୁର୍ମୁ(ଜିଲ୍ଲା ପରିଷଦ ଅଧ୍ୟକ୍ଷା ତଥା କହ୍ନେଇବନ୍ଧ ମର୍ଡଳ ବିଜେପିର ପ୍ରଭାରୀ), ରଂଜନ କୁମାର ମଡୁଆଲ(ଖୁଣ୍ଟା ମଣ୍ଡଳ ବିଜେପି ପ୍ରଭାରୀ), ଶ୍ରୀଧର ବେହେରା (ଏସ୍.ସି ମୋର୍ଚ୍ଚ ଜିଲ୍ଲା ଉପସଭାପତି), ନବୀନ କୁମାର ମହାନ୍ତ, ମାନଓ ରଂଜନ ନାୟକ, ପ୍ରତାପ ବେହେରା, କଲ୍ୟାଣି କାଟିଆଳ, ଉର୍ବଶୀ ମହାନ୍ତ, ବସନ୍ତ କୁମାର ଆଚାର୍ଯ୍ୟ, ସ୍ୱରୂପ ଚନ୍ଦ୍ର ମହାପାତ୍ର, କର୍ଣ୍ଣ କୁମାର ସିଂ, ସରୋଜ କୁମାର ପୁଥାଳ, ସୁଦର୍ଶନ ପୁଥାଳ, ସ୍ୱରୂପ ନାୟକଙ୍କ ସମେତ ଶତାଧିକ ବିଜେପି କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

## ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଲୋକକଳା ଟ୍ରଫି ପ୍ରତିଯୋଗିତା

ବାଲେଶ୍ୱର,୨୬/୦୯ (ନି.ପ୍ର): ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଲୋକକଳା ଟ୍ରଫି-୨୦୨୧ ପ୍ରତିଯୋଗିତା ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଏହାକୁ ଉଦଘାଟନ ସହ ଏଥିରେ ଅଂଶଗ୍ରହଣ କରିଥିବା ଦଳଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର, ଜିଲ୍ଲା କଳାସଂସ୍କୃତି ସଂଘ ଉପ-ସଭାପତି ଚକ୍ରଧର ମହାପାତ୍ର, ଜିଲା ସଂସ୍କୃତି ଅଧିକାରୀଅନନ୍ତ ପ୍ରସାଦ ସେଠୀ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ ସାହୁଙ୍କ ସମେତ ଅନ୍ୟାନ୍ୟ ବିଭାଗର ଅଧିକାରୀ ଏବଂ ମାନ୍ୟଗଣ୍ୟ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା କଳାକାରବୃନ୍ଦ ଏହି ପ୍ରତିଯୋଗିତାରେ ସାମିଲ ହୋଇ ସେମାନଙ୍କର କଳା ନୈପୁଣ୍ୟତା ପ୍ରଦର୍ଶନ କରିଥିଲେ । ପ୍ରତିଯୋଗିତାରେ ବାଲେଶ୍ୱର ପୌରାଞ୍ଚଳର ଗୁରୁ ହରେକୃଷ୍ଣ ବେହେରା କଳାସଂସ୍କୃତି ସଂଘ, ବାଲିଆପାଳ ବ୍ଲକର ଶ୍ରୀ ଗୋପାଳ ଜୀଉ ସଂକୀର୍ତ୍ତନ ମଣ୍ଡଳୀ, ବାଲେଶ୍ୱର ସଦର ବ୍ଲକର ମା ବାସନ୍ତୀ ଚଢ଼େଇଆ ନାଟ, ଖଇରା ବ୍ଲକର ଶ୍ରୀକ୍ଷେତ୍ର ବାସିନୀ ମା ମହାଲକ୍ଷ୍ମୀ ମହିଳା ସଂକୀର୍ତ୍ତନ ମଣ୍ଡଳୀ, ଜଳେଶ୍ୱର ବ୍ଲକର ଏକାନ୍ନବର୍ତ୍ତୀ ପାଲା ପରିଷଦ, ରେମୁଣା ବ୍ଲକର ମା ଭଗବତୀ ଚଢ଼େଇଆ ନାଟ, ଭୋଗରାଇ ବ୍ଲକର ଶ୍ରୀ ଜଗନ୍ନାଥ ସଂକୀର୍ତ୍ତନ ସଂଘ, ବସ୍ତା ବ୍ଲକର ଗୌର ନିତାଇ ସଂକୀର୍ତ୍ତନ ମଣ୍ଡଳୀ, ଔପଦା ବ୍ଲକର ପୁରୁଷୋତ୍ତମ ସଂକୀର୍ତ୍ତନ ମଣ୍ଡଳୀ, ସିମୁଳିଆ ବ୍ଲକରୁ ଦଶଭୂଜା ଆରାଧନା ଗ୍ରୁପ, ସୋର ବ୍ଲକରୁ ସର୍ବମଙ୍ଗଳା ଘୋଡ଼ାନାଚ ପରିଷଦ, ବାହାନଗା ବ୍ଲକରୁ ମା ସିନ୍ଦୁରଗୁଣ୍ଡୀ ଢଣକୋଇଲା ଗୋଷ୍ଠୀ, ବସ୍ତା ବ୍ଲକରୁ ବେଲାଶୁଣୀ ସଂକୀର୍ତ୍ତନ ମଣ୍ଡଳୀ ଏବଂ 'ମା ବାସନ୍ତୀ ମ୍ୟାଜିକ ସୋ' ଦଳର କଳାକାରମାନେ ବିଭିନ୍ନ ଲୋକକଳା ଉପରେ ଆଧାରିତ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ବିଚାରକ ଭାବେ ହେମେନ୍ଦ୍ର ମହାପାତ୍ର, ମହେନ୍ଦ୍ରନାଥ ମହାପାତ୍ର ଓ ଚକ୍ରଧର ମହାପାତ୍ର ଦାୟିତ୍ୱ ତୁଲାଇଥିଲେ । ପ୍ରତିଯୋଗିତା ଶେଷରେ ତିନୋଟି ସର୍ବଶ୍ରେଷ୍ଠ ଲୋକକଳା ଦଳ ଭାବେ ରେମୁଣା ବ୍ଲକର ମା ଭଗବତୀ ଚଢ଼େଇଆ ନାଟ, ସୋର ବ୍ଲକର ସର୍ବମଙ୍ଗଳା ଘୋଡ଼ାନାଚ ପରିଷଦ ଏବଂ ବାଲିଆପାଳ ବ୍ଲକର ଶ୍ରୀ ଗୋପାଳ ସଂକୀର୍ତ୍ତନ ମଣ୍ଡଳୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବିବେଚିତ ହୋଇଥିଲେ। ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର ଉକ୍ତ ଦଳମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ମନୋନୀତ ଦଳ ରେମୁଣାର ମା ଭଗବତୀ ଚଢେଇଆ ନାଟ ରାଜ୍ୟସ୍ତରୀୟ ଲୋକକଳା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ସୁଯୋଗ ପାଇବେ । ଶେଷରେ ଜିଲା ସଂସ୍କୃତି ଅଧିକାରୀ ଶ୍ରୀ ସେଠୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବୋହୂର କାଠ ଫାଳିଆ ଆକ୍ରମଣରେ ଶାଶୁ ଗୁରୁତର

ଧର୍ମଶାଳା,୨୬/୦୯ (ନି.ପ୍ର): ଯାଜପୁର ଜିଲା ଅଘଟଣ । ବୋହୂର କାଠ ଫାଳିଆ ଆକ୍ରମଣରେ ଶାଶୁ ଗୁରୁତର ଆହତ ହୋଇଥିବା ଜଣାପଡିଛି। । ଏଭଳି ଘଟଣା ଘଟିଛି ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ଅଭୟପୁର ଗ୍ରାମରେ । ଗୁରୁତର ବୃଦ୍ଧା ଜଣକ ହେଲେ ସଜନୀ ପ୍ରଧାନ(୫୬) ବୋଲି ଜଣାପଡିଛି। ସେ କଟକ ବଡ ମେଡିକାଲରେ ଚିକିତ୍ସିତ ହେଉଥିବା ଜଣାପଡିଛି । ସୂଚନା ମୁତାବକ ଆଜି ଅପରାହ୍ନରେ ଅଭୟପୁର ଗ୍ରାମର ଅନନ୍ତ ପ୍ରଧାନଙ୍କ ବୋହୂ ଶର୍ମିଷ୍ଠା ଶାଶୁ ଘର ଲୋକଙ୍କଠାରୁ ଅଲଗା ରହୁଛନ୍ତି । ତେବେ ଆଜି କୌଣସି କାରଣରୁ ଶୁଶୁ ବୋହୂଙ୍କ ମଧ୍ୟରେ ସାମାନ୍ୟ ବଚସା ହୋଇଥିଲା । ଫଳରେ ବୋହୂ ରାଗି ଯାଇ ଏକ କାଠ ଫାଳିଆରେ ଶାଶୁର ମୁଣ୍ଡକୁ ଶକ୍ତ ପାହାର ଦେଇଥିଲେ । ଫଳରେ ସଜନୀ ରକ୍ତଜୁଡୁବୁଡୁ ଅବସ୍ଥାରେ ସଜ୍ଞାହୀନ ହୋଇ ପଡି ରହିଥିଲେ। ଖବର ପାଇ ସ୍ୱାମୀ ଅନନ୍ତ ଘଟଣାସ୍ଥଳରେ ପଂହଚି ତାଙ୍କୁ ସଂଗେସଂଗେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ସେଠାରେ ଅବସ୍ଥା ସଂକଟାପନ ହେବାରୁ କଟକ ବଡ ମେଡିକାଲରୁ ପଠାଇ ଦିଆଯାଇଥିବା ଜଣାପଡିଛି । ଏନେଇ ଅନନ୍ତ ଧର୍ମଶାଳା ଥାନାରେ ବୋହୂ ନାମରେ ଏତଲା ଦେଇଥିବା ଜଣାପଡିଛି । ବୋହୂକୁ ତୁରନ୍ତ ଗିରଫ କରିବାକୁ ସେ ଦାବି କରିଛନ୍ତି ।

## ସରକାରୀ ପଲିଥିନ ବିକ୍ରି ଅଭିଯୋଗରେ ବିଜେପିର ଜିଲ୍ଲାପାଳଙ୍କୁ ଫେରାଦ

ଜଳେଶ୍ୱର, ୨୬/୯(ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ପୌରାଞ୍ଚଳରେ ଥିବା ୯ନଂ ୱାର୍ଡରେ କିଛି ବ୍ୟକ୍ତି ସରକାରୀ ପଲିଥିନ ଜନସାଧାରଣଙ୍କୁ ବିକ୍ରି କରୁଥିବା ଅଭିଯୋଗ ହୋଇଛି । ଅଧିକାରୀଙ୍କ ଅନୁପସ୍ଥିତିରେ ସଂଧ୍ୟାବେଳେ ଲୋକମାନଙ୍କୁ ବିକ୍ରି କରୁଥିବା ସମ୍ପର୍କରେ ବିଜେପିର କେତେକ କାର୍ଯ୍ୟକର୍ତ୍ତା ପ୍ରଶାସନୀକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଘଟଣାସ୍ଥଳରେ ତହସିଲଦାର ସତ୍ୟଜିତ୍ ମଲ୍ଲିକ ଓ ଅତିରିକ୍ତ ତହସିଲଦାର ହେମନ୍ତ ନାୟକ ପହଞ୍ଚି ପଲିଥିନ ଜବତ୍ କରିବା ସହିତ ସେ ଗୁଡିକୁ ଥାନା ଅଧିକାରୀଙ୍କୁ ହସ୍ତାନ୍ତର କରିଥିଲେ । ଅଭିଯୁକ୍ତଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହୋଇନଥିବାରୁ ଏ ସମ୍ପର୍କରେ ଜିଲାପାଳ, ଏସ୍.ପି ଓ ରେଭିନ୍ୟୁ ଡିଭିଜନ୍ାଲ କମିଶନଙ୍କ ଜଣାଇବା ସହିତ ଆସନ୍ତା ଦିନରେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ସୂଚନା ଦେଇଛନ୍ତି ।

## ପାରାଦୀପ ବନ୍ଦର ପକ୍ଷରୁ ମେଗା ସ୍ୱାସ୍ଥ୍ୟ ସେବା ଶିବିର



ପାରାଦୀପ,୨୬/୦୯ (ନି.ପ୍ର): ପାରାଦୀପ ବନ୍ଦର ପକ୍ଷରୁ ଆଜାଦି କି ଅମୃତ ମହୋତ୍ସବ କାର୍ଯ୍ୟକ୍ରମ ଅଧିନ ରେ ଏକ ମେଗା ସ୍ୱାସ୍ଥ୍ୟ ସେବା ଶିବିର ରବିବାର ଦିନ ଆୟୋଜିତ ହୋଇଯାଇଛି । ଗଡକୁଜଙ୍ଗ ପଂଚାୟତ ସମିତି କାର୍ଯ୍ୟାଳୟ ପରିସର ରେ ବନ୍ଦର ର ଉପାଧକ୍ଷ ଏ.କେ.ବୋଷ ଏହି ଶିବିର କୁ ଉଦ୍‌ଘାଟନ କରିଥିଲେ । ବନ୍ଦର ର ମୁଖ୍ୟ ଚିକିତ୍ସାଧିକାରୀ ଡା.ପ୍ରହ୍ଲାଦ ଚନ୍ଦ୍ର ପଣ୍ଡା, ପାରାଦୀପ ଲେଡିଜ୍ କ୍ଲବ ର ଉପାଧକ୍ଷା ସୁଚିସ୍ମିତା ବୋଷ୍, ଗଡକୁଜଙ୍ଗ ସରପଂଚ ସମ୍ପଦ କୁମାର ବାରିକ, ଗଡକୁଜଙ୍ଗ ଯୁବକ ସଂଘ ର ସଦସ୍ୟ ଓ କର୍ମକର୍ତ୍ତା ମାନେ ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ । ପାରାଦୀପ ବନ୍ଦର ଚିକିତ୍ସାଳୟ ର ମୁଖ୍ୟ ଚିକିତ୍ସାଧିକାରୀ ଡା.ପ୍ରହ୍ଲାଦ ଚନ୍ଦ୍ର ପଣ୍ଡା ଙ୍କ ସମେତ ଡାକ୍ତରୀ ଦଳ ଓ ସ୍ୱାସ୍ଥ୍ୟ ସହେଯାଗୀମାନେ ଯୋଗ ଦେଇ ହଜାର ରୁ ଉର୍ଦ୍ଧ୍ୱ ଶିବିରାର୍ଥୀ ଙ୍କ ମାଗଣା ରେ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ପାରିପାର୍ଶ୍ୱିକ ଉନ୍ନୟନ ଦାୟିତ୍ୱବୋଧତା ଅଧିନ ରେ ପାରାଦୀପ ବନ୍ଦର ଏହି ମାଗଣା ମେଗା ସ୍ୱାସ୍ଥ୍ୟ ସେବା ଶିବିର ର ଆୟୋଜନ କରିଥିଲା । ଆଗାମୀ ଦିନ ମାନଙ୍କ ରେ ପାରାଦୀପ ବନ୍ଦର ପାରିପାର୍ଶ୍ୱିକ ଉନ୍ନୟନ ଦାୟିତ୍ୱବୋଧତା ଅଧିନ ରେ ଏହି ଭଳି ସ୍ୱସ୍ଥ୍ୟ ଶିବିର ମାନ ଜନସାଧାରଣମାନଙ୍କ ନିମନ୍ତେ ଆୟୋଜନ କରିବ ବୋଲି ବନ୍ଦର ଲୋକ ସଂପର୍କ ବିଭାଗ ପକ୍ଷରୁ ପ୍ରେସ୍ ଇସ୍ତାହାର ରୁ ଜଣାପଡିଛି ।

## ଗୋପବନ୍ଧୁନଗର ପ୍ରେସ କ୍ଲବ ପକ୍ଷରୁ ଅରିନ୍ଦମଙ୍କୁ ଶ୍ରଦ୍ଧାଞ୍ଜଳି

ଉଦଳା,୨୬/୦୯ (ନି.ପ୍ର): କାର୍ଯ୍ୟରତ ଯୁବ ସାମ୍ବାଦିକ ଅରିନ୍ଦମ ଦାସଙ୍କ ବିୟୋଗରେ ଗୋପବନ୍ଧୁନଗର ପ୍ରେସ କ୍ଲବ ପକ୍ଷରୁ ଆଜି ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇ ଯାଇଛି । କ୍ଲବର ସଭାପତି ନିମାଇଁ ପ୍ରସାଦ ଦାଶ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହିତ ସାମ୍ବାଦିକ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ବ୍ୟକ୍ତ କରିଥିଲେ । ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଏହାପରେ ତାଙ୍କର ଫୋଟ ଚିତ୍ରରେ ପୁଷ୍ପ, ଧୂପ, ଅର୍ପଣ କରାଯାଇ କ୍ୟାଣ୍ଡେଲ ଜଳାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା ।



କାର୍ଯ୍ୟକ୍ରମରେ ସଂଘର ସଂପାଦକ ଡ଼. କୁମାର ବାବୁଲି, ସାମ୍ବାଦିକ ଶାନ୍ତନୁ ମଡୁଆଳ, ମାଣିକ ହେମ୍ବ୍ରମ, ଦୀପକ ଚୌଧୁରୀ, ରଞ୍ଜନ ମଡୁଆଳ, ସମ୍ମିତ କୁମାର ରାଉତ, ଯୋଗେଶ୍ୱର ସାହୁ, ସୂର୍ଯ୍ୟକାନ୍ତି ରାଉତ, ଜୟନ୍ତ କୁମାର ଓ, ମାନଓ ରଂଜନ ପାଣି, ସୁବ୍ରତ କୁମାର ମହାନ୍ତି, ହିରେନ ରାୟ, ତପନ ପାତ୍ର ପ୍ରମୁଖ ଅଂଶ ଗ୍ରହଣ କରି ଅରିନ୍ଦମଙ୍କ ଉଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଚିତ୍ତରଂଜନ ଦଳେଇ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ଓଡିଶା ଜେଏମଏମ ସଭାପତି ଅଞ୍ଜନୀ ସୋରେନଙ୍କ ବନ୍ୟାଂଚଳ ପରିଦର୍ଶନ



ବାରିପଦା,୨୬/୦୯ (ନି.ପ୍ର): ଓଡିଶା ଜେଏମଏମ ସଭାପତି ଅଞ୍ଜନୀ ସୋରେନ ମୋରଡା ବନ୍ୟା ଅଂଚଳ ପରିଦର୍ଶନ କରି ବନ୍ୟା ପରବର୍ତୀ ସମୟରେ ଦୂର୍ଦ୍ଦଶାରେ ଥିବା ଲୋକଙ୍କ ସହିତ ଆଲୋଚନା କରିଛନ୍ତି । ଲଗାଣ ଲଘୁଚାପ ବର୍ଷା ଓ ବନ୍ୟା ରେ ଜିଲ୍ଲାର ରାସଗୋବିନ୍ଦପୁର, ମରୋଡା ଓ ଶୁଳିଆପଦା ବ୍ଲକରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ, ବହୁ କଚ୍ଚା ଘର , ରାସ୍ତା ପୋଲ, ନଷ୍ଟ ହେବା ସହିତ , ମରୋଡାରେ କାନ୍ଥପଡି ଜଣଙ୍କର ମୃତ୍ୟୁ ଘଟିଛି । ରାସଗୋବିନ୍ଦପୁର ବ୍ଲକ ବଡାମପୁର ଠାରେ ଜଳକା ନଦୀବନ୍ଧ ଭାଙ୍ଗି ବ୍ୟାପକ ଚାଷଜମୀ ନଷ୍ଟ ହୋଇଛି । ତେବେ ଆଲୋଚନା ସମୟରେ ସରକାରୀ ରିଲିଫ ମୋରଡା ଗାଁ ର ୪୦ ଆଦିବାସୀ ଚାଷୀ ପରିବାର ବଞ୍ଚିତ ହୋଇ ଥିବାର ଅଭିଯୋଗ ଆସିବାରୁ ଶ୍ରୀମତୀ ସୋରେନ ଦୁଃଖ ପ୍ରକାଶ କରିବା ସହିତ ସ୍ଥାନୀୟ ବ୍ଲକ ଆଦିକାରୀଙ୍କ ସହ ଆଲୋଚନା କରିବେ ବୋଲି କହିଥିଲେ ।

## ଡେଲି ପାସେଞ୍ଜର ଟ୍ରେନ୍ ଚଳାଚଳ ଦାବିରେ ଭୁବନେଶ୍ୱର ରେଳ ଷ୍ଟେସନ୍ ସମ୍ମୁଖରେ ବିକ୍ଷୋଭ

ଭୁବନେଶ୍ୱର,୨୬/୦୯ (ନି.ପ୍ର): କୋଭିଡ୍-୧୯ର ପ୍ରତିଷେଧକ ସ୍ୱରୂପ ୨୦୨୦ ମସିହା ଏପ୍ରିଲ ମାସରୁ ଓଡ଼ିଶରେ ଚଳାଚଳ କରୁଥିବା ଡେଲି ପାସେଞ୍ଜର ଟ୍ରେନ୍ ବାତିଲ କରାଯାଇଅଛି। ଆମ ରାଜ୍ୟର ଲକ୍ଷଲକ୍ଷ ଶ୍ରମିକ ଓ କର୍ମଚାରୀମାନଙ୍କ ଜୀବିକା ହିଁ ଜୀବନ। ଏହାକୁ ଅନୁଭବ କରି ସରକାର କୋଭିଡ୍-୧୯ ମାର୍ଗଦର୍ଶିକାର ଅନେକ କଟକଣା କୋହଳ କରି ଜୀବିକା ଉପାର୍ଜନ ପାଇଁ ବାଟ ଫିଟାଇଛନ୍ତି। ମାତ୍ର ଡେଲି ପାସେଞ୍ଜର ଟ୍ରେନ୍ ଚଳାଚଳ ଆରମ୍ଭ ନ ହୋଇଥିବାରୁ ସଡ଼କ ପଥରେ ବସ୍ ଓ ମଟର ସାଇକେଲ ଦ୍ୱାରା ଦୈନିକ ୫୦/୧୦୦ ଟଙ୍କା ଖର୍ଚ୍ଚ କରି ଯାତାୟତ କରିବା ଅତ୍ୟନ୍ତ ଯନ୍ତ୍ରଣାଦାୟକ ହୋଇପଡ଼ିଛି। କର୍ମସ୍ଥଳୀକୁ ଯିବା ସହିତ ଜରୁରୀ ସମୟରେ ହସ୍ପିଟାଲ୍, ସରକାରୀ କାର୍ଯ୍ୟାଳୟ ଏବଂ ଛାତ୍ରଛାତ୍ରୀମାନଙ୍କର ଶିକ୍ଷାନୁଷ୍ଠାନକୁ ଯିବା ସମ୍ଭବ ହେଉନାହିଁ। ଡେଲି ପାସେଞ୍ଜର ଟ୍ରେନ୍‌ଗୁଡ଼ିକର ପୁନଃ ଚଳାଚଳ ଆରମ୍ଭ କରିବା, ପ୍ରତ୍ୟେକ ରେଳ ଷ୍ଟେସନ୍ କାଉଂଟରରେ ଡେଲି ଓ ମାସିକା ସିଜିନ୍ ଟିକେଟ୍ ବିକ୍ରି ଦାବିରେ ଡେଲି ପାସେଞ୍ଜର ମହାସଂଘ ତରଫରୁ ରାଜ୍ୟବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମହାସଂଘର ରାଜ୍ୟ ସଂଯୋଜକ ରାମଶଙ୍କରଙ୍କ ନେତୃତ୍ୱରେ ଭୁବନେଶ୍ୱର ରେଳଷ୍ଟେସନ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଷ୍ଟେସନ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଷ୍ଟେସନ୍ ମାଷ୍ଟରଙ୍କ ଜରିଆରେ ମାନ୍ୟବର ରେଳମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ରୂପସାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ବସ୍ତା,୨୬/୦୯ (ନି.ପ୍ର): ରୂପସା ଥାନା ଅନ୍ତର୍ଗତ ରୂପସା ସମିଲ ହସନପୁର ର ଏକତା କ୍ଲବ, ଜିଲ୍ଲା ରକ୍ତଦାତା ସଂଘ ଓ ଓଡ଼ିଶା ରକ୍ତଦାତା ସଂଘର ମିଳିତ ଆନୁକୂଲ୍ୟରେ ରବିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ପ୍ରତିମାଦେଇପୁର କ୍ଲଷ୍ଟରର ସିଆରସିସି ଗନ୍ଧମାର୍ଦ୍ଦନ ଦେହୁରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିବିର କୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଗୌରାଙ୍ଗ ପଣ୍ଡା, ଜିଲ୍ଲା ରକ୍ତଦାତା ସଙ୍ଘର ସଦସ୍ୟ ଅଧ୍ୟାପକ ରବୀନ୍ଦ୍ର କୁମାର ପଣ୍ଡା, ଓଡିଶା ରକ୍ତଦାତା ସଙ୍ଘର ସଭାପତି ଭିକାରୀ ଚରଣ ମିସ୍ତ୍ରୀ,



ସମ୍ପାଦକ ଗୋପାଳ ଚନ୍ଦ୍ର ସାହୁ, ମୁଖ୍ୟ ଉପଦେଷ୍ଟା ପ୍ରାକ୍ତନ ଷ୍ଟେସନ ମ୍ୟାନେଜର ଶ୍ରୀପତି ରାଉତ, ଶୀତାଂସୁ ବ୍ରହ୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ । ବ୍ଲଡ଼ ବ୍ୟାଙ୍କ ଅଫିସର ଡ଼ା. ମହେଶ କୁମାର ବିଶ୍ୱାଳ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ୫୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା କ୍ଷ କ୍ଲବ ସଭାପତି ହରିଶ ଚନ୍ଦ୍ର ବେହେରା, ସମ୍ପାଦକ ଜଗଦିଶ ବ୍ରହ୍ମଚାରୀ, ଉପସଭାପତି ଶ୍ୟାମସୁନ୍ଦର ବିଶ୍ୱାଳ, ସହ ସମ୍ପାଦକ ପଶୁପତି ରାଉତ,ଫକୀର ମୋହନ ପ୍ରଧାନ ପ୍ରମୁଖ ଶିବିର ପରିଚାଳନା କରିଥିଲେ ।

## ଜଳେଶ୍ୱରରେ ସ୍ୱର୍ଗତ ଅରିନ୍ଦମ ଦାସଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ

ଜଳେଶ୍ୱର ୨୬/୯(ନି.ପ୍ର): ସତ୍ୟ, ସ୍ୱଷ୍ଟ, ହୃଦୟଗ୍ରାହୀ ଚିତ୍ର ଉତ୍ତୋଳନ କରି ଜନସାଧାରଣଙ୍କ ଆଗରେ ସାହସିକତା ଓ ଦୁଃସାହସୀକତା ପ୍ରତିପାନ କରି ଆସୁଥିବା ଓଟିଭିର ଯୁବ ସାମ୍ବାଦିକ ଅରିନ୍ଦମ ଦାସଙ୍କ ପରଲୋକରେ ଜଳେଶ୍ୱର ସାମ୍ବାଦିକ ମାନଙ୍କ ପକ୍ଷରୁ ଏକ ଶ୍ରଦ୍ଧାସୁମନ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବରିଷ୍ଠ ସାମ୍ବାଦିକ ଅବନୀ କୁମାର ଚନ୍ଦ ସଭାପତିତ୍ୱ କରିଥିଲେ । ସ୍ତମ୍ଭକାର ସୁଦର୍ଶନ ଦାସ ଯୋଗ ଦେଇ ଖବର ଛାପିବାକୁ ଯାଇ ନିଜେ ଖବରର ଶିରନାମ ପାଲଟିଥିବା ଅରିନ୍ଦମ ଦାସ ଏକ ଲାଇଭ୍ ପ୍ରସାରଣ କରିବାକୁ ଯାଇ ଆମ ଗହଣରୁ ସବୁଦିନ ପାଇଁ ଚାଲିଯାଇଛନ୍ତି ସିନା ତାଙ୍କ ସ୍ମୃତି ଏବେବି ଅମର ହୋଇ ରହିଛି ଓ ରହିବ । ବେସାହାରା ହୋଇଥିବା ପୁଅ ଓ ସ୍ତ୍ରୀଙ୍କ ଲାଗି ସରକାର କାର୍ଯ୍ୟରତ ସରକାରଙ୍କ ଏପରି ଦୁର୍ଦ୍ଦିନ ବେଳେ ଆର୍ଥିକ ସହାୟତା ଦେବାକୁ ଦାବି କରିଥିଲେ । ଉପ ଜେଲର ଅନୁସୂୟା ଷଡଙ୍ଗୀ ଅରବିନ୍ଦ ବାବୁ ଇତିହାସ ପାଲଟିଥିବା କହିଥିବା ବେଳେ ସମାଜସେବି ଦିଲ୍ଲିପ କୁମାର ଗିରି, ଓଷ୍ଟାର ବ୍ଲକ ସଂପାଦକ ଡ. ଅଜିତ୍ କୁମାର ମହାନ୍ତି, ଜିଲା ରକ୍ତଦାତା ସଂଘର ସଭାପତି କମଳା ଚକ୍ରବର୍ତ୍ତୀ ଓ ବଣିକ ସଂଘର କାର୍ଯ୍ୟକାରୀ ସଭାପତି ବିଜୟ କୁମାର କାମିଲା ଯୋଗ ଦେଇ କାର୍ଯ୍ୟରତ ସାମ୍ବାଦିକଙ୍କ ମୃତ୍ୟୁରେ ସେମାନଙ୍କୁ ସହିଦ୍‌ର ମାନ୍ୟତା ଦେବାକୁ ଦାବି କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜୀବ କୁମାର ପରିଡା, ମନୋରଂଜନ ଦାସ, ସୁଦାମ ଚରଣ ପାତ୍ର, ଗିରିଜା ଶଂକର ଦାସ, ସାମ୍ବାଦିକ ସୁକୁମାର ରଣା, ମନୋଜ ଭୂୟାଁ, ଅବଦୁଲ ରହିମ୍, ଶ୍ରୀକୃଷ୍ଣ ଗୁପ୍ତା, ରବିନାରାୟଣ ପାତ୍ର, ଗୌରଗୋପାଳ ସେନ୍, ଗୌରୀଶଂକର ମହାନ୍ତି, ଅର୍ଜୁନ ଚରଣ ସିଂ, ସଂଜୟ ଦାସ, ଇଫ୍ରାଜ୍ ସାହା, ସୁବ୍ରତ ଘୋଷ, ଘନଶ୍ୟାମ ଗିରି ପ୍ରମୁଖ ଅରବିନ୍ଦ ଦାସଙ୍କୁ ସ୍ମୃତିଚାରଣ କରି ତାଙ୍କର ଦକ୍ଷତା ଓ କାର୍ଯ୍ୟକୁଶଳତା ସଂପର୍କରେ କହିଥିଲେ । ଆବାହକ ରାଜେଶ କୁମାର ପ୍ରଧାନ ମଂଚ ଆହ୍ୱାନ ଓ ଧନ୍ୟବାଦ ଅର୍ପଣ କରିଥିଲେ । ତାଙ୍କର ଆତ୍ମାର ସଦ୍‌ଗତି ଲାଗି ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା ।

## ଅପ୍ରାକୃତ -୪ ପୁସ୍ତକ ଓ ପ୍ରିୟା ତୁମେ ଅଡିଓ କ୍ୟାସେଟର ଶୁଭ ଲୋର୍କାପଣ ଉତ୍ସବ

ବାଲିଆପାଳ,୨୬/୦୯ (ନି.ପ୍ର): ବାଲିଆପାଳ ବ୍ଲକଛକ ସ୍ଥିତ ଏସକେଜି ସାରସ୍ୱତ ଟ୍ରଷ୍ଟ ଓ ପାଠାଗାର ସଭାଗୃହରେ ରବିବାର ଡ.ରସିକାନନ୍ଦ ମହାନ୍ତିଙ୍କ ଅପ୍ରାକୃତ-୪ ଓ ଅଧ୍ୟାପକ ସୁକାନ୍ତ ଗିରିଙ୍କ ଅଡିଓ କ୍ୟାସେଟ୍ ପ୍ରିୟା ତୁମେ ର ଶୁଭ ଲୋର୍କାପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଜଳେଶ୍ୱର ଦୀନକୃଷ୍ଣ ସ୍ମୃତି ପରିଷଦର ସଂପାଦକ ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳ ଅପ୍ରାକୃତ-୪କୁ ଉନ୍ମୋଚିତ କରିଥିବା ବେଳେ ଅଧ୍ୟାପକ ସୁକାନ୍ତ ଗିରିଙ୍କ ଅଡିଓ କ୍ୟାସେଟ୍ ପ୍ରିୟା ତୁମେ କୁ ବାଲେଶ୍ୱର ଫକୀରମୋହନ ସାହିତ୍ୟ ପରିଷଦର ପୂର୍ବତନ



ସଭାପତି ତଥା ଯଶସ୍ୱୀ ବ୍ୟାଙ୍ଗକାର ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀ ଲୋର୍କାପିତ କରିଥିଲେ । ଅଧ୍ୟାପକ ଗିରି ଉତ୍ସବରେ ପୌରହିତ୍ୟ କରିଥିବା ବେଳେ ବରିଷ୍ଠ କଥାକାର ତଥା ଫକୀର ମୋହନ ସାହିତ୍ୟ ପରିଷଦର ସଂପାଦକ ନିବାରଣ ଜେନା, ସୁସାହିତ୍ୟକ ଦୀପକ କୁମାର ବୋଷ, କବୟିତ୍ରୀ କଲ୍ୟାଣ ନନ୍ଦ, ବାଲିଆପାଳ କଳାକାର ସଂଘର ସଭାପତି ଝାଡେଶ୍ୱର ପ୍ରଧାନ,ଗୀତିକାର ନିଗମ ଦାସ ଅଧିକାରୀ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ଉଦବୋଧନ ଦେଇଥିଲେ । ଡ.କୃଷ୍ଣାକୁମାରୀ ନାୟକ,ଅଞ୍ଜଳି ଶତପଥୀ,କବିତା ପ୍ରଧାନ,ବ୍ୟାଙ୍ଗ କବି ଅର୍ଦ୍ଧେନ୍ଦୁ ପାଣୀଗ୍ରାହୀ,ଶଙ୍ଖକୁଞ୍ଜର ପ୍ରତିଷ୍ଠାତା କାର୍ତିକ ସେଠୀ,ମିତାରାଣୀ ପାଣୀଗ୍ରାହୀ,ସୁଜାତା ରଣା,ସୁରେନ୍ଦ୍ର ରାଉଳ,ବାରମାଧବ ଦାସ,ଅଧ୍ୟାପକ ନିରଞ୍ଜନ ବେହେରା,ଅଧ୍ୟାପକ କୁଞ୍ଜକାନ୍ତ ପାତ୍ର,ପ୍ରଫୁଲ ବାଗ,ବାବୁଲି ପାତ୍ର,ସହଯୋଗୀ ବିଜୟ,ରାମକୃଷ୍ଣ ଦାସ ଅଧିକାରୀ,ସୁରେନ୍ଦ୍ର ପରିଡା,ବିଜୟ ପାତ୍ର ପ୍ରମୁଖ ସାରସ୍ୱତ ସ୍ରଷ୍ଟା ମାନେ ଯୋଗ ଦେଇ ଏଥିରେ ଅଂଶ ଗ୍ରହଣ କରିଥିଲେ । ଲକ୍ଷ୍ମୀପ୍ରିୟା ମହିଳା କଲେଜର ଅଧ୍ୟକ୍ଷା ସୁଦୀପ୍ତା ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo